R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୮
ତିଥି : ଏକାଦଶୀ
୧୪ ମାର୍ଚ୍ଚ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 158
14 March 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଗୌହାଟିରେ ପିଏମ୍ କିଷାନ ଉତ୍ସବ ଦିବସରେ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

## ୯.୩୨ କୋଟି ଚାଷୀ ପାଇଲେ ୧୯ ହଜାର କୋଟି

ଭୁବନେଶ୍ୱର, ୧୩।୩ (ସବ୍ୟ) : ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି। "ଜୟ କିଷାନ"ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ। ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।



ସୂଚନାଯୋଗ୍ୟ ଯେ, ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୨ତମ କିସ୍ତିରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି।

### ଓଡ଼ିଶାର ୩୪ ଲକ୍ଷ କୃଷକ ପାଇଲେ ୬୮୪ କୋଟି

### ଚାଷ ହେଉଛି ଆମର ଅର୍ଥନୈତିକ ମେରୁଦଣ୍ଡ : ମୁଖ୍ୟମନ୍ତ୍ରୀ

ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ (୯ ପୃଷ୍ଠାରେ)

### ଋତୁସ୍ରାବ ସମୟରେ ବାଧ୍ୟତାମୂଳକ ଛୁଟିକୁ ସୁପ୍ରିମ୍‌କୋର୍ଟଙ୍କ ନା

## ମହିଳାଙ୍କ ନିଯୁକ୍ତି କ୍ଷେତ୍ରରେ ପଡ଼ିବ ପ୍ରଭାବ

ନୂଆଦିଲ୍ଲୀ, ୧୩।୩ : ମହିଳାମାନଙ୍କ ଲାଗି ଋତୁସ୍ରାବ ସମୟରେ ଛୁଟି ବାଧ୍ୟତାମୂଳକ ଆବେଦନର ବିଚାର କରିବା ପାଇଁ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ତି। ଏଭଳି ହେଲେ ମହିଳାମାନଙ୍କୁ କେହି ଚାକିରି ପାଇଁ ରଖିବେ ନାହିଁ। ନିଯୁକ୍ତିଦାତାମାନେ ମହିଳାଙ୍କୁ ନିଯୁକ୍ତି ଦେବାରୁ ନିବୃତ୍ତ ହେବେ। ଏଭଳି ଆଇନ୍ କଲେ ମହିଳାଙ୍କୁ ନିଯୁକ୍ତି ଦେବା ଉପରେ ପ୍ରଭାବ ପଡ଼ିବ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି।

ଏହାଦ୍ୱାରା ମଧ୍ୟ ଅଜାଣତରେ ଲିଙ୍ଗଗତ ଧାରଣା ଆହୁରି ଦୃଢ଼ ହେବ ବୋଲି ପ୍ରଧାନ ବିଚାରପତି ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି। ଏଭଳି ଆଇନ୍ ମହିଳା କର୍ମଚାରୀଙ୍କ ଉପରେ



ଏକ ମାନସିକ ଭୟ ଓ ଧାରଣା ସୃଷ୍ଟି କରିବ। ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ଆବେଦନ କରି ସୁପ୍ରିମ୍‌କୋର୍ଟରୁ ଏକ ନିର୍ଦ୍ଦେଶନାମା ଚାହିଁଥିଲେ। ଖଣ୍ଡପୀଠ କହିଥିଲେ ଯେ ସଚେତନତା ସୃଷ୍ଟି କରିବା ଏକ ଭିନ୍ନ କଥା। କିନ୍ତୁ ଯେଉଁ ସମୟରେ ଆମେ ଏହି ବାଧ୍ୟତାମୂଳକ ଛୁଟି ଆଇନ୍ ଆଣିବୁ କୌଣସି ସଂସ୍ଥା ମହିଳାମାନଙ୍କୁ ନିଯୁକ୍ତି ଦେବେନାହିଁ। ଆବେଦନକାରୀଙ୍କୁ ଚେତାବନୀ ଦେଇ ଖଣ୍ଡପୀଠ କହିଥିଲେ ଯେ ଆମେ ନିଯୁକ୍ତିଦାତାଙ୍କ ମନସ୍ତତ୍ୱ ଜାଣିନାହୁଁ। ଏଭଳି ଆଇନ୍ ଆଣିଲେ ସେମାନେ ମହିଳାଙ୍କୁ ନିଯୁକ୍ତି ଦେବେନାହିଁ ଏହା ସ୍ପଷ୍ଟ। ସମ୍ବିଧାନରେ ମହିଳାମାନଙ୍କୁ ସମ୍ମାନ ଦେବାପାଇଁ ସ୍ୱୀକୃତି ରହିଛି। ମାତ୍ର ନିଯୁକ୍ତି ବଜାରରେ ଏହାର ପ୍ରକୃତ ବାସ୍ତବିକତାକୁ ଦେଖିବାକୁ ପଡ଼ିବ। ମାନବସମ୍ବଳକୁ ଅନଆକର୍ଷଣୀୟ କରିବା ଠିକ୍ ହେବନାହିଁ। ଅନ୍ୟ ଲିଙ୍ଗ ଦ୍ୱାରା ଏଭଳି ସୁବିଧା ମିଳିଲେ ଅଲଗା କର୍ମଚାରୀ ଖୁସି ହେବେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଥିଲେ ଯେ ମହିଳାମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ଆବେଦନକାରୀ ଚାହୁଁଛନ୍ତି କି। (୯ ପୃଷ୍ଠାରେ)

## ଶୋଷଣ ହେଉଛନ୍ତି ଆଉଟସୋର୍ସିଂ କର୍ମଚାରୀ

ଭୁବନେଶ୍ୱର, ୧୩।୩ (ସବ୍ୟ): ରାସ୍ତାରେ ଦୀର୍ଘଦିନ ଧରି ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସେମାନଙ୍କୁ ସମାନ କାମକୁ ସମାନ ଦରମା ଦିଆଯାଉ ନାହିଁ। ଏଜେନ୍ସି ଏବଂ ସରକାର ମିଳିମିଶି ଶୋଷଣ କରୁଛନ୍ତି। ବିଭିନ୍ନ ବିଭାଗରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରାଯାଉଛି। କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ପୌର ସଂସ୍ଥାରେ ୩୦ହଜାର ଏବଂ ଅନ୍ୟାନ୍ୟ ବିଭାଗରେ ହଜାର ହଜାର ସଂଖ୍ୟାରେ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ମାସିକ ୮ରୁ ୧୦ ହଜାର ଟଙ୍କା ଦରମା ଦିଆଯାଉଛି । ଆଉଟସୋର୍ସିଂ ନାମରେ ଏଜେନ୍ସି ଓ ରାଜ୍ୟ ସରକାର ଶୋଷଣ

### ସମାନ କାମକୁ ସମାନ ଦରମା ଦିଅନ୍ତୁ ସରକାର

### ବଦନାମ ଭୟରେ ମୁଲତବୀକୁ ଆଣିଲେନି

ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ବିରୋଧୀ କଂଗ୍ରେସ ସଭ୍ୟମାନେ ଦାବି କରିଛନ୍ତି ।

ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ରାଜ୍ୟରେ ଏବେ ସାଢ଼େ ୩ଲକ୍ଷ ପଦବୀ ଖାଲିପଡ଼ିଛି । ସ୍ୱାସ୍ଥ୍ୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୪୦ ହଜାରରୁ ଉର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କରୁଛନ୍ତି । ସରକାର ବଦନାମ ହେବେ ବୋଲି ଏ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆଣିଲେ ନାହିଁ ବୋଲି ଶ୍ରୀ କାଡ଼ାମ ଅଭିଯୋଗ କରିଛନ୍ତି ।

ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ରାଜରାସ୍ତାରେ ଖରାରେ ଆଉଟସୋର୍ସିଂ କର୍ମଚାରୀମାନେ ଧାରଣାରେ ବସିରହିଛନ୍ତି । ସେମାନେ ୧୫ରୁ ୨୦ ବର୍ଷ ହେବ ଆଉଟସୋର୍ସିଂ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ପାଇଁ ଇପିଏଫ୍ ଓ ଜିପିଏଫ୍‌ର କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଏଜେନ୍ସିମାନେ ସରକାରଙ୍କଠାରୁ ୨୦ରୁ ୨୫ ହଜାର ଟଙ୍କା ଦରମା ବାବଦକୁ ନେଉଥିବା ବେଳେ କର୍ମଚାରୀମାନଙ୍କୁ ମାତ୍ର ୮ରୁ ୧୦ ହଜାର ଟଙ୍କା ଦେଉଛନ୍ତି। ମହଙ୍ଗା ବେଳେ ସେମାନଙ୍କ ପରିବାର ଚଳାଇବା ମୁସ୍କିଲ ହୋଇପଡୁଛି । ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି । ପୂର୍ବ ସରକାର ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଆରମ୍ଭ କରିଥିଲେ । ବିଜେପି ସରକାର ବିରୋଧୀ ଆସନରେ ଥିବାବେଳେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସରକାରକୁ ଆସିବା ପରେ ସେମାନେ ଏହା ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଛନ୍ତି । ଏସମ୍ପର୍କରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ଏବର ସରକାର ବିରୋଧୀ (୯ ପୃଷ୍ଠାରେ)

### ୧୪ ଦିନରେ ଆମେରିକା-ଇସ୍ରାଏଲ, ଇରାନ ଯୁଦ୍ଧ

## ଗଲାଣି ୧୩୪୮ ସାଧାରଣ ଲୋକଙ୍କ ଜୀବନ

ନୂଆଦିଲ୍ଲୀ, ୧୩।୩ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଇସ୍ରାଏଲ, ଆମେରିକା ଓ ଇରାନର ଯୁଦ୍ଧ ୧୪ ଦିନରେ ପହଞ୍ଚିଛି। ୧୪ ଦିନରେ ଆଜି ଇସ୍ରାଏଲ ତେହେରାନ ଉପରେ ବ୍ୟାପକ ମିଶାଇଲ ମାଡ କରିଥିବାବେଳେ ଇରାନ ପକ୍ଷରୁ ଗଲ୍ଫ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣକୁ ଜୋରଦାର କରାଯାଇଛି। ହରମୁଜ୍ ପ୍ରଣାଳୀକୁ ଇରାନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେବାପରେ ସମଗ୍ର ବିଶ୍ୱରେ ତୈଳ ସଙ୍କଟ ସୃଷ୍ଟି ହୋଇଛି।

ଇତି ମଧ୍ୟରେ ୱାସିଂଟନ ଉପରେ ଯୁଦ୍ଧ ବନ୍ଦ କରିବା ଲାଗି ଚାପ ପଡ଼ିଛି। ଅପରପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ ସଦସ୍ୟ ଦେଶଗୁଡ଼ିକୁ ସୂଚନା ଦେଇଛନ୍ତି ଇରାନ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରିବାକୁ ଯାଉଛି। ଏକ ଫୋନ୍ କଲ୍ ଜରିଆରେ ଟ୍ରମ୍ପ ନିଜର ଆତ୍ମବିଶ୍ୱାସ ପ୍ରକଟ




କରିଛନ୍ତି। ଟ୍ରମ୍ପଙ୍କ ଦାବିର କିଛି ସମୟ ପୂର୍ବରୁ ଇରାନର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନି ନିଜଦେଶର ନାଗରିକଙ୍କୁ ଆମେରିକା ଓ ଇସ୍ରାଏଲ ବିରୋଧରେ ଲଢ଼ିବା ପାଇଁ ଆହ୍ୱାନ ଦେଇଛନ୍ତି। ମୋଜତବା (୯ ପୃଷ୍ଠାରେ)

## ହରମୁଜ୍ ପ୍ରଣାଳୀ ଭାରତ ପାଇଁ ମୁକ୍ତ

ନୂଆଦିଲ୍ଲୀ, ୧୩।୩ : ହରମୁଜ୍ ପ୍ରଣାଳୀ ଦେଇ ଭାରତର ଜାହାଜଗୁଡ଼ିକ ନିରାପଦରେ ଅତିକ୍ରମ କରିପାରିବ ବୋଲି ଭାରତରେ ଥିବା ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫତହାଲୀ କହିଛନ୍ତି। ଭାରତକୁ ବନ୍ଧୁ ବୋଲି ଦର୍ଶାଇ ସ୍ୱାର୍ଥ ରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଇରାନ ମଧ୍ୟପ୍ରାଚ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଗଲ୍ଫ ରଷ୍ଟ୍ରଗୁଡ଼ିକରେ ସମୂଦ୍ର ତଟରେ ସୁରକ୍ଷା ଏବେ ପ୍ରଶ୍ନବାଚୀ ହୋଇଛି।

ଗଣମାଧ୍ୟମକୁ ଇରାନ ରାଷ୍ଟ୍ରଦୂତ କହିଛନ୍ତି ଯେ ଭାରତ ହେଉଛି ଆମର ବନ୍ଧୁ। ଆମେ ଦୁଇ ରୁ ତିନି ଘଣ୍ଟା ମଧ୍ୟରେ ଭାରତର ଜାହାଜଗୁଡ଼ିକୁ ଛାଡ଼ିବା ପାଇଁ ଚେଷ୍ଟା କରିବୁ। ଭାରତ ଓ ଇରାନ ମଧ୍ୟରେ ପାରସ୍ପରିକ ସାଧାରଣ ସ୍ୱାର୍ଥ ରହିଛି। ଆମେ ଯେତେବେଳେ ଭାରତର ଜାହାଜଗୁଡ଼ିକୁ ସୁରକ୍ଷିତ ଭାବରେ ହରମୁଜ୍ ପ୍ରଣାଳୀ ଦେଇ ପାରିତ କରାଇବୁ ଏହାର ସକରାତ୍ମକ ପ୍ରଭାବ ପଡ଼ିବ। ଆମେ (୯ ପୃଷ୍ଠାରେ)

## ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୧୩।୩ (ସବ୍ୟ) : ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗର ଅଧ୍ୟକ୍ଷ ନିଯୁକ୍ତି ହୋଇଛନ୍ତି। ଜମ୍ମୁ-କାଶ୍ମୀରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରଶ୍ମିରଞ୍ଜନ ସ୍ୱାଇଁ ଏହାର ପ୍ରଥମ ଅଧ୍ୟକ୍ଷ ହୋଇଛନ୍ତି। ସୂଚନାଯୋଗ୍ୟ ସମସ୍ତ ୟୁନିଫର୍ମ ସେବାରେ ନିଯୁକ୍ତି ଲାଗି ଏକ ଆୟୋଗ ଗଠନ କରିବାକୁ (୯ ପୃଷ୍ଠାରେ)



### ବିଧାନସଭାରେ ବିଜେଡି ବିଧାୟକ ଦଳ ଉପନେତାଙ୍କ ଉଦ୍‌ବେଗ

## ଝାରସୁଗୁଡ଼ାରେ ଛତିଶଗଡ ସରକାରଙ୍କ ଅନୁପ୍ରବେଶ

ଭୁବନେଶ୍ୱର, ୧୩।୩ (ସବ୍ୟ): ଝାରସୁଗୁଡ଼ା ଜିଲ୍ଲାର କନକତୋରା ଅଞ୍ଚଳରେ ଛତିଶଗଡ଼ ସରକାର ବେଆଇନ ଅନୁପ୍ରବେଶ କରୁଛନ୍ତି । ଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ସରକାରକୁ ତତ୍ପରତା ଦେଖାଇବାକୁ ସତର୍କ କରାଇଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ।

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ ଓଡ଼ିଶାର ସୀମା ସୁରକ୍ଷା ଓ ଅଖଣ୍ଡତାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଶୁକ୍ରବାର ଶ୍ରୀ ଆଚାର୍ଯ୍ୟ କହିଥିଲେ, ବହୁ ସଂଘର୍ଷ କରି ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ୧୯୫୬ ମସିହାରେ ସୀମା ନିର୍ଦ୍ଧାରଣ ସମୟରେ ଓଡ଼ିଶା ଅବହେଳାର ଶିକାର ହେଲା । ଖରସୁଆଁ ଭଳି ବହୁ ଅଞ୍ଚଳ ଓଡ଼ିଶାରେ ରଖିଲେ ନାହିଁ । ଓଡ଼ିଶାକୁ ବିକଳାଙ୍ଗ କରିବାକୁ ଷଡ଼ଯନ୍ତ୍ର ପୁଣି ଆରମ୍ଭ ହୋଇଛି । ଆନ୍ଧ୍ର ପ୍ରଦେଶ ସରକାର କୋଟିଆରେ ବେଆଇନ ପ୍ରବେଶ କରୁଛନ୍ତି । ତାଙ୍କ ସରକାରଙ୍କର ମନ୍ତ୍ରୀମାନେ ସେଠାରେ ସଭା ସମିତି କରୁଛନ୍ତି । ପଞ୍ଚାୟତ ନିର୍ବାଚନ କରିବା ପାଇଁ ପ୍ରୟାସ କରୁଥିଲେ ।

ଆମର ପଡ଼ୋଶୀ ଜିଲ୍ଲା ଛତିଶଗଡ ସହିତ ଝାରସୁଗୁଡ଼ା, ବରଗଡ଼ ଓ ଅନ୍ୟ ଜିଲ୍ଲାର ସୀମା ଲାଗି ରହିଛି । ଏବେ ଝାରସୁଗୁଡ଼ା ଜିଲ୍ଲା କନକତୋରାରେ ଛତିଶଗଡ ସରକାର ବେଆଇନ ଅନୁପ୍ରବେଶ କରୁଛନ୍ତି । କନକତୋରା ଗାଁର ୩ କିଲୋମିଟର ରାସ୍ତାକୁ ଅକ୍ତିଆର କରୁଛି ଶତିଶଗଡ଼ । ସେ ରାସ୍ତା ଉପରେ ଛତିଶଗଡ ସରକାର ଆଧିପତ୍ୟ ଦେଖାଉଛନ୍ତି । ସେଠାରେ ୪ ଲେନ୍ ରାସ୍ତା ନିର୍ମାଣ ପାଇଁ (୯ ପୃଷ୍ଠାରେ)

## ରୋଚକ ସ୍ଥିତିରେ ରାଜ୍ୟସଭା ନିର୍ବାଚନ

ଭୁବନେଶ୍ୱର, ୧୩।୩ (ସବ୍ୟ) : ଆସନ୍ତା ୧୬ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ଏବେ ରୋଚକ ସ୍ଥିତିରେ ପହଞ୍ଚିଛି। ବିରୋଧୀ ଦଳଗୁଡ଼ିକ ତାଙ୍କ ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ଯୋଜନା ଆରମ୍ଭ କରୁଛନ୍ତି। କଂଗ୍ରେସର ୮ ବିଧାୟକ ବେଙ୍ଗାଲୁରୁ ଯାଇଛନ୍ତି। ସେଠାରେ ଏକ ରିସୋର୍ଟରେ ସେମାନେ ରହୁଛନ୍ତି। କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଆଜି ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ଅପରପକ୍ଷରେ ବିଜେପି ହ୍ୱିପ୍ ଜାରି କରିଛି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ହ୍ୱିପ୍ ଜାରି କରିଛନ୍ତି। ୧୬ ତାରିଖ ରାଜ୍ୟସଭା ନିର୍ବାଚନ ଦିନ ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ କୁହାଯାଇଛି।

ସେହିଭଳି ବିଜେଡି ଶିବିର ମଧ୍ୟ ଚଳଚଞ୍ଚଳ ହୋଇଛି। ବିଧାୟକଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ରାଜ୍ୟସଭା ନିର୍ବାଚନରେ କିଭଳି ଭୋଟ୍ ଦିଆଯିବ ସେ ନେଇ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ସନ୍ଧ୍ୟା ୫.୩୦ ରୁ ୭.୩୦

- ବିଜେପି ଜାରି କଲା ହ୍ୱିପ୍
- ବେଙ୍ଗାଲୁରୁ ରିସୋର୍ଟରେ କଂଗ୍ରେସ ବିଧାୟକ
- କଂଗ୍ରେସ ବିଧାୟକଙ୍କୁ ଭେଟିଲେ ଶିବକୁମାର
- ନବୀନ ନିବାସରେ ଭୋଟ୍ ଦେବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ରବିବାର ହେବ ବିଜେଡି ବିଧାୟକ ଦଳ ବୈଠକ

କ୍ରସ୍ ଭୋଟିଂ ଆଶଙ୍କାକୁ ଏଡାଇବାକୁ ଏହି ବ୍ୟବସ୍ଥା କରାଯାଇଛି। ଏହାଛଡା ଆଜିଠାରୁ ନବୀନ ନିବାସରେ ଯାଏ ଏହି ପ୍ରଶିକ୍ଷଣ କାର୍ଯ୍ୟ ଚାଲିବ। ବିଧାୟକ ଦଳ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି। ପ୍ରଥମ ଭାଗରେ ୩୦ ବିଧାୟକଙ୍କୁ ଭୋଟ୍ ଦେବାକୁ ଛଡାଯିବ। ସେମାନେ ସମସ୍ତେ ସନ୍ତୃପ୍ତ ମିଶ୍ରଙ୍କୁ ଭୋଟ୍ ଦେବେ। ୩୦ ବିଧାୟକ ଏକାଠି ହୋଇ ବିଧାନସଭା ଆସିବେ। ଏହାପରେ ଅବଶିଷ୍ଟ ବିଧାୟକ ବିଧାନସଭା ଆସି ଦତ୍ତେଶ୍ୱର ହୋତାଙ୍କୁ ଭୋଟ୍ ପ୍ରଦାନ କରିବେ। ରବିବାର ଦିନ ନବୀନ ନିବାସରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବିଜେଡି ପକ୍ଷରୁ ଏକ ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରାଯାଇ କ୍ରସ୍ ଭୋଟିଂ ରୋକିବା ଲାଗି ଯୋଜନା କରାଯାଇଛି। ତେବେ କଂଗ୍ରେସର ୮ ବିଧାୟକ ବେଙ୍ଗାଲୁରୁ ଯାଇଥିବାବେଳେ ଆଉ ୬ ବିଧାୟକ ଓଡ଼ିଶାରେ ଅଛନ୍ତି। କଂଗ୍ରେସ ବିଧାୟକଙ୍କ ଅନ୍ୟ ରାଜ୍ୟକୁ ଗସ୍ତ ନେଇ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋ ନାପସନ୍ଦ (୯ ପୃଷ୍ଠାରେ)

### ସମ୍ପତ୍ତିକୁ କେନ୍ଦ୍ରକରି ଅଭାବନୀୟ ଘଟଣା

## ଗଡ଼ିଲା ମା’-ପୁଅଙ୍କ ମୁଣ୍ଡ

ନିଶ୍ଚିନ୍ତକୋଇଲି, ୧୩।୩ (ସବ୍ୟ) : ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଘରେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହୋଇଛି। ଘରେ ମାଆ ପୁଅଙ୍କ ମୁଣ୍ଡ ଗଡିଛି । ହତ୍ୟାକାରୀକୁ ସାଲେପୁର ଥାନା ପୋଲିସ ଗିରଫ କରିଛି । ଏହି ଘଟଣାଟି ଗ୍ରାମରେ ଉତ୍ତେଜନାମୂଳକ ପରିବେଶ ସୃଷ୍ଟି କରିଛି । ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମରେ ଦୀର୍ଘ ଦିନ ହେଲା ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଭାଇ ଭାଇଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଆସୁଥିଲା ।

ଆଜି ଗାଁ ଲୋକେ ପବିତ୍ର ରମଜାନ ମାସ ଯୋଗୁ ନିଜ ନିଜ ଘରେ ରହିଥିଲେ। ଏହି ଅବସରରେ ଫଗୋଲ ଗ୍ରାମରେ ଭାଇ ଭାଇଙ୍କ ମଧ୍ୟରେ ଝିମିଟି ଖେଳରୁ ମହାଭାରତ ଆରମ୍ଭ ହୋଇଯାଇଥିଲା । ନୂତନ ଗୃହ ନିର୍ମାଣକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଯାଇଥିଲା । ଏଥିରେ ପ୍ରତିହିଂସା ପରାୟଣ ହୋଇ କୁଲସୁନ ବିବି(୮୦)ଙ୍କ ସାନପୁତ୍ର ତାଙ୍କ ମାଆଙ୍କ ଉପରେ ଏକ ଗ୍ୟାସ ସିଲିଣ୍ଡର ସହାୟତାରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମାଆଙ୍କ କରୁଣ ଚିକାର ଶୁଣି ବଡ ଭାଇ ସେକ ସମସେର(୫୦) ଘଟଣାସ୍ଥଳକୁ ଦୌଡି ଆସିଥିଲେ । ରକ୍ତମୁଖା ହୋଇପଡିଥିବା ସାନଭାଇ ପପୁ(୩୫)ମାଆଙ୍କୁ ବାଡେଇ ବାଡେଇ ହତ୍ୟା କରିବା ପରେ ପାଖରେ ପଡିଥିବା ଏକ କୋଦାଳ ସାହାଯ୍ୟରେ ବଡ ଭାଇଙ୍କ ଉପରେ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ବଡ ଭାଇ ସେକ ସମସେରଙ୍କର ମୃତ୍ୟୁ ଘଟିଥିଲା । ଏଠାରେ ସୂଚନା ଥାଉକି ଗ୍ୟାରେଜ ମିସ୍ତ୍ରୀ ରୂପେ କାମ କରୁଥିବା (୯ ପୃଷ୍ଠାରେ)

## ମ୍ୟାଲେରିଆ ନିରାକରଣରେ ନୂଆ ଉପାୟ



ମ୍ୟାଲେରିଆ ନିରାକରଣ ଦିଗରେ ବିଶ୍ୱର ବୈଜ୍ଞାନିକମାନେ ଏକ ଯୁଗାନ୍ତକାରୀ ସଫଳତା ହାସଲ କରିଛନ୍ତି। ଏକ ଗବେଷଣା ଅନୁଯାୟୀ, ଗବେଷକମାନେ ପ୍ଲାଜମୋଡିୟମ୍ ପରଜୀବୀ ମଧ୍ୟରେ ଏଆରକେ ୧ ନାମକ ଏକ ସ୍ୱତନ୍ତ୍ର ପ୍ରୋଟିନ୍ ଚିହ୍ନଟ କରିଛନ୍ତି, ଯାହା ପରଜୀବୀର ବଞ୍ଚି ରହିବା ଏବଂ ବଂଶବୃଦ୍ଧି ପାଇଁ ଅପରିହାର୍ଯ୍ୟ । ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ନଟିଂହମ୍ ବିଶ୍ୱବିଦ୍ୟାଳୟ, ଭାରତର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇମ୍ୟୁନୋଲୋଜି , ଗ୍ରୋନିଙ୍ଗେନ୍ ବିଶ୍ୱବିଦ୍ୟାଳୟ ଏବଂ ଫ୍ରାନ୍ସିସ୍ କ୍ରିକ୍ ଇନଷ୍ଟିଚ୍ୟୁଟ୍‌ର ମିଳିତ ପ୍ରୟାସ ଦ୍ୱାରା ସମ୍ଭବ ହୋଇଛି । ବୈଜ୍ଞାନିକମାନେ ଏହି ମଲିକ୍ୟୁଲକୁ ଏକ 'ଟ୍ରାଫିକ କଣ୍ଟ୍ରୋଲର' ଭାବେ ବର୍ଣ୍ଣନା କରିଛନ୍ତି, ଯାହା ପରଜୀବୀର କୋଷ ବିଭାଜନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିଥାଏ । ସାଧାରଣତଃ ମଣିଷ କୋଷର ବିଭାଜନ ପ୍ରକ୍ରିୟା ତୁଳନାରେ ମ୍ୟାଲେରିଆ ପରଜୀବୀର ଏହି ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ ଓ ଅତ୍ୟନ୍ତ ଜଟିଳ । ତେବେ ଏହି ପ୍ରୋଟିନ୍ ଅଭାବରୁ ପରଜୀବୀଟି ମଣିଷ ଶରୀର କିମ୍ବା ମଶା ଶରୀର ମଧ୍ୟରେ ନିଜର ବିକାଶ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବନାହିଁ , ଯେଉଁ କାରଣରୁ ଲାନାହିଁ ମ୍ୟାଲେରିଆ ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ସଂକ୍ରମିତ ହେବା ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ସୂଚନା ଅନୁସାରେ ୨୦୨୪ ମସିହାରେ ସାରା ବିଶ୍ୱରେ ମ୍ୟାଲେରିଆ ଯୋଗୁଁ ପ୍ରାୟ ୬,୧୦,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି । ଏବେ ଏପରି ନୂଆ ଔଷଧ ପ୍ରସ୍ତୁତ କରାଯାଇପାରିବ ଯାହା କେବଳ ପରଜୀବୀର ଏଆରକେ ୧ କୁ ହିଁ ନଷ୍ଟ କରିବ, ଯାହାଦ୍ୱାରା ରୋଗୀର ଶରୀର ଉପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପଡ଼ିବ ନାହିଁ । ଏହାକୁ ନେଇ ଅଧିକ ଗବେଷଣା ଜାରି ରହିଛି ।

## ସୋସିଆଲ କୋଟ୍ସ



ଫିଲ୍ମଟି ଧର୍ମାନ୍ତରଣ ବିରୋଧରେ ଥିଲା । ହେଲେ ମୋ ଫିଲ୍ମର ହିରୋଇନ ହିଁ ଧର୍ମାନ୍ତରଣ କରିଦେଲେ । ତେଣୁ ବର୍ତ୍ତମାନ ଫିଲ୍ମ କିଭଳି ରିଲିଜ କରିବି ଜାଣି ପାରୁନାହିଁ । ମୋ ସହିତ ଖୁବ ଖରାପ ହୋଇଛି ।

**ସନୋଜ ମିଶ୍ର, ନିର୍ଦ୍ଦେଶକ**



ଦି ୫୦ ଗେମ ମୋ ବୁଝିବା ଶକ୍ତିର ବାହାରେ ଥିଲା । ତାହାକୁ ବୁଝିବା ମୋ ପାଇଁ ଖୁବ କଷ୍ଟ ହୋଇଥିଲା । ସେଥିପାଇଁ ଏହାକୁ ଖେଳିବା ମଧ୍ୟ ମୋ ପାଖେ କଷ୍ଟହେଲା । କୌଣସି ରିଗ୍ରେଟ ନାହିଁ ।

**ଦିବ୍ୟା ଖୋସଲା, ଅଭିନେତ୍ରୀ**



ମୁଁ ସେଠାରେ ଖୁବ ଭୟରେ ଥିଲି । ମୋତେ ଲାଗିଲା ମୁଁ ଆଉ ବଞ୍ଚିବି ନାହିଁ । ଭିଡିଓ ପୋଷ୍ଟ କରିବା ସମୟରେ ଭାବିଲି ତାହା ମୋର ଶେଷ ଭିଡିଓ । ଭାରତ ଫେରିବା ପରେ ନିଜ ଦେଶରେ ଖୁବ ସୁରକ୍ଷିତ ଅନୁଭବ ହେଉଛି ।

**ଲାରା ଦତ୍ତ, ଅଭିନେତ୍ରୀ**

## ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର

ଶରୀରର ଅନ୍ୟ ଅଙ୍ଗ ଦୁର୍ବଳ ଥିବା ସତ୍ତ୍ୱେ କେବଳ ପେଟରେ ଚର୍ବି ଜମିବା, ବେକ ମୋଟା ହେବା ଏବଂ ସବୁବେଳେ କ୍ଳାନ୍ତ ଅନୁଭବ କରିବା ସାଧାରଣ ଲକ୍ଷଣ ନୁହେଁ । ଏହା 'ଫ୍ୟାଟି ଲିଭର'ର ସଙ୍କେତ ହୋଇପାରେ ବୋଲି ବିଶେଷଜ୍ଞ ମତ ଦେଇଥାଆନ୍ତି । ସାଧାରଣତଃ ଲୋକମାନେ ଫ୍ୟାଟି ଲିଭରକୁ କେବଳ ମଦ୍ୟପାନ ସହ ଯୋଡ଼ି ଦେଖୁଥିବା ବେଳେ, ବାସ୍ତବରେ ଜଙ୍କ୍ ଫୁଡ୍, କୋଲ୍ଡ ଡ୍ରିଙ୍କ୍ ଏବଂ ଶାରୀରିକ ପରିଶ୍ରମର ଅଭାବ ଯୋଗୁଁ 'ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର' ସମସ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । 'ଦି ଲାନସେଟ୍' ଏବଂ 'ଜର୍ନାଲ୍ ଅଫ୍ ହେପାଟୋଲୋଜି'ରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ବିଶ୍ୱର ପ୍ରାୟ ୩୮% ଜନସଂଖ୍ୟା ଏହି ରୋଗରେ ପ୍ରଭାବିତ, ଯେଉଁଥିରେ ପ୍ରାୟ ୨୫% ଲୋକ ଆଦୌ ମଦ୍ୟପାନ କରନ୍ତି ନାହିଁ । ବିଶେଷ କରି ଭାରତର ସହରାଞ୍ଚଳରେ ପ୍ରାୟ ୩୦-୪୦% ଲୋକ କୌଣସି ନା କୌଣସି ସ୍ତରର ଫ୍ୟାଟି ଲିଭର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଅଧିକାଂଶ ଲୋକ ନିଜର ଏହି ସ୍ୱାସ୍ଥ୍ୟ ବିପତ୍ତି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହିଛନ୍ତି । ଫ୍ୟାଟି ଲିଭର ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ନିତାନ୍ତ ଜରୁରୀ । ଯେଉଁଥିପାଇଁ ସର୍ବପ୍ରଥମେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରୁ ଚିନି, ମଇଦା ଏବଂ ପ୍ରୋସେସ୍‌ଡ ଜଙ୍କ୍ ଫୁଡ୍‌କୁ ସମ୍ପୂର୍ଣ୍ଣ ବାଦ୍ ଦେଇ ପ୍ରୋଟିନ୍, ଫାଇବର ଏବଂ ସବୁଜ ପନିପରିବା ସାମିଲ କରିବା ଉଚିତ । ଏହାସହ ପ୍ରତିଦିନ ଅତିକମରେ ୩୦ ରୁ ୪୦ ମିନିଟ୍ ଶାରୀରିକ ବ୍ୟାୟାମ, ଯୋଗ କିମ୍ବା ଶୀଘ୍ର ଚାଲିବା ଦ୍ୱାରା ଯକୃତରେ ଜମା ହୋଇଥିବା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ । ଏହାସହିତ ଶରୀରର ଓଜନ ମଧ୍ୟ ନିୟନ୍ତ୍ରଣରେ ରହିଥାଏ । ତେବେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା, ରାତିରେ ସମୟ ଅନୁସାରେ ୭ ରୁ ୮ ଘଣ୍ଟା ଶୋଇବା ଏବଂ ମଦ୍ୟପାନ କିମ୍ବା ଅତ୍ୟଧିକ ମିଠା ପାନୀୟରୁ ଦୂରେଇ ରହିବା ଦ୍ୱାରା



ଲିଭରର କାର୍ଯ୍ୟଦକ୍ଷତା ବଢ଼ିଥାଏ । ସୁଷମ ଖାଦ୍ୟ ଏବଂ ସକ୍ରିୟ ଜୀବନଶୈଳୀ ହିଁ ଫ୍ୟାଟି ଲିଭର ଭଳି ଗୁରୁତର ରୋଗକୁ ପ୍ରାକୃତିକ ଉପାୟରେ ଭଲ କରିବାରେ ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ । ହେଲେ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ତାଙ୍କ ପ୍ରଦତ୍ତ ପରାମର୍ଶକୁ ଅନୁକରଣ କରନ୍ତୁ ।

## ଇତିହାସ

୧୬୪୪: ଇଂଲଣ୍ଡ ପକ୍ଷରୁ 'ପ୍ରୋଭିଡେନ୍ସ ପ୍ଲାଣ୍ଟେସନ' ପାଇଁ ପେଟେଣ୍ଟ ମଞ୍ଜୁର କରାଯାଇଥିଲା ।

୧୬୮୯: ସ୍କଟଲ୍ୟାଣ୍ଡ ୱିଲିୟମ୍ ଥାର୍ଡ ଏବଂ ମେରୀ ଷ୍ଟୁଆର୍ଟଙ୍କୁ ନିଜର ରାଜା ଓ ରାଣୀ ପଦରୁ ବରଖାସ୍ତ କରିଥିଲା ।

୧୯୦୦: ଡଚ୍ ଉଦ୍ଭିଦ ବିଜ୍ଞାନୀ ହ୍ୟୁଗୋ ଡି ଭ୍ରାଇସ୍ ଗ୍ରେଗର ମେଣ୍ଡେଲଙ୍କ ବଂଶାନୁକ୍ରମିକ ଏବଂ ଜେନେଟିକ୍ସ ନିୟମକୁ ପୁନଃ ଆବିଷ୍କାର କରିଥିଲେ ।

୧୯୦୩: ଫ୍ଲୋରିଡାର ସେବାଷ୍ଟିଆନଠାରେ ପ୍ରଥମ ଜାତୀୟ ପକ୍ଷୀ ସଂରକ୍ଷଣ କେନ୍ଦ୍ର ସ୍ଥାପିତ ହୋଇଥିଲା ।

୧୯୦୯: ଆମଷ୍ଟରଡାମ ସୋସିଆଲ୍-ଡେମୋକ୍ରାଟିକ୍ ପାର୍ଟି ଗଠିତ ହୋଇଥିଲା ।

୧୯୧୪: ସର୍ବିଆ ଏବଂ ତୁର୍କୀ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

୧୯୨୩: ୱାରେନ୍ ଜି. ହାର୍ଡିଂ ଟ୍ୟାକ୍ସ ବା କର ପ୍ରଦାନ କରିବାରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ ।

୨୦୧୩: ଇରାକର ବାଗଦାଦରେ କ୍ରମାଗତ କାର୍ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ ଜଣ ଆହତ ହୋଇଥିଲେ ।



୨୦୧୬: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସିରିଆରୁ ରୁଷ ସୈନ୍ୟ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇଥିଲେ ।

୨୦୧୮ : ବିଶ୍ୱର ପ୍ରଭାବଶାଳୀ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ ହକିଂର ଦେହାନ୍ତ ।



## ବିରି ମାଲପୁଆ

**ସାମଗ୍ରୀ-** ଅରୁଆ ଚାଉଳ, ବିରି, ଲୁଣ,ଗୋଲମରିଚ ଗୁଣ୍ଡ, ଖାଇବାସୋଢା, ଗୁଡ, ପାନମଧୁରୀ,ଗୁଜୁରାତି ଗୁଣ୍ଡ, ତେଲ ।

**ପ୍ରଣାଳୀ-** ଅରୁଆ ଚାଉଳ ଓ ବିରିକୁ ୬ ଘଣ୍ଟା ବତୁରାଇବା ପରେ ଚିକ୍କଣ କରି ବାଟି ନିଅନ୍ତୁ । ଏହାପରେ ଏଥିରେ ଲୁଣ ଓ ଖାଇବା ସୋଢା ପକାଇ ଗୋଳାଇ ନିଅନ୍ତୁ । ଏହାକୁ ଅଲଗା କିଛି ସମୟ ପାଇଁ ରଖି ନିଅନ୍ତୁ । ଏହାପରେ ଏଥିରେ ସ୍ୱାଦ ଅନୁସାରେ ଗୁଡ, ଗୋଲ ମରିଚ ଗୁଣ୍ଡ, ପାନମଧୁରୀ ଓ ଗୁଜୁରାତି ଗୁଣ୍ଡ ପକାଇ ନିଅନ୍ତୁ । ଏହାପରେ କାକରା ଭଳି ଏହାକୁ ଛାଣି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ବିରି ମାଲପୁଆ ।

## ରଶ୍ମିକାଙ୍କ କଡ଼ା ଆଭିମୁଖ୍ୟ



କନ୍ନଡ଼ ଅଭିନେତା ରକ୍ଷିତ ଶେଟୀଙ୍କ ସହ ତାଙ୍କର ପୁରୁଣା ସମ୍ପର୍କ ଓ ଭାଙ୍ଗିଯାଇଥିବା ନିର୍ବନ୍ଧକୁ ନେଇ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ୮ ବର୍ଷ ତଳର ପୁରୁଣା ଅଡିଓ କ୍ଲିପ୍ ଉପରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଶେଷରେ ନିଜର ନୀରବତା ଭାଙ୍ଗିଛନ୍ତି । ଏହାକୁ ନିଜର ବ୍ୟକ୍ତିଗତ ଗୋପନୀୟତାର ଗମ୍ଭୀର ଉଲ୍ଲଂଘନ ବୋଲି ରଶ୍ମିକା ମତ ଦେଇଛନ୍ତି । ସେ ଏନେଇ ସୋସିଆଲ ମିଡିଆରେ ଏକ ନୋଟ ସେୟାର କରିଛନ୍ତି, ଯେଉଁଥିରେ ସେ ଏହି ମାନହାନିକର ଅଡିଓକୁ ୨୪ ଘଣ୍ଟା ମଧ୍ୟରେ ହଟାଇବା ପାଇଁ ଚେତାବନୀ ଦେଇଛନ୍ତି । ଅନ୍ୟଥା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସ୍ପଷ୍ଟ କରିଛନ୍ତି । ଅଭିନେତ୍ରୀଙ୍କ ଅନୁଯାୟୀ, ବିନା ସମ୍ମତିରେ ରେକର୍ଡ କରାଯାଇଥିବା ଏହି ପୁରୁଣା ବ୍ୟକ୍ତିଗତ କଥାବାର୍ତ୍ତାକୁ ଏବେ ଭୁଲ୍ ସନ୍ଦର୍ଭରେ ପ୍ରଚାର କରାଯାଉଛି । ଯାହା ଫଳରେ ତାଙ୍କ ପରିବାର ସହିତ ସେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ଦୀର୍ଘ ଦିନର ଟ୍ରୋଲିଂ ପରେ ନିଜର ଆତ୍ମସମ୍ମାନ ପାଇଁ ସେ ମୁହଁ ଖୋଲିଥିବା ରଶ୍ମିକା ପ୍ରକାଶ କରିଛନ୍ତି । ସେଲିବ୍ରିଟି ହେଲେ ବି ସେମାନଙ୍କର ବ୍ୟକ୍ତିଗତ ଜୀବନ ରହିଛି, ଯାହାକୁ ନଷ୍ଟ କରିବାର ଅଧିକାର କାହାର ବି ନାହିଁ ବୋଲି ରଶ୍ମିକା ସ୍ପଷ୍ଟ କରିଛନ୍ତି ।

## ସାପ ମାରିବାରୁ ମାମଲା




ଉତ୍ତରପ୍ରଦେଶରେ ଦେଖିବାକୁ ମିଳିଛି ଏକ ନିଆରା ମାମଲା, ଯେଉଁଥିରେ ଗୋଟିଏ ସାପକୁ ମାରିବାରୁ ଜଣେ ବ୍ୟକ୍ତିଙ୍କ ନାମରେ ଏଫ୍‌ଆଇଆର ରୁଜୁ ହୋଇଛି । କଥାଟି ଅଡୁଆ ଲାଗିଲେ ମଧ୍ୟ ସତ, ସୂଚନା ଅନୁସାରେ ଗୋଟିଏ ଗାଁର ରାସ୍ତାରେ ସାପଟିଏ ବୁଲୁଥିଲା ଯାହାକୁ ଉକ୍ତ ଯୁବକ ଗୋଟିଏ ବାଡି ସାହାଯ୍ୟରେ ମାରି ଦେଇଥିଲେ । ଏହାପରେ ସେହି ମଲା ସାପକୁ ଧରି ସାଙ୍ଗସାଥୀଙ୍କୁ ଡରାଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଭିଡିଓ ଭାଇରାଲ ହେବାପରେ ଯୁବକଙ୍କ ନାଁରେ ଏଫଆଇଆର ରୁଜୁ ହୋଇଛି । ନିୟମ ଅନୁସାରେ ସାପକୁ ମାରିବା ଏକ ଗମ୍ଭୀର ଅପରାଧ । ସେହିଭଳି ଉକ୍ତ ସାପଟିର କୌଣସି ବିଷ ନଥିବା ମଧ୍ୟ ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି, ତେଣୁ ଏହା ଏକ ଅପରାଧ ବୋଲି ବନବିଭାଗ ମତ ଦେଇଛି ।



**ମେଷ**-ଶରୀର ଅସୁସ୍ଥ, ଅର୍ଥକଷ୍ଟ, ମୋକଦ୍ଦମାରେ ବିଜୟ, ଶତ୍ରୁ ସମସ୍ୟା, ମାନସିକ ଅଶାନ୍ତି, ବନ୍ଧୁସମସ୍ୟା, ଅନୁଷ୍ଠାନରୁ ଲାଭ, ବ୍ୟବସାୟିକ କଷ୍ଟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ବୃଷ-** ମାନସିକ ଶାନ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ବନ୍ଧୁ ଦର୍ଶନ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଦେବକାର୍ଯ୍ୟ ରହିବ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ମିଥୁନ-** ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଶାରୀରିକ ସମସ୍ୟା, ଆଶା ପୂର୍ଣ୍ଣ, ଦ୍ରବ୍ୟ ପ୍ରାପ୍ତି, ପିଲାଙ୍କ ଚିନ୍ତା , ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ମା ଭଗବତୀ ।

**କର୍କଟ-** ମାନସିକ ଖୁସି, ନୂତନ ବନ୍ଧୁପ୍ରାପ୍ତି, ମାମଲା ସମାଧାନ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୯, ଆରାଧନା- ମା ବୃନ୍ଦାବତୀ ।

**ସିଂହ-** କଳହ, ଶୁଭଖବର, ବନ୍ଧୁଲାଭ, ଈଶ୍ୱରଭକ୍ତି, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରା, ମାନସିକ ଅଶାନ୍ତି, ସମ୍ପର୍କ ହାନି, ସନ୍ତାନଚିନ୍ତା, ଗୃହେ ସମସ୍ୟା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା-** ସମ୍ମାନଲାଭ, ମାନସିକ ଶାନ୍ତି, ଶୁଭଖବର, ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ମାମଲା ସମାଧାନ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା-** ମାନସିକ ଅଶାନ୍ତି, ଶୁଭକାର୍ଯ୍ୟ, ଗୃହେ ଉତ୍ସବ, ଶୁଭକାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ,ଜମି ଗଣ୍ଡଗୋଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା-ପ୍ରଭୁ ସ୍କନ୍ଦ ।

**ବିଛା-** ଭୂସମ୍ପତ୍ତି ଲାଭ, ଅର୍ଥପ୍ରାପ୍ତି, ଅନୁଷ୍ଠାନରୁ ଲାଭ, ସମସ୍ୟା ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଶରୀର ସୁସ୍ଥ, ଗୃହେ ଉତ୍ସବ, ବିଦେଶ ଭ୍ରମଣ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ-** ବ୍ୟୟବୃଦ୍ଧି, ଶୁଭଖବର, ମାନସିକ ଅଶାନ୍ତି, ଶରୀର କଷ୍ଟ, ସମ୍ପର୍କଲାଭ, ଅନୁଷ୍ଠାନରୁ ଲାଭ, ଦେବକାର୍ଯ୍ୟ, ସମ୍ପତ୍ତି କ୍ରୟ, ବିକ୍ରୟ, ବ୍ୟବସାୟରେ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଗୁରୁଜନଙ୍କ ସେବା ।

**ମକର-** କାର୍ଯ୍ୟ ସଫଳ, ମାମଲା ସମାଧାନ, ବନ୍ଧୁଲାଭ, ଉତ୍ସବ ପ୍ରତି ଆଗ୍ରହ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରାରେ ଲାଭ, ଗାଡ଼ିମୋଟର ଚାଳନାରେ ସତର୍କ, ଆପୋଷ ବୁଝାମଣା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା- ୧୦, ଆରାଧନା-ମହାଲକ୍ଷ୍ମୀ ।

**କୁମ୍ଭ-** ସହଯୋଗ ବୃଦ୍ଧି, ଆର୍ଥିକ ଚିନ୍ତା, ମାନସିକ ଅଶାନ୍ତି ଆଶା ସଫଳ, ଶରୀର ସୁସ୍ଥ, ସମ୍ପର୍କ ହାନି, ଯାତ୍ରାରେ କ୍ଷତି, ହତାଶଭାବ, ବାଣିଜ୍ୟରେ ଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ପ୍ରତିକାର- ମା ଦକ୍ଷିଣକାଳୀ ।

**ମୀନ-** ସାମାନ୍ୟ ଲାଭ, ବନ୍ଧୁବିଦ୍ୱେଷ, ଶତ୍ରୁ ସମସ୍ୟା, ନୂତନ ବ୍ୟବସାୟ, କଚେରୀ ମାମଲା, ମନସ୍ତାପ, ପାରିବାରିକ ଖୁସି, ସନ୍ତାନଲାଭ, ଦେବକାର୍ଯ୍ୟ ପ୍ରତି ଆଶକ୍ତ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ଗଣେଶ ଭଗବାନ ।

**ଚୈତ୍ର କୃଷ୍ଣପକ୍ଷ, ଏକାଦଶୀ**
**୧୪.୩.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ପିଏମ୍ କିଷାନ ଉତ୍ସବ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ବହୁଚର୍ଚ୍ଚିତ ଗୋଳନ୍ଥରା ହତ୍ୟା ମାମଲା

## ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ କାଏମ

କଟକ, (ସବ୍ୟୁ): ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ଶ୍ରରାମନଗରରେ ଘଟିଥିବା ବହୁଚର୍ଚ୍ଚିତ ହତ୍ୟା ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ରହ୍ମପୁର ସେସନ୍ସ କୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ଦଣ୍ଡାଦେଶକୁ କାଏମ ରଖିଛନ୍ତି। ଏଥିସହ ଜାମିନରେ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ଜେଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୭ ଜୁଲାଇ ୫ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଶ୍ରୀରାମନଗୀରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରକାଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କରି ପ୍ରକାଶଙ୍କୁ ହତ୍ୟା କରିବା ସହ ଅନ୍ୟ ଜଣେ ବ୍ୟକ୍ତି (ନୁନୁ ପୂଜାରୀ)ଙ୍କୁ ମଧ୍ୟ ଗୁରୁତର ଆହତ କରିଥିଲେ। ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ତିକ୍ତତା ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିଲା। ବ୍ରହ୍ମପୁର ସେସନ୍ସ କୋର୍ଟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଅଭିଯୁକ୍ତ ରମେୟା ସେଠୀ, କୈଳାସ ଘଡ଼େଇ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଅପିଲ କରିଥିଲେ। ଅଦାଲତ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ସାକ୍ଷୀମାନଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟରୁ ସ୍ପଷ୍ଟ ଜଣାପଡୁଛି ଯେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି। ଆହତ ସାକ୍ଷୀଙ୍କ ବୟାନକୁ ଅଦାଲତ ଗୁରୁତ୍ୱ ପ୍ରଦାନ କରିଛନ୍ତି। ହାଇକୋର୍ଟ ନିମ୍ନ ଅଦାଲତଙ୍କ ନିଷ୍ପତ୍ତିରେ କୌଣସି ତ୍ରୁଟି ନାହିଁ ବୋଲି କହିଛନ୍ତି।

### ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା : ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ

## ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି ୨୫ଜଣ ବରପୁତ୍ର

ଭୁବନେଶ୍ୱର , (ସବ୍ୟୁ): ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରୀ ନିମନ୍ତେ ଗଠିତ ହୋଇଥିବା ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ଏଥିସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ବାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ପ୍ରଥମ ପର୍ଯ୍ୟାୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୨୫ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୫ଜଣ ବରପୁତ୍ରମାନଙ୍କ ଗ୍ରାମର ବିକାଶ ପାଇଁ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ସହିଦ ଲକ୍ଷ୍ମଣ ନାୟକ, ପୁରୀ ଜିଲ୍ଲାର ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପଣ୍ଡିତ ନୀଳକଣ୍ଠ ଦାସ, ଲକ୍ଷ୍ମୀ ଇନ୍ଦିରା ପଣ୍ଡା, ସହିଦ ରେଣ୍ଡୋ ମାଝୀ, ମା ରମାଦେବୀ ଓ କର୍ମବୀର ଗୌରୀଶଙ୍କର, ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ସେନାପତି, ଗଞ୍ଜାମ ଜିଲ୍ଲାର ଚକରା ବିଶୋଇ ଓ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ସହିଦ ବାଜି ରାଉତ, ଗଜପତି ଜିଲ୍ଲାର କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଜିଲ୍ଲାର ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଓ ପଣ୍ଡିତ ରଘୁନାଥ ମୁର୍ମୁ, ଖୋର୍ଦ୍ଧା ଜିଲ୍ଲାର ଗୋଦାବରୀଶ ମିଶ୍ର, ବୀର ସୁରେନ୍ଦ୍ର ସାଏ, ଗଙ୍ଗାଧର ମେହେର ଓ ସହିଦ ମାଧୋ ସିଂ, ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଡ଼. ହରେକୃଷ୍ଣ ମହତାବ, ବିପ୍ଳବୀ ଧରଣୀଧର ଭୂୟାଁ, ସହିଦ ଧରମ ସିଂ ମାଝୀ ମାନ୍ଧାତା ଆଦିଙ୍କ ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯାଇଛି।

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ

କଟକ, (ସବ୍ୟୁ ) : ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ୍‌ର ଦୁଇ ଜଣ କର୍ମକର୍ତ୍ତାଙ୍କ ବିରୋଧରେ ବୃତ୍ତିଗତ ଅସଦାଚରଣ ଅଭିଯୋଗରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଏହି ଦୁଇ କର୍ମକର୍ତ୍ତା ଏକ ସିଭିଲ୍ ସୁଟ୍‌ରେ ରାଜ୍ୟ ଆଇନଜୀବୀ ପରିଷଦର ଦୁଇ ଜଣ ବରିଷ୍ଠ ସଦସ୍ୟଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିବା ସହ ନିନ୍ଦନୀୟ ଓ ଆଧାରହୀନ ଆକ୍ଷେପ କରିଥିଲେ। ଏହା ବୃତ୍ତିଗତ ଆଚରଣ ବିଧିର ଉଲ୍ଲଙ୍ଘନ କରୁଥିବାରୁ ପରିଷଦର ଅନୁଶାସନ କମିଟି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯିବ ନାହିଁ, ସେ ନେଇ ଜବାବ ମାଗିଛନ୍ତି।

### ଅପରେସନ ସାଇବର କବଚ

## ଦୁଇ ଗିରଫ, କୋଟି କୋଟି ଟଙ୍କା କାରବାରର ପର୍ଦ୍ଦାଫାସ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ବ୍ୟାପୀ ଅପରେସନ ସାଇବର କବଚ ଜାରି ରହିଥିବା ବେଳେ ବେନାମୀ ଆକାଉଣ୍ଟରେ ସାଇବର ଠକେଇ ଟଙ୍କା କାରବାରକୁ ନେଇ ନୂଆପଲ୍ଲୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ପୋଲିସ ସନ୍ଦିଗ୍ଧ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ପାଇଥିବା ବୈଷୟିକ ସୂଚନାକୁ ବିଶ୍ଳେଷଣ କରିବା ପରେ କୋଟି କୋଟି ଟଙ୍କା ସାଇବର ଠକେଇ ଟଙ୍କା କାରବାର ହୋଇଥିବା ଜଣାପଡିଛି । ଭୁବନେଶ୍ୱରରେ ସନ୍ଦିଗ୍ଧ ଆକାଉଣ୍ଟଧାରୀଙ୍କୁ ଯାଞ୍ଚ କରିବା ପରେ ସାଇବର ଠକେଇ ସମ୍ପର୍କରେ ବହୁ ରହସ୍ୟ ଉନ୍ମୋଚନ ହେଉଛି । ବୈଷୟିକ ଯାଞ୍ଚ ସମୟରେ ପୋଲିସ ପାରସ କରଙ୍କୁ ଠାବ କରିଥିଲା । ଯାହାଙ୍କର ଆକ୍ସିସ ବ୍ୟାଙ୍କ ଆକାଉଣ୍ଟ ଗୁଜରାଟ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ ଓ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋଟାଲ (ଏନ୍‌ସିଆରପି)ରେ ରିପୋର୍ଟ ହୋଇଥିବା ବହୁ ସାଇବର ଅଭିଯୋଗ ସହିତ ଜଡିତ ଥିବା ଜଣାପଡିଥିଲା । ତଦନ୍ତରୁ ଜଣାପଡିଛି ଯେ, ଏହି ଆକାଉଣ୍ଟରେ ସାଇବର ଠକେଇ ସମ୍ବନ୍ଧୀୟ ମୋଟ ୨,୩୫,୩୧,୯୩୬.୧୫ ଟଙ୍କା କାରବାର ହୋଇଥିଲା । ଯେଉଁଥିରୁ ୨,୧୩,୧୮, ୭୧୮.୪୪ ଟଙ୍କା ପୂର୍ବରୁ ଉଠାଯାଇଥିଲା । ଅବଶିଷ୍ଟ ୨୧,୫୨,୧୫୯.୯୧ ଟଙ୍କା ରହିଥିଲା । ବିଭିନ୍ନ ରାଜ୍ୟର ଅନେକ ଥାନା ପୂର୍ବରୁ ଏହି ଆକାଉଣ୍ଟରେ ଲିଏନ୍ ତଥା ହୋଲ୍ଡ ଚିହ୍ନିତ କରିଥିବା ମଧ୍ୟ ଜଣାପଡିଛି ।

ପଚରାଉଚରା ସମୟରେ ପାରସ କର କହିଥିଲେ ଯେ, ଅସୀମ କୁମାର ସାହୁଙ୍କ କଥାରେ ପଡି ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ପରେ ହ୍ୱାଟ୍‌ସଆପ୍ ମାଧ୍ୟମରେ ତାଙ୍କ ସହିତ ଇଣ୍ଟରନେଟ୍ ବ୍ୟାଙ୍କିଂ,ୟୁଜର ଆଇଡି ଓ ପାସ୍‌ୱାର୍ଡ ସେୟାର କରିଥିଲେ । ଅସୀମ କୁମାର ସାହୁ ଏହି ଆକାଉଣ୍ଟ ପରିଚାଳନା ପାଇଁ ଚିଣ୍ଟୁ ନାମକ ଅନ୍ୟ ଜଣେ ସହଯୋଗୀକୁ ଇଣ୍ଟରନେଟ୍ ବ୍ୟାଙ୍କିଂ ପ୍ରମାଣପତ୍ର ଦେଇଥିଲେ । ଅଭିଯୁକ୍ତମାନେ ଜାଣିଶୁଣି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସାଇବର ଅପରାଧୀଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ ଠକେଇ ଟଙ୍କା ସ୍ଥାନାନ୍ତର ଓ ଉଠାଣ ପାଇଁ ବ୍ୟବହାର କରାଯିବ ବୋଲି ଜାଣିଥିଲେ । ଅଭିଯୁକ୍ତମାନେ ସାଇବର ଅପରାଧର ଆୟକୁ ଚାନେଲ କରିବା ପାଇଁ ଏକ ସାଇବର ଠକେଇ ସିଣ୍ଡିକେଟ୍ ଦ୍ୱାରା ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନାରେ ସକ୍ରିୟ ଭାବେ ଜଡିତ ଥିଲେ । ଯାହାଦ୍ୱାରା ନିରୀହ ନାଗରିକମାନଙ୍କୁ ଠକାମୀ କରାଯାଇ ସାମାଜିକ ଓ ଆର୍ଥିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଯାଉଥିଲା । ଆକାଉଣ୍ଟ ବ୍ୟବହାରକୁ ସହଜ କରିବା ପାଇଁ ପାରସ କର ୭୦ ହଜାର ଟଙ୍କା ଏବଂ ଅସିମ କୁମାର ସାହୁ ୩୫ ହଜାର ଟଙ୍କା କମିଶନ ପାଇଥିବା ଜଣାପଡିବା ପରେ ଦୁହିଁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କଲା ।

# ବିଧାନସଭା



## ଷଣ୍ଢଙ୍କ ଯୋଗୁ ଦୁର୍ଘଟଣା ବଢୁଛି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଗାଇ ଗୋରୁ ବୁଲୁଛନ୍ତି ପଦାରେ । ଲୋକମାନେ ଘରେ ନବାନ୍ଧି ବାହାରକୁ ଛାଡୁଛନ୍ତି । ଫଳରେ ମାଇ ବାଛୁରୀ ସହିତ ଅଣ୍ଡିରା ବାଛୁରୀଙ୍କ ସଂଖ୍ୟା ବଢୁଛି । ଅଣ୍ଡିରା ବାଛୁରୀମାନଙ୍କ ନସବନ୍ଦୀ ନହେବା କାରଣରୁ ସେମାନେ ଷ,, ହୋଇଯାଉଛନ୍ତି । ଫଳରେ ଷ,, ସଂଖ୍ୟା ବୃଦ୍ଧି ଯୋଗୁ ଦୁର୍ଘଟଣା ଘଟୁଛି । ଷଣ୍ଢ ଲଢ଼େଇରେ ସାଧାରଣ ଲୋକେ ମୃତାହତ ହେଉଛନ୍ତି । ଏଥିସହ ଷଣ୍ଢମାନେ ମଧ୍ୟ ଚାଷୀଙ୍କ ଫସଲ ଉଜାଡୁଛନ୍ତି । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଶୂନ୍ୟକାଳରେ ବିଜେପି ବିଧାୟକ ବିଭୂତି ଭୂଷଣ ପ୍ରଧାନ ଦାବି କରିଛନ୍ତି ।

## ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଦେବ ନୂଆ ଗତି ଓ ଶକ୍ତି : ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ବିକାଶରେ ଏହି ବଜେଟ୍ ନୂଆ ମାଇଲଷ୍ଟୋନ ସ୍ଥାପନ କରିବ । ଏହି କ୍ଷେତ୍ରକୁ ଅଧିକ ସଶକ୍ତ ଓ ସୁଦୃଢ କରିବା ପାଇଁ ୨୦୨୬-୨୭ ବଜେଟ୍ ନୂଆ ଗତି ଓ ଶକ୍ତି ଦେବ ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।

ଆଜି ବିଧାନସଭା ସମ୍ମିଳନୀ କକ୍ଷଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏମ୍‌ଏସ୍‌ଏମ୍‌ଇ ବଜେଟ୍ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରି ସେ କହିଛନ୍ତି, ନିଯୁକ୍ତି, ରୋଜଗାର, ଆର୍ଥିକ ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବ । ୨୦୨୬-୨୭ ବର୍ଷ ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗର ୭୬୨,୭୮,୩୬,୦୦୦ କୋଟି ଟଙ୍କା ବଜେଟ୍ ବିଧାନସଭାରେ ପାରିତ ହୋଇଛି । କୃଷି ପରେ ଏମ୍‌ଏସ୍‌ଏମ୍‌ଇ ହେଉଛି ସବୁଠାରୁ ବଡ ନିଯୁକ୍ତି କ୍ଷେତ୍ର । ରାଜ୍ୟ ଉଦ୍ୟମ ପୋର୍ଟାଲରେ ମୋଟ ୧୪,୦୩,୨୦୦ କ୍ଷୁଦ୍ର, ମଧ୍ୟମ ଏବଂ ମଧ୍ୟମ ଉଦ୍ୟୋଗ ପଞ୍ଜିକୃତ ହୋଇଛି । ଛୋଟ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ପାଇଁ ସହଜ ଋଣ ସୁବିଧା, ପୁଞ୍ଜି ସବସିଡି, ରପ୍ତାନି ପ୍ରୋତ୍ସାହନ ଓ ଟେକ୍ନୋଲୋଜି ଅପଗ୍ରେଡେସନ୍ ପରି ଅନେକ ପଦକ୍ଷେପ ନିଆଯାଉଛି । ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ସ୍ଥାପନ କରାଯାଉଥିବା ଓ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବାକୁ ଷ୍ଟାର୍ଟଅପ୍ ଯୋଜନାରେ ବିଶେଷ ଧ୍ୟାନ ଦିଆଯାଉଛି । ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଭିତ୍ତିକ ବିକାଶ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି ।

### ଶିଳ୍ପ, ଏମ୍‌ଏମ୍‌ଏମ୍‌ଇ ବିଭାଗର ଖର୍ଚ୍ଚଦାବି ପାରିତ

## ଏମ୍‌ଓୟୁ କରି ମୁହଁ ଫେରାଇଛନ୍ତି ବଡ଼ବଡ଼ ଶିଳ୍ପ

ଭୁବନେଶ୍ୱର, (ସବ୍ୟୁ) : ଶିଳ୍ପ ବିଭାଗର ୧୫୧୭ କୋଟି ୪୯ ଲକ୍ଷ ୯୨ ହଜାର ଟଙ୍କା ଖର୍ଚ୍ଚ ଦାବି ଅନୁଦାନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗର ୭୬୨ କୋଟି ୭୮ ଲକ୍ଷ ୩୬ ହଜାର ଟଙ୍କା ଖର୍ଚ୍ଚ ଦାବି ଗୃହୀତ ହୋଇଛି । ବିଭାଗୀୟ ମନ୍ତ୍ରୀ ଉଭୟ ଖର୍ଚ୍ଚ ଦାବି ଆଗତ କରିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ସର୍ବସମ୍ମତିକ୍ରମେ ଏହାକୁ ପାରିତ କରିଛନ୍ତି ।

ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହିଥିଲେ, ୨୦୦୦ ମସିହାରେ ଦରମା ଦେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଅର୍ଥ ନଥିଲା । ରାଜ୍ୟ ବଜେଟ୍‌ର ୮୦% ଅର୍ଥ ଦରମାରେ ଯାଉଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଆସିବା ପରେ ବଜେଟ୍‌ରେ ଅର୍ଥ ପରିମାଣ ବୃଦ୍ଧି ଘଟିଥିଲା । ଫଳରେ ଦରମା ଦେବାରେ ଆଉ ସମସ୍ୟା ନାହିଁ ।

ନୂତନ ସରକାରଙ୍କ ଦ୍ୱିତୀୟ ବର୍ଷର ଏହା ହେଉଛି ତୃତୀୟ ବଜେଟ୍ । ସରକାର କହୁଛନ୍ତି ୨୪ ବର୍ଷ ସରକାର ଥିଲା ଏବେ ୨ବର୍ଷ ହେଲା ଆସିଛୁ । ଦୁଇବର୍ଷ ସରିଗଲା କିଛି କରିନାହାନ୍ତି ଏବର ସରକାର । ପୂର୍ବ ସରକାରର ବିଭିନ୍ନ ପଲିସିକୁ ନୂତନ ଯୋଜନା ଭାବେ ଦର୍ଶାଉଛନ୍ତି ବିଜେପି ସରକାର । ବିଜେପି ସରକାର ଏବେ ଦ୍ୱନ୍ଦ ସୃଷ୍ଟି କରୁଛନ୍ତି । ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପ ନୀତି ଅସ୍ଥିତ୍ୱ ତଳକୁ ଖସିଛି । ଏହି ସରକାର ବେକାରୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି । ଆର୍‌ସେଲ ମିତ୍ତଲ ଓ ନିପନ୍ ଷ୍ଟିଲ ଭଳି ବୃହତ କମ୍ପାନୀ ଏମ୍‌ଓୟୁ କରି ଆନ୍ଧ୍ରକୁ ପଳାଇଲେ । ଫଳରେ ୧.୫ ଲକ୍ଷ କୋଟି ପୁଞ୍ଜି ନିବେଶ ହରାଇଲା ରାଜ୍ୟ । ପୂର୍ବ ସରକାର ଅମଳରେ ବହୁ ଏମ୍‌ଓୟୁ ହୋଇଥିଲା । ଏବେ ସେହି ପ୍ରକଳ୍ପଗୁଡ଼ିକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି । ସବୁ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି । ସେହିପରି ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ସହିତ ଏକ ବୃହତ ପ୍ରକଳ୍ପ ଲାଗି ପୂର୍ବ ସରକାର ଏମ୍‌ଓୟୁ କରିଥିଲେ । ଜମି ନଦେବାରୁ ମହାରାଷ୍ଟ୍ରର ଔରଙ୍ଗାବାଦକୁ ସେହି ପ୍ରକଳ୍ପ ପଳାଇଲେ । ଏହା ଡବଲ୍ ଇଞ୍ଜିନ ସରକାରର ଡବଲ ବିଫଳ ।

### ରାଜ୍ୟରେ ଶିଳ୍ପର ବିକାଶ ହୋଇପାରିନି : କଂଗ୍ରେସ

### ଶିଳ୍ପାୟନ ହେଲେ ସାମଗ୍ରିକ ବିକାଶ ହେବ : ବିଜେପି

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆମ ରାଜ୍ୟରେ ଖଣି ଖାଦାନଠାରୁ ଆରମ୍ଭ କରି ବିଭିନ୍ନ ଖଣିଜ ସମ୍ପଦରେ ଭରପୂର । ଯେଉଁଠି ଖୋଳିଲେ କୋଇଲା, କ୍ରୋମାଇଟ, ଲୁହା, ବକ୍ସାଇଟ୍ ବାହାରୁଛି । ତେବେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ସେଭଳି ବିକାଶ ହୋଇନାହିଁ । ଓଡ଼ିଶାରେ ମାନୁଫାକଚରିଙ୍ଗ ହବ୍‌ର ଆବଶ୍ୟକତା ରହିଛି । ବଡ଼ବଡ଼ କମ୍ପାନୀ ଶିଳ୍ପ ବସାଇବାକୁ ଓଡ଼ିଶା ଆସିଥିଲେ, ସରକାର ଜମି ନଦେବାରୁ ସେମାନେ ଚାଲିଗଲେ । ପୋସ୍କୋଠାରୁ ଆରମ୍ଭ କରି ମିତ୍ତଲ ଭଳି ବଡ଼ ଶିଳ୍ପ ଓଡ଼ିଶା ସରକାରଙ୍କ ସହ ଏମ୍‌ଓୟୁ କରି ଫେରିଯାଇଛନ୍ତି । ଦୁଇବର୍ଷ ମଧ୍ୟରେ ଏବର ସରକାର କିଛି କରିନାହାନ୍ତି ବୋଲି ଶ୍ରୀ ବାହିନୀପତି କହିଥିଲେ ।

ବିଜେପି ବିଧାୟକ ଈରାଶିଷ ଆଚାର୍ଯ୍ୟ କହିଥିଲେ, ଶିଳ୍ପାୟନ ହେଲେ ସାମଗ୍ରିକ ବିକାଶ ହେବ । ଏଦିଗରେ ମୋହନ ସରକାର ବହୁ ଗୁରୁତ୍ୱ ଦେବା ସହିତ ଏମ୍‌ଏସ୍‌ଏମ୍‌ଇ ସମେତ କ୍ଷୁଦ୍ର ଏବଂ କୁଟୀର ଶିଳ୍ପ ପାଇଁ ବଜେଟ୍‌ରେ ଅଧିକ ପାଣ୍ଠି ବ୍ୟବସ୍ଥା କରିଛନ୍ତି । ବିଭିନ୍ନ ଶିଳ୍ପାୟନ ଓ ବିଦେଶୀ ପୁଞ୍ଜି ନିବେଶ ଯୋଗୁ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଥାଏ । ଓଡ଼ିଶାକୁ ଏକ ଆଇଟି ହବ୍ କରିବା ଦିଗରେ ମୁଖ୍ୟମନ୍ତ୍ରୀ ବିଦେଶୀ ପୁଞ୍ଜି ନିବେଶକମାନଙ୍କ ସହିତ ଅନେକ ଏମ୍‌ଓୟୁ କରିଛନ୍ତି । ଆଲୋଚନାରେ ବିଧାୟିକା ସୋଫିଆ ଫିର୍ଦୋସ, ତୁଷାରକାନ୍ତି ବେହେରା, ଦୁଷ୍ମନ୍ତ କୁମାର ସ୍ୱାଇଁ, ପ୍ରତାପ କେଶରୀ ଦେଓ, ଧ୍ରୁବଚରଣ ସାହୁ, ମାନସ କୁମାର ଦତ୍ତ, ପ୍ରତାପ ଚନ୍ଦ୍ର ନାୟକ, ରଘୁନାଥ ଜଗଦଲା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ସାମାଜିକ ଗଣମାଧ୍ୟମଠୁ ଦୂରେଇ ରୁହନ୍ତୁ ଛୋଟ ପିଲା

ଭୁବନେଶ୍ୱର, (ସବ୍ୟୁ) : ସାମାଜିକ ଗଣମାଧ୍ୟମଠାରୁ ପିଲାମାନଙ୍କୁ ଦୂରେଇ ରଖନ୍ତୁ । ଦେଶରେ ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ପିଲାମାନଙ୍କ ଉପରେ କୁପ୍ରଭାବ ପକାଉଛି । ଇରାନ, ଚାଇନା, ଅଷ୍ଟ୍ରେଲିଆ, ଡେନ୍‌ମାର୍କ, ଫ୍ରାନ୍ସ ଭଳି ଦେଶ ସାମାଜିକ ଗଣମାଧ୍ୟମ ଉପରେ ରୋକ ଲଗାଇଛନ୍ତି । କେଉଁଠି ଫେସ୍‌ବୁକ୍ ବ୍ୟାନ୍ ହେଉଛି ତ ଆଉ କେଉଁଠି ରିଲ୍ସ ବନ୍ଦ ହୋଇଛି । ଆମ ଦେଶ ପାଇଁ ଏ ଦିଗରେ ସ୍ୱତନ୍ତ୍ର ଆଇନ ଆଣି ସାମାଜିକ ଗଣମାଧ୍ୟମଠାରୁ ପିଲାମାନଙ୍କୁ ଦୂରେଇ ରଖାଯାଉ ବୋଲି ଶୂନ୍ୟକାଳରେ କହିଛନ୍ତି ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା ।

ସେ କହିଛନ୍ତି, ଇରାନରେ ଟୱିଟର ବା ଏକ୍ସକୁ ବ୍ୟାନ୍ କରାଯାଇଛି । ଇରାନ ଓ ଚାଇନାରେ ୧୮ ବର୍ଷରୁ କମ ପିଲାଙ୍କୁ ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରଖାଯାଇଛି । ଅଷ୍ଟ୍ରେଲିଆରେ ବି ୧୮ ବର୍ଷରୁ କମ ପିଲାମାନଙ୍କ ପାଇଁ ମୋବାଇଲ ବ୍ୟବହାର ଉପରେ କଟକଣା ଲାଗୁ ହୋଇଛି । ଡେନ୍‌ମାର୍କ, ଫ୍ରାନ୍ସ ଓ ରୁଷରେ ଫେସ୍‌ବୁକ ବ୍ୟାନ୍ କରାଯାଇଛି । ଚାଇନା ମୋବାଇଲରେ ଏଭଳି ବ୍ୟବସ୍ଥା କରିଛି ଯେ ୧୮ ବର୍ଷରୁ କମ ପିଲାମାନେ ମୋବାଇଲ ଆକ୍ସେସ୍ କରିପାରିବେ ନାହିଁ । ସାମାଜିକ ଗଣମାଧ୍ୟମର କୁପ୍ରଭାବ ପଡୁଛି । ସରକାର ଏହା ଉପରେ ଏକ ନିୟମ ଆଣନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ ।

## ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନାକୁ ସୁଦୃଢ଼ କରିବ : ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ) : ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଶିଳ୍ପ ବିଭାଗର ବଜେଟ୍ ପାରିତ ହୋଇଛି । ଏହା ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶ ଆକର୍ଷିତ କରିବା ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ୨୦୨୫ ମସିହା ମଧ୍ୟରେ ଓଡ଼ିଶା ସରକାର ୧.୭୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି । ଯାହା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି କରିଛି । ଶିଳ୍ପ ନିୟାମକ ପ୍ରକ୍ରିୟାରେ ଓଡିଶାର ସଂସ୍କାରକୁ ଜାତୀୟସ୍ତରରେ ବଡ଼ ସ୍ୱୀକୃତି ମିଳିଛି । ଭାରତ ସରକାରଙ୍କ ଶିଳ୍ପ ଏବଂ ଆନ୍ତରିକ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ପ୍ରକାଶିତ ବିଜନେସ୍ ରିଫର୍ମ ଆକ୍ସନ୍ ପ୍ଲାନ୍‌ରେ ଓଡ଼ିଶାକୁ ଟପ୍ ଆଚିଭର୍ ମାନ୍ୟତା ଦିଆଯାଇଛି । ରାଜ୍ୟ ସରକାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଶିଳ୍ପାଞ୍ଚଳର ବିକାଶ, ଶିଳ୍ପ କରିଡର ଏବଂ କ୍ଷେତ୍ର-ଭିତ୍ତିକ ଶିଳ୍ପ ପାର୍କଗୁଡିକର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ନୂତନ ଫୁଡ୍ ପାର୍କ ନିର୍ମାଣ, ଖୋର୍ଦ୍ଧାରେ ଟେକ୍ସଟାଇଲ୍ ପାର୍କର ବିକାଶ, ଅନୁଗୁଳରେ ଆଲୁମିନିୟମ୍ ପାର୍କ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ସମ୍ପ୍ରସାରଣ କରାଯାଉଛି । ଏହି ସବୁ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ରାଜ୍ୟରେ ଅନୁସଙ୍ଗିକ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପ ଉତ୍ପାଦନର ସମ୍ପୂର୍ଣ୍ଣ ପ୍ରକ୍ରିୟା ବା ଭାଲ୍ୟୁ-ଚେନକୁ ଅଧିକ ଶକ୍ତିଶାଳୀ କରିବା । ରାଜ୍ୟ ସରକାର ଶିଳ୍ପ ଶ୍ରମିକମାନଙ୍କୁ ସହାୟତା ଏବଂ ଶିଳ୍ପ ସମ୍ପ୍ରସାରଣ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଶିଳ୍ପ କ୍ଲଷ୍ଟରଗୁଡ଼ିକ ନିକଟରେ ଶିଳ୍ପ ଟାଉନସିପ୍ ଏବଂ ଶ୍ରମିକ ହଷ୍ଟେଲ ବିକାଶ ମାଧ୍ୟମରେ ଶ୍ରମିକ କଲ୍ୟାଣ ତଥା ଶିଳ୍ପ ସହରୀକରଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଶିଳ୍ପଗୁଡ଼ିକୁ ସହାୟତା ପ୍ରଦାନ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶିଳ୍ପ ନୀତି ପ୍ରସ୍ତାବ୨୦୨୨ ଅଧୀନରେ ଏସଜିଏସଟି ଫେରସ୍ତ, ବିଦ୍ୟୁତ ଶୁଳ୍କ ଛାଡ଼, ପୁଞ୍ଜିନିବେଶ ସବସିଡି, ନିଯୁକ୍ତି ଖର୍ଚ୍ଚ ସବସିଡି ଏବଂ ଷ୍ଟାମ୍ପ ଡ୍ୟୁଟି ଛାଡ଼ ଭଳି ପ୍ରତିଯୋଗିତାମୂଳକ ପ୍ରୋତ୍ସାହନ ଜାରି ରଖିଛନ୍ତି ।

## ନୂଆଦିଲ୍ଲୀରେ 'ଓଡ଼ିଶା ପର୍ବ-୨୦୨୬' ଉଦଘାଟିତ

# ନିଜକୁ ଓଡ଼ିଆର ପରିଚୟ ଦେବାର ସାହସ ଓ ଗର୍ବ ରଖନ୍ତୁ ଯୁବପିଢ଼ି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଆମର ମୂଳ ଲକ୍ଷ୍ୟ ହେଉଛି ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆ ଯୁବକ ଯୁବତୀମାନେ ଦେଶରେ ନିଜର ପରିଚୟକୁ ପ୍ରତିପାଦିତ କରନ୍ତୁ ଏବଂ ଓଡ଼ିଆ ଭାବେ ନିଜକୁ ପରିଚୟ ଦେବାର ଗର୍ବ ଓ ସାହସ ଦେଖାନ୍ତୁ । ଶୁକ୍ରବାର ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସ ଠାରେ ଆୟୋଜିତ 'ଓଡ଼ିଶା ପର୍ବ-୨୦୨୬'କୁ ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ପରିଚୟର ମୂଳଦୁଆ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କ ଆଶୀର୍ବାଦରୁ ଆଜି ବିଶ୍ୱ ଦରବାରରେ ଓଡ଼ିଆମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ରାଷ୍ଟ୍ରୀୟ ରାଜଧାନୀରେ ଆୟୋଜିତ ଏହି ପର୍ବ ଆମ ଅସ୍ମିତାକୁ ପୁନଃସ୍ଥାପିତ କରିବାର ଏକ ମହାନ ଅବସର । 'ଓଡ଼ିଶା ପର୍ବ' ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଏବଂ ଦକ୍ଷତାର ଅପୂର୍ବ ସମନ୍ୱୟ । ତେବେ ଚଳିତ ବର୍ଷର ଏହି ଉତ୍ସବ ଅଧିକ ଗୌରବମୟ, କାରଣ ଆମେ ଏବେ ଆଦିକବି ସାରଳା ଦାସଙ୍କ ୬୦୦ ତମ ଜୟନ୍ତୀ, ଲୌହ ମାନବ ସର୍ଦ୍ଦାର ପଟେଲ, ନେତାଜୀ




ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ, ମା' ରମାଦେବୀ ଓ ଶହୀଦ ବାଜି ରାଉତଙ୍କ ଭଳି ମହାନ୍ ଜନନାୟକଙ୍କ ସ୍ମୃତି ଚାରଣ ମଧ୍ୟ ଏହି ସମୟକୁ ଅଧିକ ପ୍ରାସଙ୍ଗିକ କରୁଛି ।

ଓଡ଼ିଶା ପର୍ବର ଏହି ମଞ୍ଚ ଆଜି ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ଲାଭ କରିଛି । ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଭଳି ଦେଶର ବିଶିଷ୍ଟ ନେତୃବୃନ୍ଦ ଏଥିରେ ସାମିଲ ହୋଇ ଆମ ସଂସ୍କୃତିର ଗୌରବକୁ ବୃଦ୍ଧି କରିଛନ୍ତି । ଓଡ଼ିଶା ପର୍ବ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସଂକଳ୍ପକୁ ଦୃଢ଼ୀଭୂତ କରୁଛି । ଦିଲ୍ଲୀରେ ରହୁଥିବା ସମସ୍ତ ଜନସାଧାରଣ ବିଶେଷ ଭାବରେ ମୋର ପ୍ରବାସୀ ଓଡ଼ିଆ ଭାଇଭଉଣୀମାନଙ୍କୁ ଏହି ପର୍ବକୁ ଆସି ଓଡ଼ିଶାର କଳା, ସଂସ୍କୃତି ଓ ପ୍ରକୃତିର ଅପୂର୍ବ ସମନ୍ୱୟକୁ ଉପଭୋଗ କରିବାକୁ ନିମନ୍ତ୍ରଣ ଦେଇଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ଣ୍ଣ ହେବାକୁ ଯାଉଥିବା ବେଳେ ଆଗାମୀ ୧୦ ବର୍ଷ ଆମ ପାଇଁ ଏକ ସଂକଳ୍ପର ସମୟ । ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ଆହ୍ୱାନକୁ ସାକାର କରିବା ପାଇଁ ସାଢେ ୪ କୋଟି ଓଡ଼ିଆଙ୍କୁ ଏକାଠି ହୋଇ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଦାୟିତ୍ୱ ନେବାକୁ ହେବ ବୋଲି ସେ କହିଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ ପର୍ବ ପରିସରରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିବା ସହ ଶିଳ୍ପୀ ଓ କଳାକାରମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷ ଏହି ଉତ୍ସବର ମୁଖ୍ୟ ବିଷୟବସ୍ତୁ "ସଂସ୍କୃତି ଓ ପ୍ରକୃତି" ରଖାଯିବା ତଥା ଏହି ସୁନ୍ଦର ଆୟୋଜନ ପାଇଁ ଶ୍ରୀ ପ୍ରଧାନ 'ଓଡ଼ିଆ ସମାଜ' ଏବଂ ତତସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ତିନି ଦିନିଆ ଉତ୍ସବ (ମାର୍ଚ୍ଚ ୧୩ ରୁ ୧୫) ଓଡ଼ିଶାର କଳା, ଖାଦ୍ୟ ଏବଂ ପରମ୍ପରାକୁ ଦିଲ୍ଲୀବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସୁନ୍ଦର ମାଧ୍ୟମ ସାଜିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆଶିଷ ସୁଦ୍ ଏବଂ ଓଡ଼ିଆ ସମାଜର ସଭାପତି ଶ୍ରୀ ସିଦ୍ଧାର୍ଥ ପ୍ରଧାନ ଉପସ୍ଥିତ ଥିଲେ ।

## ୧୧୦ ବୋତଲ ଏସ୍କଫ ସିରଫ, ୯୨୫୦ ଟଙ୍କା ଜବତ

# ନିଶା ବେପାରୀ ପଞ୍ଚୁ ପ୍ରଧାନ ଗିରଫ




ପୁରୀ, (ସବ୍ୟୁ): ବେଆଇନ ନିଶା ଔଷଧ ଏସ୍କଫ ସିରଫ ବୀକ୍ରି ଅଭିଯୋଗରେ ବାସେଲୀ ସାହି ଥାନା ସ୍ଥାନୀୟ ଓମକାରେଶ୍ୱର ମନ୍ଦିର ନିକଟରେ ଚଢାଉ କରି ଜଣେ ନିଶା ବେପାରୀକୁ ଗିରଫ କରିଛି । ଅଭିଯୁକ୍ତ ନିକଟରୁ ପୋଲିସ ବିପୁଳ ପରିମାଣର ନିଶା ଔଷଧ ଜବତ କରିଛି । ଗିରଫ ଅଭିଯୁକ୍ତର ପରିଚୟ ହେଲା ପଞ୍ଚୁ ପ୍ରଧାନ(୩୮) । ତାର ଘର ବାସେଲୀ ସାହି ଥାନା ଅନ୍ତର୍ଗତ ନୀଳମାଧବ ଲେନ, ଅଟେ । ବାସେଲି ସାହି ଥାନା ଆଇଆଇସି ଅଭିନାଶ ରାଉତଙ୍କ ସୂଚନା ମୁତାବକ ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଥିଲା ଅଭିଯୁକ୍ତ ପଞ୍ଚୁ ଓମକାରେଶ୍ୱର୍ ମନ୍ଦିର ନିକଟରେ ବେଆଇନ ଭାବେ ନିଶା ଔଷଧ ବିକ୍ରି କରୁଛି । ଉକ୍ତ ତଥ୍ୟ ଅନୁସାରେ ପୋଲିସ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା । ଚଢ଼ାଉ ବେଳେ ପୋଲିସ ଘଟଣା ସ୍ଥଳରୁ ୧୧୦ ବୋତଲ ଏସ୍କଫ ସିରଫ ଜବତ କରି ଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତ ସଞ୍ଜୟ ନାମରେ ବାସେଲୀ ସାହି ଥାନାରେ ୭ ଗୋଟି ଅପରାଧିକ ମାମଲା ରହିଛି ।

## ୫୮ ଡୋମେଷ୍ଟିକ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡର ଜବତ, ୬ ଗିରଫ

ପୁରୀ, (ସବ୍ୟୁ): ସହରରେ ଦେଖା ଦେଇ ଥିବା ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର କଳା ବଜାରି ଓ ହୋର୍ଡିଂକୁ ରୋକିବା ପାଇଁ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଛି । କାର୍ଯ୍ୟାନୁଷ୍ଠାନ ପୂର୍ବକ ବିଭିନ୍ନ ଗ୍ୟାସ ରିଫିଲିଂ ଦୋକାନ ଉପରେ ଚଢ଼ାଉ କରା ଯାଇଛି । ଚଢ଼ାଉ ବେଳେ ପୋଲିସ ୫୮ ଟି ଡୋମେଷ୍ଟିକ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡର ଜବତ କରିଛି । ଗ୍ୟାସ ସିଲିଣ୍ଡର କଳା ବଜାରି ଅଭିଯୋଗରେ ପୋଲିସ ୬ ଜଣକୁ ଗିରଫ କରିଛି । ଜିଲ୍ଲା ଏସପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ରଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଟାଉନ ଥାନା , ବାସେଳି ସାହି ଥାନା, କୁମ୍ଭାରପଡ଼ା ଥାନା ପକ୍ଷରୁ ଏହି ଚଢାଉ କରା ଯାଇ ଥିଲା ।

## ସ୍ୱତନ୍ତ୍ର ସଘନ ସଂଶୋଧନ ଏସ୍ଆଇଆର୍ ନିମନ୍ତେ ପ୍ରାକ୍ ପ୍ରସ୍ତୁତି

କଟକ, (ସବ୍ୟୁ):ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ କମଲଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟଠାରେ ପ୍ରାଶାସନିକ ପ୍ରସ୍ତୁତି ପୂର୍ବକ ସମଗ୍ର ଜିଲ୍ଲାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ନିମନ୍ତେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରଯାଇଥିଲା । ଏଥି ସହ ବୁଥସ୍ତରୀୟ ଅଧିକାରୀ ମାନଙ୍କ ସମସ୍ତ ସହଯୋଗ ନିମନ୍ତେ ବୁଥସ୍ତରୀୟ ଏଜେଣ୍ଟ (ବି ଏଲ ଏ) ନିୟୋଜନ ଏବଂ ତତ୍କାଳାର୍ଥ ଆଗାମୀ ଅପ୍ରେଲ ମାସରେ ହେବାକୁଥିବା ଏଥି ସମ୍ବନ୍ଧିତ ପ୍ରାରମ୍ଭିକ ପ୍ରସ୍ତୁତି ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ବୈଠକରେ ଆଲୋଚନା କରିଥିଲେ । ବିଶେଷ କରି ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ମାନଙ୍କରେ ଅନୁପସ୍ଥିତ ଭୋଟର ମାନଙ୍କର ସଠିକ୍ ସର୍ଭେ କରି ଯଥା ସମୟ ମଧ୍ୟରେ ତଥ୍ୟାବଳୀ ପ୍ରସ୍ତୁତ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଚୌଦ୍ୱାର କଟକ ପାଇଁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜିଦେଓ, ବାଙ୍କୀ ପାଇଁ ପ୍ରଣବ କୁମାର ବେହେରା, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂବଡ଼ମ୍ବା ପାଇଁ ନିୟୋଜିତ ମହାନଗର ନିଗମର ଯୁଗ୍ମ ଆୟୁକ୍ତ, ବି ମହାନ୍ତି ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବାବାବୁଖାରୀଙ୍କ ଉର୍ସ ଉତ୍ସବ

# ଚଳଚଞ୍ଚଳ କାଇପଦର ସର୍ବଧର୍ମ ସମ୍ମନ୍ନପୀଠ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କାଇପଦର ସ୍ଥିତ ବା ବା ବୁଖାରୀଙ୍କ ପୀଠ ରେ ବାବାଙ୍କ ଜନ୍ମ ଦିବସ ତଥା ଉର୍ସ ଉତ୍ସବ ଅବସରରେ ସଂନ୍ଧ୍ୟାରୁ ବାବା ବୁଖାରୀଙ୍କ ପୀଠ ଚଳଚଂଚଳ ହେବାରେ ଲାଗିଛି । ଝିଲିମିଲି ଆଲୋକରେ ପୁରା ବାବା'ବୋଖାରୀଙ୍କ ପୀଠ ଝଲସୁଛି । ଦେଶ ତଥା ଦେଶ ବାହାର ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ ପାଇଁ ସମାଗମ ଏଠାକୁ ଛୁଟି ଆସୁଥିବାବେଳେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରାୟ ୨୦ ହଜାର ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାଯାଇଛି । କେବଳ ଜିଲ୍ଲା ନୁହେଁ ଦେଶ ବିଦେଶରୁ ଶ୍ରଦ୍ଧାଳୁ ସମାଗମ ଦେଖିବାକୁ ମିଳିଥିବା ବେଳେ ବାବା ଙ୍କ ଉପରେ ଚଦର ଚଢାଇବାକୁ ଶ୍ରର୍ଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖାଯାଇଛି । ବିଳମ୍ବିତ ରାତିରେ ବାବାଙ୍କ ସ୍ନାନ କରାଯିବ । ଆରବ ଦେଶରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଚନ୍ଦନ, ଅତର ଏବଂ ଚାଦର ଚଢାଇବାକୁ ବାକି ରହିଛି । ବାବା ଙ୍କ ପୀଠ ଉଜ୍ଜ୍ୱଳ ଆଲୋକରେ ଝଲସୁଛି ।ଏଠାରେ ଏକ ନିଆରା ଢଙ୍ଗର ପରମ୍ପରା କେଉଁ ଆବହାନ କାଳୁ ଚାଲି ଆସିଥିବାବେଳେ ହିନ୍ଦୁ ଲୋକମାନେ ଗୀତା ପାଠ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକ କୋରାନ ପାଠ କରିଥାନ୍ତି ।ବାବାଙ୍କ ଜନ୍ମଦିବସରେ ଦର୍ଶନ କଲେ ବର୍ଷ ବର୍ଷର ପାପ କ୍ଷୟ ହୋଇଥାଏ ବିଶ୍ୱାସ ରହିଛି ବୋଲି ବୋଖାରୀ ପୀଠ କମିଟି ସଭାପତି ସେକ୍ ସନାଉଲ୍ଲା ପ୍ରକାଶ କରିଛନ୍ତି ।

# କବି ଧୁନ୍ ଖୁଣ୍ଟିଆଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): କବି ଧୁନ ଖୁଣ୍ଟିଆଙ୍କର ଗତ ୭ ତାରିଖ ସକାଳେ, ଭୁବନେଶ୍ୱର ସ୍ଥିତ ଆଇ.ଆର. ସି. ଭିଲେଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା । ଶେଷ ସମୟରେ ତାଙ୍କ ପାଖରେ ପୁତ୍ର, ପୁତ୍ରବଧୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ପରେ ତାଙ୍କର ପାର୍ଥିବ ଶରୀରକୁ ଜନ୍ମସ୍ଥାନ ଜୟପୁର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଓଡ଼ିଆ ସାରସ୍ୱତ ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଫେସର କବି ଧୁନ ଖୁଣ୍ଟିଆ ଓଡ଼ିଆ ଭାଷା, ସାହିତ୍ୟ, ସଙ୍ଗୀତ ଓ ଶିକ୍ଷା ଜଗତରେ ବେଶ ଜଣାଶୁଣା ନାଁ ୧୯୬୫ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ୧୯୯୬ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ତିନି ଦଶନ୍ଧିରୁ ଉର୍ଦ୍ଧ୍ୱର ଅଧ୍ୟାପନା ଜୀବନ ବେଶ ଫଳପ୍ରଦ ଥିଲା । ଏକ ମିଷ୍ଟଭାଷୀ, ପରୋପକାରୀ, ଦକ୍ଷ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବେଶ୍ ଜଣାଶୁଣା ଥିଲେ।



ତାଙ୍କର ସାହିତ୍ୟ ସାଧନା ତାଙ୍କୁ ସାରା ଓଡ଼ିଶାରେ ବେଶ ପରିଚିତ କରି ପାରିଥିଲା । ସେ ଥିଲେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ସ୍ତମ୍ଭକାର, ଔପନାସିକ ଓ ଗୀତିକାର। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ "ଉତ୍କଳ ପ୍ରସଙ୍ଗ' ଓ " ଓଡ଼ିଶା ରିଭ୍ୟୁ'ରେ ଉପଦେଷ୍ଟା କମିଟିର ସଭ୍ୟ, ଓଡ଼ିଆ ଯୁବ ଲେଖକ ସମ୍ମେଳନର କାର୍ଯ୍ୟକାରୀ ସମିତି ସଭ୍ୟ ଏବଂ ଅଧ୍ୟାପନା କାଳରେ ବିଭିନ୍ନ ମହାବିଦ୍ୟାଳୟର ମୁଖପତ୍ରମାନଙ୍କରେ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଆକାଶବାଣୀର କେବଳ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ନଥିଲେ, ବିଭିନ୍ନ ସମୟରେ ଆକାଶବାଣୀରେ ଆଲୋଚନାଚକ୍ରରେ ଭାଗ ନେଇଥିଲେ ଏବଂ ଜଣାଶୁଣା ବକ୍ତା ଓ ବାଗ୍ମୀ ଭାବେ ପରିଚିତ ଥିଲେ। ନିଖିଳ ଭାରତ, ଓଡ଼ିଆ ଅଧ୍ୟାପକ ସମ୍ମେଳନରେ ସେ ସମ୍ମାନିତ ହୋଇଥିଲେ। ଓଡ଼ିଶା ସାରସ୍ୱତ ଭଣ୍ଡାରକୁ ତାଙ୍କର ଅନନ୍ୟ ଅବଦାନ ରହିଛି । ପ୍ରଫେସର ଧୁନ ଖୁଣ୍ଟିଆଙ୍କ ମୃତ୍ୟୁରେ ଶିକ୍ଷା ଜଗତ ଓ ସାହିତ୍ୟ ମଣ୍ଡଳୀରେ ଗଭୀର ଶୋକର ଛାୟା ପଡ଼ିଛି।

## ସ୍ତ୍ରୀକୁ ପୋଡ଼ି ହତ୍ୟା ମାମଲା

# ସ୍ୱାମୀର ଆଜୀବନ କାରାଦଣ୍ଡାଦେଶକୁ କାଏମ ରଖିଲେ ହାଇକୋର୍ଟ

କଟକ, (ସବ୍ୟୁ) : ସ୍ତ୍ରୀକୁ ପୋଡ଼ି ହତ୍ୟା କରିବା ମାମଲାରେ ଅଭିଯୁକ୍ତ ସ୍ୱାମୀ ଲକ୍ଷ୍ମଣ କୁମାର ସାହୁଙ୍କ ବିରୋଧରେ ବ୍ରହ୍ମପୁର ସେସନ୍ସ କୋର୍ଟ ଦେଇଥିବା ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିବା ସହ ଅଭିଯୁକ୍ତର ଅପିଲ୍‌କୁ ଖାରଜ କରିଦେଇଛନ୍ତି । ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ବ୍ରହ୍ମପୁର ବିଜିପୁର ଅନ୍ତର୍ଗତ ଶାସ୍ତ୍ରୀନଗରରେ ଏକ ଭଡ଼ା ଘରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ରହୁଥିଲେ । ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ୧୯୯୯ ମାର୍ଚ୍ଚ ୨୩ ରାତିରେ ଅଭିଯୁକ୍ତ ସ୍ୱାମୀ ଲକ୍ଷ୍ମଣ ସାହୁ ଉତ୍‌କ୍ଷିପ୍ତ ହୋଇ ପତ୍ନୀ ଗୀତାଞ୍ଜଳିଙ୍କ ଶରୀରରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ଗୀତାଞ୍ଜଳିଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା; ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଗୀତାଞ୍ଜଳିଙ୍କ ମା ଏ ସଂକ୍ରାନ୍ତରେ ମହିଳା ଥାନାରେ ଏଫଆଇଆର ଦେଇଥିଲେ । ଯୌତୁକ ପାଇଁ ଗୀତାଞ୍ଜଳିଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ । ଅଦାଲତ କହିଛନ୍ତି ଯେ ଏହି ମାମଲାରେ ମୃତକଙ୍କ ମୃତ୍ୟୁ ପୂର୍ବରୁ ଦେଇଥିବା ବୟାନ ସବୁଠାରୁ ବଡ଼ ପ୍ରମାଣ ଭାବେ ଗ୍ରହଣ କରିଛନ୍ତି । ଗୀତାଞ୍ଜଳି ନିଜ ମା' ଏବଂ ଡାକ୍ତରଙ୍କ ସମ୍ମୁଖରେ ସ୍ପଷ୍ଟ ଭାବେ କହିଥିଲେ ଯେ ତାଙ୍କ ସ୍ୱାମୀ ହିଁ ତାଙ୍କ ଦେହରେ ନିଆଁ ଲଗାଇଛନ୍ତି । ଡାକ୍ତରଙ୍କ ସାକ୍ଷ୍ୟ ଅନୁଯାୟୀ ବୟାନ ଦେବା ସମୟରେ ଗୀତାଞ୍ଜଳି ମାନସିକ ସ୍ତରରେ ସୁସ୍ଥ ଓ ସଚେତନ ଥିଲେ; ତେଣୁ ଏହି ବୟାନକୁ ଅଦାଲତ ଗ୍ରହଣ କରିଛନ୍ତି । ୨୦୦୪ ମସିହାରେ ବ୍ରହ୍ମପୁର ସେସନ୍ସ କୋର୍ଟ ଲକ୍ଷ୍ମଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଥିଲେ । ହାଇକୋର୍ଟ ଏହି ରାୟରେ କୌଣସି ତ୍ରୁଟି ନାହିଁ ବୋଲି ଦର୍ଶାଇଛନ୍ତି ।

## ମାଟିରେ ମିଶିଲା ୬୩ ଘର, ୩୦ ନିର୍ମାଣାଧୀନ ଘର

# ଟିପି ସ୍କିମ ଲାଗି ୩ ଏକର ଜମି ଜବରଦଖଲମୁକ୍ତ

ଭୁବନେଶ୍ୱର (ସବ୍ୟୁ) : ମଳିପଡ଼ା ଟାଉନ ପ୍ଲାନିଂ(ଟିପି) ସ୍କିମ୍ ପାଇଁ ମାଟିରେ ମିଶିଛି ୬୦ରୁ ଉର୍ଦ୍ଧ୍ୱର୍ ଘର । ବସ୍ତିବାସିନ୍ଦାଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ହୋଇଥିବା ଉଚ୍ଛେଦରେ ୩ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି । ମଳିପଡ଼ା ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର ୩୦୭ରେ ୬ ଏକର ୧୮ ଡିସିମିଲ ଜମି ଓ ପ୍ଲଟ ନମ୍ବର ୧୩୫ରେ ୪୫.୮୪ ଏକର ଅନାବାଦୀ କିସମ ଜମି ରହିଛି । ସେହି ପ୍ଲଟରେ ବେଆଇନ ଭାବେ ଗଢ଼ି ଉଠିଛି ଘର । ସେଗୁଡ଼ିକୁ ହଟାଇବାକୁ ବିଡିଏ ଏନଫୋର୍ସମେଣ୍ଟ ଟିମ ପହଞ୍ଚିଥିଲା ଘଟଣାସ୍ଥଳରେ । ହେଲେ ସେଠାରେ ବସ୍ତିବାସିନ୍ଦାଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା । ପୋଲିସ ଉପସ୍ଥିତରେ ବି ଉଚ୍ଛେଦକୁ ବିରୋଧ କରି ପ୍ରବଳ ଯୁକ୍ତିତର୍କ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ବିରୋଧ ସତ୍ତ୍ୱେ ଉଚ୍ଛେଦ ଅଭିଯାନ ଜାରି ରହିଥିଲା ।

ଏହି ଉଚ୍ଛେଦରେ ୪୮ଟି ନୂତନ ଆଜବେଷ୍ଟସ ଘର, ୨୦ଟି ନିର୍ମାମାଣାଧୀନ ଘର, ୫ ଟି ପାଣି ଟାଙ୍କି, ପ୍ଲଟ ନଂ-୩୦୭ରୁ ପ୍ରାୟ ୧୦୦ ଫୁଟ ଲମ୍ବର କାନ୍ଥ ଏବଂ ଏବଂ ପ୍ଲଟ ନଂ-୧୩୫ରେ ହୋଇଥିବା ୧୫ଟି ଆଜବେଷ୍ଟସ ଘର ଓ ୧୦ଟି ନିର୍ମାଣାଧୀନ ଘର ଭାଙ୍ଗି ଦିଆଯାଇଥିଲା । ମୋଟ ୬୮ଟି ଆଜବେଷ୍ଟସ ଘର ଏବଂ ୩୦ଟି ନିର୍ମାଣାଧୀନ ଘର ମାଟିରେ ମିଶାଇ ଦେଇଛି ବିଡିଏ । ଆଜି ମୋଟ ୩ ଏକର ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଥିଲା । ତେବେ ସମୟ ଅଭାବରୁ ଆଂଶିକ ଭାବେ ଉଚ୍ଛେଦ କରାଯାଇଛି ।

କଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ କମିଶନରେଟ୍ ପୋଲିସ ଦ୍ୱାରା ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ଗୋଟିଏ ସେକ୍ସନ୍ ମହିଳା ପୋଲିସ ମୁତୟନ କରାଯାଇଥିଲା । ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନଂ. ୦୧, ୦୨, ୦୩, ୦୪, ୦୫, ୦୬, ୦୭, ୦୮ ଏବଂ ୦୯



ଉଚ୍ଛେଦରେ ନିୟୋଜିତ ହୋଇଥିଲେ । ଉଚ୍ଛେଦ ବେଳେ ବିଡିଏ ଯୁଗ୍ମ କମିଶନର (ଏନଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହାକା, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ 'ଗ୍ଲୋବାଲ ସମିଟ୍ ଅନ୍ ବ୍ଲୁ ଇକୋନୋମି ୨୦୨୬' ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ 'ଗ୍ଲୋବାଲ ସମିଟ୍ ଅନ୍ ବ୍ଲୁ ଇକୋନୋମି ୨୦୨୬'କୁ ଉଦଘାଟନ କରି 'ବିକଶିତ ଓଡ଼ିଶା ୨୦୩୬' ଅଧୀନରେ ରାଜ୍ୟର ଦୂରଦୃଷ୍ଟି ଉପସ୍ଥାପନ କରିଛନ୍ତି । ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସାମୁଦ୍ରିକ ସମ୍ପଦର ସମ୍ଭାବନା ଉପରେ ଆଲୋକପାତ କରି ସେ ଓଡ଼ିଶାର ୫୭୫ କିଲୋମିଟର ବେଳାଭୂମି ସହିତ ଅର୍ଥନୀତି, ଜନସଂଖ୍ୟା, ଭୌଗୋଳିକ ସ୍ଥିତି ଏବଂ ପରିସଂସ୍ଥା (ଇଡିଜିଇ) ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ୨୦୪୭ ସୁଦ୍ଧା ଦେଶର ଜିଡିପିରେ ୫% ଅବଦାନ ରଖିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି, ଯେଉଁଥିରେ ମତ୍ସ୍ୟ ସମ୍ପଦ, ସାମୁଦ୍ରିକ ଭିତ୍ତିଭୂମି, ଉପକୂଳ ପର୍ଯ୍ୟଟନ ଏବଂ 'ଓମ୍ବ୍ରିକ' ମାଧ୍ୟମରେ ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ଅବଦାନ ରହିବ । ଶେଷରେ ସେ ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶାର ଦର୍ଶନକୁ ଦୋହରାଇ ଓଡ଼ିଶାକୁ ନୀଳ ଅର୍ଥନୀତିର ବିକାଶ ଓ ନବସୃଜନର ଏକ କେନ୍ଦ୍ର ଭାବରେ ଉପସ୍ଥାପିତ କରିଥିଲେ । 'ବିକଶିତ ଭାରତ ୨୦୪୭' ଅଧୀନରେ ଜାତୀୟ ଦୃଷ୍ଟିକୋଣ ପ୍ରଦାନ କରି ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ ସମୁଦ୍ରର ବିଶାଳ ସମ୍ଭାବନା




ସମ୍ବନ୍ଧ ରେ କହିଥିଲେ ଯେ, ବିଶ୍ୱସ୍ତରରେ ସମୁଦ୍ରର ପ୍ରାୟ ୯୫% ଅଂଶ ଏବେ ମଧ୍ୟ ଅନୁସନ୍ଧାନ ଅପେକ୍ଷାରେ ଅଛି । ସେ ଅଫସୋର ଶକ୍ତି ଏବଂ ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଥିବା ସୁଯୋଗ ଏବଂ ଜଳବାୟୁ ପ୍ରଭାବ, ଉପକୂଳ କ୍ଷୟ ଏବଂ ସାମୁଦ୍ରିକ ପ୍ରଦୂଷଣ ଭଳି ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିବା ସହ ସାମୁଦ୍ରିକ ସମ୍ପଦର ସ୍ଥାୟୀ ବ୍ୟବହାର ପାଇଁ ଅଧିକ ଗବେଷଣା ଏବଂ ନବସୃଜନର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଭାରତରେ ତିମୋର-ଲେଷ୍ଟେର ରାଷ୍ଟ୍ରଦୂତ ମହାମହିମ କାର୍ଲିଟୋ ନୁନେସ୍ ତାଙ୍କ ଦେଶର ସାମୁଦ୍ରିକ ଏବଂ ଉପକୂଳ କ୍ଷେତ୍ରକୁ ମଜବୁତ କରିବା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ଓଡ଼ିଶାର ଉପକୂଳ ଏବଂ ସାମୁଦ୍ରିକ ସମ୍ପଦର ରଣନୈତିକ ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ବିସିକେଆଇସି ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିଲେ । ଉଦଘାଟନୀ ଅଧିବେଶନରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ପ୍ରତିନିଧି, ଗବେଷକ, ଷ୍ଟାର୍ଟଅପ୍ ଏବଂ ଛାତ୍ରଛାତ୍ରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହି ଅବସରରେ 'ବ୍ଲୁ ଇକୋନୋମି ଟେକ୍ନୋଲୋଜି କମ୍ପେଣ୍ଡିୟମ୍' ଏବଂ 'ଏକାଡେମିକ ଆବଷ୍ଟ୍ରାକ୍ଟ ବୁକ୍' ଉନ୍ମୋଚିତ ହୋଇଥିଲା ।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ରାଜପଥରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହେବା ପରେ ଶୁକ୍ରବାର ସକାଳେ ଆଇଗିଣିଆ ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୂର୍ବତନ ସ୍ୱାସ୍ଥ୍ୟକର୍ମୀ ବିଜୟଲକ୍ଷ୍ମୀ କର ଶୁକ୍ରବାର ସକାଳେ ପରିବା କିଣିବାକୁ ଘରୁ ବଜାରକୁ ଆସିଥିଲେ । ପରିବା କିଣିସାରି ଘରକୁ ଯିବା ପାଇଁ ଜାତୀୟ ରାଜପଥ ପାର୍ ହେଉଥିବା ବେଳେ ତାଙ୍କୁ ଏକ ବସ୍ ଧକ୍କା ଦେଇଥିଲା । ବସ୍ ଧକ୍କାରେ ତାଙ୍କ ଶରୀରରୁ ଦୁଇଗୋଡ ହାତ ଅଲଗା ହୋଇଗଲା । ବସ୍‌ଟି ଘଟଣାସ୍ଥଳରୁ ଖସିଯାଇଥିବା ବେଳେ ତା'ଉପରେ ସଠିକ୍ ତଥ୍ୟ ମିଳିପାରିନାହିଁ । ଖବର ପାଇ ଘଟଣାସ୍ଥଳରେ ପରିବାର ଲୋକେ ଓ ପୋଲିସ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ।




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା, ମୁମ୍ବାଇଙ୍କ ମିଳିତ ସହଯୋଗରେ "ଏକଦିବସୀୟ ଓଡ଼ିଆ -ମରାଠୀ ଅନୁବାଦ କର୍ମଶାଳା ଓ କବିତା ପାଠୋତ୍ସବ" ୧୩ ତାରିଖରେ ଓଡ଼ିଶା ଭବନ, ମୁମ୍ବାଇ ଠାରେ ଅନୁଷ୍ଠିତ ହୋଇଯାଇଛି ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୪୩ ବିବାହ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ଭାବେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟାମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରି ସମାଜରେ ସାମାଜିକ ସୁରକ୍ଷା ଓ ସମତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ପ୍ରମାଣିତ ହେଉଛି । ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ କନ୍ୟାମାନଙ୍କ ବିବାହକୁ ସମୂହ ଭାବେ ସମ୍ପନ୍ନ କରାଯାଇ ସେମାନଙ୍କୁ ଏକ ସୁନ୍ଦର ଓ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରେରିତ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦା ସ୍ଥିତ ଛଉ ପଡ଼ିଆ ଠାରେ ଏକ ବିଶାଳ ସମୂହ ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ମୋଟ ୪୩ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଏହି ମାଙ୍ଗଳିକ କାର୍ଯ୍ୟକ୍ରମ ନବଦମ୍ପତି ମାନଙ୍କ ଜୀବନରେ ନୂଆ ଆଶା, ଆନନ୍ଦ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା ।

ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ତାଙ୍କର ନୂତନ ବୈବାହିକ ଜୀବନ ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଥିଲେ । ଏହି ଯୋଜନା ମାଧ୍ୟମରେ ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି, ଯାହା ଦ୍ୱାରା ସମାଜରେ ସାମାଜିକ ସଚେତନତା ବୃଦ୍ଧି ପାଇବା ସହିତ ବିଧବାମାନଙ୍କୁ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ସେମାନଙ୍କୁ ସଶକ୍ତିକରଣ କରାଯାଇପାରିବ । ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ସର୍ବମୋଟ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିରୁ ୪୫,୦୦୦ ଟଙ୍କା ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର ମାଧ୍ୟମରେ ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେବାର ବ୍ୟବସ୍ଥା ରହିଛି । ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ନିୟୋଜିତ କାର୍ଯ୍ୟକାରୀ ସଂସ୍ଥା ଗ୍ରାମୀଣ ବିକାଶ କାର୍ଯ୍ୟକାରୀଣୀ କମିଟିକୁ ପ୍ରଦାନ କରାଯାଇଛି । ବର ଓ ବଧୂମାନଙ୍କ ପାଇଁ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ଆୟୋଜନ ସହିତ ସମସ୍ତ ଆବଶ୍ୟକ ସୁବିଧା ଯଥା ଆସନ ବ୍ୟବସ୍ଥା, ପୂଜା ପାଠ, ଭୋଜନ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ନବଦମ୍ପତିମାନଙ୍କ ପରିବାରସଦସ୍ୟ ଓ ଆତ୍ମୀୟସ୍ୱଜନମାନଙ୍କ ଉପସ୍ଥିତିରେ ଏହି ମାଙ୍ଗଳିକ କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସାମାଜିକ ମଙ୍ଗଳ ଅଧିକାରୀଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସହିତ ଅନ୍ୟାନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନଙ୍କ ଏହି ପ୍ରୟାସ ମାଧ୍ୟମରେ ସମୂହ ବିବାହ ପ୍ରଥାକୁ ପ୍ରୋତ୍ସାହନ ମିଳୁଥିବା ସହିତ ଆର୍ଥିକ ଦୁର୍ବଳ ପରିବାରମାନଙ୍କୁ ସହାୟତା ମିଳୁଛି । ଏହା ସମାଜରେ ସମାନତା, ସାମାଜିକ ସୁରକ୍ଷା ଓ ସଚେତନତା ବୃଦ୍ଧି କରିବାରେ ଏକ ଉତ୍କୃଷ୍ଟ ପଦକ୍ଷେପ ଭାବେ ପରିଗଣିତ ହେଉଛି ।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ: ୨ ଆହତ, ୩ ଗିରଫ



ଭଞ୍ଜନଗର, (ସବ୍ୟୁ) : ବେଲଗୁଣ୍ଠାରେ ଦୁଇ ପରିବାର ମଧ୍ୟରେ ଅସନ୍ତୋଷକୁ କେନ୍ଦ୍ରକରି ଗଣ୍ଡଗୋଳ । ଆକ୍ରମଣ ଓ ପ୍ରତିଆକ୍ରମଣରେ ଦୁଇ ଆହତ । ଜଣେ ମହିଳା ସମେତ ୩ ଜଣଙ୍କୁ ଗିରଫ କଲା ବେଲଗୁଣ୍ଠା ଥାନା ପୋଲିସ । ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବର ଦେଇଥିବା ସୂଚନା ପ୍ରକାରେ ବେଲଗୁଣ୍ଠା ସିନେମା ହଲ୍ ଛକରେ ରହୁଥିବା କୁନା ବେହେରା, ସ୍ତ୍ରୀ ପ୍ରମିଳା ବେହେରା ଏବଂ ତାଙ୍କ ପୁଅ ମିଶି କୌଣସି କାରଣକୁ ନେଇ କୋଳିସାହିର ଚନ୍ଦ୍ରଶେଖର ପାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ।

ଏହାପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା । ଏନେଇ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଦୁଇଟି ଅଭିଯୋଗ ଆଧାରରେ ଥାନା କେଶ୍ ନମ୍ବର ୯୪/୨୬ ଏବଂ ୯୫/୨୬ ରେ ଦୁଇଟି ମାମଲା ରୁଜୁ କରିଥିଲା ପୋଲିସ । ଉଭୟ ପକ୍ଷର କୁନା ବେହେରା ଓ ତାଙ୍କ ସ୍ତ୍ରୀ ପ୍ରମିଳା ବେହେରା ଏବଂ ଚନ୍ଦ୍ରଶେଖର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।

# ୧୧୧ କେଜି ଗଞ୍ଜେଇ ଜବତ ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଅବକାରୀ ଗୁଇନ୍ଦା ବିଭାଗ ପୃଥକ ଭାବେ ଦୁଇଟି ସ୍ଥାନରେ ଚଢାଉ କରି ୧୧୧ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି । କନିଶି ଛକ ନିକଟ ଜାତୀୟ ରାଜପଥରୁ ଦୁଇ ଜଣ ଅଭିଯୁକ୍ତ ପି. ସିବା ରେଡ୍ଡୀ ଏବଂ ପ୍ରଫୁଲ କରାଡଙ୍କ ଠାରୁ ୩୬ କେଜି ଓ ସୁରୋଳ ଜଙ୍ଗସନ୍‌ରୁ ତିନି ଅଭିଯୁକ୍ତ ଆରିମୁଥୁ ପାଚିଆପ୍ପନ, ପ୍ରେରିତା ପାଣି ଏବଂ ବାମାଲି ଶିବରାମ ରେଡ୍ଡୀଙ୍କ ଠାରୁ ୭୫ କେଜି ଗଞ୍ଜେଇ ଜବତ କରିଛି । ଏଥିରେ ତାମିଲନାଡୁ ପଞ୍ଜିକରଣ ନମ୍ବର ବିଶିଷ୍ଟ ଟାଟା ଏଇଚର ଟ୍ରକ୍, ଓଡିଶାର ପଞ୍ଜିକରଣ ନମ୍ବର ବିଶିଷ୍ଟ ଦୁଇଟା ମାରୁତି ଡିଜାୟାର ଚାରି ଚକିଆ ଗାଡ଼ି, ଗୋଟିଏ ହିରୋ ଗ୍ଲାମର ବାଇକ୍, ପାଞ୍ଚଟି ମୋବାଇଲ୍ ଫୋନ୍ ଜବତ ହୋଇଛି । ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ନାବାଳିକାକୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ତୁମୁଳକାଣ୍ଡ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ତିରିଂଥାନା ତଥା ବହଳଦା ବ୍ଲକ ଅନ୍ତର୍ଗତ ବିରୁଆ ଗ୍ରାମର ଜନୈକ ସଂଖ୍ୟାଲଘୁ ଯୁବକଙ୍କ ଦ୍ୱାରା ନିକଟସ୍ଥ ସନାପୋଷି ଗ୍ରାମର ଜନୈକ ଆଦିବାସୀ ନାବାଳିକା ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗ ହୋଇଛି । ଯାହା ଫଳରେ ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତଙ୍କ ଘରକୁ ଆସି ଆକ୍ରମଣ ଉଦ୍ୟମ କରିଥିଲେ । ଘଟଣା ସ୍ଥଳରେ ରାତି ତମାମ ଉତ୍ତେଜନା ମୁଳକ ପରିସ୍ଥିତି ଲାଗି ରହିଥିବାବେଳେ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ଏସଡିପିଓଙ୍କ ସହିତ ପୋଲିସ ବଳ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିଥିଲେ । ଆଜି ସକାଳୁ ଉତ୍ୟକ୍ତ ଗ୍ରାମବାସୀ ବହଳଦା ବଜାର ନିକଟସ୍ଥ ୨୨୦ ନଂ ଜାତୀୟ ରାଜପଥ ରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବିଡ଼ିଓ, ତହସିଲଦାର, ବିଭିନ୍ନ ଥାନାର ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ରହି ବୁଝାସୁଝା କାର୍ଯ୍ୟ ଜାରି ରଖିଥିଲେ । ହେଲେ ଉତ୍ୟକ୍ତ ଗ୍ରାମବାସୀ ଓ ପୋଲିସ ମଧ୍ୟରେ କଥା କଟାକଟି ସହିତ ଠେଲାପେଲା ହେବାରୁ ପୋଲିସ ଲାଠିଚାର୍ଜ କରିଥିଲା । ଗ୍ରାମବାସୀ ଅଧିକ ଉତ୍ୟକ୍ତ ହୋଇ ପୋଲିସକୁ ମଧ୍ୟ ଆକ୍ରମଣ କରିଥିଲେ । ଫଳରେ ୯ ଜଣ ପୋଲିସ ଆହତ ହୋଇଥିବା ଜଣାପଡିଛି । ସେପଟେ ବର୍ତ୍ତମାନ ତିରିଂ ଥାନାରେ ପିଡିତାଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି । ଦୀର୍ଘ ସମୟ ଧରି ବୁଝାସୁଝା ପରେ ୬ ଘଣ୍ଟା ଧରି ରାସ୍ତା ଅବରୋଧ ହଟିଥିଲା ଓ ଗାଡ଼ିମଟର ଚଳାଚଳ ସ୍ୱାଭାବିକ ହୋଇଥିଲା । ପୀଡ଼ିତାଙ୍କୁ ଉଚିତ ନ୍ୟାୟ ଓ ସରକାରଙ୍କ ପକ୍ଷରୁ କ୍ଷତି ପୂରଣ ଦେବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପ୍ରତିଶୃତି ଦେଲାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

## ବିନା ଟେଣ୍ଡରରେ ରାଜ୍ୟ ବାହାର ଠିକାଦାରଙ୍କୁ ଦେଉଛନ୍ତି କାର୍ଯ୍ୟ

# ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ତରଫରୁ ସହରରେ ଜୈନିକ ଠିକାଦାରଙ୍କର ଦ୍ୱାରା ଅସମ୍ପୂର୍ଣ୍ଣ ଥିବା ୪ଗୋଟି ପୋଖରୀର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ସେଥିମଧ୍ୟରୁ ଥିବା ବହୁ ପୁରାତନ ଝିଞ୍ଜିରୀବନ୍ଧ ସହିତ ତାର ସନ୍ନିକଟ ଜୁବୁଲି ପାର୍କକୁ ମିଶାଇ ଏକ ପ୍ରୋଜେକ୍ଟ ଏବଂ ଷ୍ଟେସନ ହାଟ ପ୍ରୋଜେକ୍ଟ, ଆଉ ଉଭୟ କାର୍ଯ୍ୟ କୁ ମିଶାଇ ୫୦କୋଟିରୁ ଉର୍ଦ୍ଧ ଟଙ୍କାର କାର୍ଯ୍ୟ ଗୁଡିକୁ ବିନା ଟେଣ୍ଡର ଦ୍ୱାରା ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା କରି ରାଜ୍ୟ ବାହାର କୌଣସି ଏକ ସମବାୟ ସଂସ୍ଥାକୁ ଦେଇଛନ୍ତି ବୋଲି ଖବର ପାଇ ଆଜି ଭଞ୍ଜସେନା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଓଡିଶା, ବିଭାଗୀୟ ମୁଖ୍ୟ ସଚିବ, ରାଜ୍ୟ ନଗର ଉନ୍ନୟନ ବିଭାଗ, ନିର୍ଦ୍ଦେଶକ, ଓଡିଶା ଭିଜିଲାନ୍ସ ବିଭାଗ, ଅଧକ୍ଷ, ବାରିପଦା ପୌରପାଳିକା, ନିର୍ବାହୀ ଅଧିକାରୀ ଓ ବାରିପଦା ପୌରପାଳିକା ପ୍ରମୁଖଙ୍କୁ ମଧ୍ୟ ପ୍ରଦାନ କରାଯାଇଅଛି । ଆଜିର କାର୍ଯ୍ୟକ୍ରମରେ ସଂଗଠନ ଶୃଙ୍ଖଳାଗତ କମିଟି ଅଧକ୍ଷ ସତ୍ୟ ସ୍ୱରୂପ ଦାଶ, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସଞ୍ଜୟ ମାହାନା ଓ ସଞ୍ଜୟ ମୋହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । ଅଗାମୀ ସାତଦିନ ଭିତରେ ଯଦି ଜିଲ୍ଲାପ୍ରଶାସନ ପକ୍ଷରୁ ଦିଆଯାଇଥିବା ଦାବୀ ବାବଦରେ କୌଣସି ପଦକ୍ଷେପ ନିଆ ନଯାଏ ତେବେ ସଂଗଠନ ପକ୍ଷରୁ ବାରିପଦା ପୌରପାଳିକା କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି ।

# ଲୋକ ଅଧିକାର ଯାତ୍ରାର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, (ସବ୍ୟୁ): ଦେଶୀ ବିଦେଶୀ କର୍ପୋରେଟ୍ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଦ୍ୱାରା ବିକାଶ ନାଁରେ ଲୋକଙ୍କ ଜମି, ଜଙ୍ଗଲ, ନଦୀ ଓ ପ୍ରାକୃତିକ ସମ୍ପଦ ଉପରେ ଜୋରଦାର ଆକ୍ରମଣ ଚାଲିଛି । ଫଳରେ କ୍ଷତିଗ୍ରସ୍ତ ହେଉଥିବା ସାଧାରଣ ଲୋକ ଆଦିବାସୀ ଓ ଚାଷୀମାନେ ନିଜର ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଲଢେଇ କରୁଛନ୍ତି । କିନ୍ତୁ ପରିତାପର ବିଷୟ ଜଣେ ଆଦିବାସୀଙ୍କ ନେତୃତ୍ୱରେ ଚାଲିଥିବା ସରକାର କମ୍ପାନୀଙ୍କ ବୋଲକରା ହୋଇ ସେମାନଙ୍କ ଉପରେ ଅନେକ ମିଛ କେଶ ଓ ମନଇଛା ଗିରଫଦାରୀ କରି ସ୍ଥାନୀୟ ପୋଲିସ ଭୟଙ୍କର ଦମନ କରିବାରେ ଲାଗିଛି । ଏଭଳି ପରିସ୍ଥିତିରେ ସରକାରଙ୍କ କର୍ପୋରେଟ୍ କମ୍ପାନୀ ସପକ୍ଷବାଦୀ ଜନ ବିରୋଧୀ ବିକାଶ ନୀତି ସମ୍ପର୍କରେ ରାଜ୍ୟବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ତଥା ବଳପୂର୍ବକ ଜମି ଅଧିଗ୍ରହଣ, ଦମନ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଲୋକ ଶକ୍ତି ଅଭିଯାନ, ଏନଏପିଏମ୍ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ମିଳିତ ଭାବେ ଏକ ରାଜ୍ୟସ୍ତରୀୟ ବସ୍ ଯାତ୍ରା ଆରମ୍ଭ ହୋଇଛି । ଗତ ଫେବୃଆରୀ ୨୪ ତାରିଖରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମସ୍ଥାନ ସ୍ଥାନ ସତ୍ୟଭମାପୁର ଠାରୁ ୨୦ ଜଣିଆ ପଦଯାତ୍ରା ବାହାରି ସାରା ରାଜ୍ୟ ପରିକ୍ରମା କରି ଆସନ୍ତା ୨୩ ତାରିଖ ଦିନ ଶହୀଦ ଭଗତ ସିଂଙ୍କ ଶହୀଦ ଦିବସ ଅବସରରେ ଭୁବନେଶ୍ୱର ଠାରେ ପହଞ୍ଚିବ । ଏହି ଯାତ୍ରା ରାଜ୍ୟର ୧୮ ଟି ଜିଲ୍ଲା ପରିକ୍ରମା କରି ସାରିଛନ୍ତି । ଆଜି ଲୋକ ସମ୍ପର୍କ ଯାତ୍ରା କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଠାରୁ ବାହାରି ଗଞ୍ଜାମର ସୋରଡ଼ା, ଆସିକା ଆଦି ଅଞ୍ଚଳ ପରିକ୍ରମା କରି ବ୍ରହ୍ମପୁର ଠାରେ ପହଞ୍ଚିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ସଂକଳ୍ପ ସ୍କୁଲ ଠାରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଲେଖିକା ଡଃ ବିଧୁପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଋଷିକୂଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଅନ୍ୟତମ ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ପଶ୍ଚିମ ଓଡିଶାର ବରିଷ୍ଠ କୃଷକ ନେତା ଲିଙ୍ଗରାଜ, ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ବିକାଶ ନୀତିର ନିନ୍ଦା କରିଥିଲେ । ଘରୋଇ କମ୍ପାନୀଙ୍କୁ ପାଣି ଯୋଗାଇ ଦେବା ପାଇଁ ପିପଲପଙ୍କା ଠାରେ ଋଷିକୁଲ୍ୟା ନଦୀର ଉପରମୁଣ୍ଡରେ ଯେଉଁ ଡେମ୍ କରିବାକୁ ଯାଉଛନ୍ତି, ଫଳରେ ନଦୀ ସମ୍ପୂର୍ଣ୍ଣ ମରିଯିବା ସହ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ପିଇବା ପାଣି ଓ ଜଳସେଚନ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବ ବୋଲି କହି ଥିଲେ । ଦକ୍ଷିଣ ଓଡିଶାର ବକ୍ସାଇଟକୁ ଖଣି ଖୋଳି ତା'କୁ ଆଲୁମିନିୟମରେ ରୂପାନ୍ତରିତ କରି ଗୋପାଳପୁର ବନ୍ଦର ଦେଇ ବିଦେଶକୁ ରପ୍ତାନୀ କରିବା ପାଇଁ ସରକାର ଗୋପାଳପୁର-ଜୟପୁର ମଧ୍ୟରେ ଏକ ୨୮୫ କି. ମି ଦୀର୍ଘ ଓ ଏକ କି.ମି ଚଉଡାର ଯେଉଁ ଅର୍ଥନୈତିକ କରିଡର ନିର୍ମାଣ କରିବାକୁ ଯାଉଛନ୍ତି । ଫଳରେ ଦକ୍ଷିଣ ଓଡିଶାର ବ୍ୟାପକ ପରିମାଣରେ ଜଙ୍ଗଲ, ପାହାଡ, ଜଳ ଉତ୍ସ ସହ ହଜାର ହଜାର ଚାଷୀ ଓ ଆଦିବାସୀଙ୍କ ଚଳନ୍ତି ଜୀବିକାକୁ ଧ୍ୱଂସ କରିବାକୁ ଯାଉଛି । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ବନ୍ଧାବନ ଖଟେଇ, ବରିଷ୍ଠ ସାମ୍ବାଦିକ ରବି ରଥ, ଆଇଏଫଟିୟୁର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ପଣ୍ଡା, ଅଧ୍ୟାପକ ଲୋକନାଥ ପରିଡା, ଶିକ୍ଷକ ନେତା କାମରାଜୁ ମହାରଣା, ଅଶୋକ ଦଳାଇ ପ୍ରମୁଖ ସ୍ଥାନୀୟ ନେତା ଓ ଆଦିବାସୀ ନେତା କୁଶନାଥ ପ୍ରଧାନ ଅଂଶଗ୍ରହଣ କରିଥିଲେ ।

# ରାମରାଜ କଟନ ଶୋରୁମ ଉଦ୍‌ଘାଟନ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରର ଅନ୍ନପୂର୍ଣ୍ଣା ମାର୍କେଟ୍ ସ୍କୋୟାର, ଅର୍ବାନ ବ୍ୟାଙ୍କ ରୋଡ୍ ଠାରେ ପ୍ରସିଦ୍ଧ ପାରମ୍ପରିକ ପୋଷାକ ବ୍ରାଣ୍ଡ ରାମରାଜ କଟନ୍‌ର ନୂତନ ଶୋରୁମ ଉଦ୍‌ଘାଟିତ ହୋଇଛି । ଏହି ଶୋରୁମର ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରସିଦ୍ଧ ଶଲ୍ୟ ଚିକିତ୍ସକ ଡ. ରାଜେନ୍ଦ୍ର କୁମାର ସାହୁ ଏବଂ ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ଡ. ସୁଚିତ୍ରା କୁମାରୀ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୋରୁମର ଉଦଘାଟନ କରି ପ୍ରଥମ କ୍ରୟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ରାମରାଜ କଟନ୍‌ର ଅଧ୍ୟକ୍ଷ କେ. ଆର ନାଗରାଜନ ଉପସ୍ଥିତ ଥାଇ ବ୍ରାଣ୍ଡର ପାରମ୍ପରିକ ଭାରତୀୟ ପୋଷାକ ସଂସ୍କୃତିକୁ ଆଗକୁ ନେବାର ଦୃଷ୍ଟିକୋଣ ବିଷୟରେ ମତ ପ୍ରକାଶ କରିଥିଲେ । ଏହି ଶୋରୁମର ଫ୍ରାଞ୍ଚାଇଜି ମାଲିକ ବାଳକୃଷ୍ଣ ସାହୁ ଓ ତାଙ୍କ ଧର୍ମପନୀ ସଂଯୁକ୍ତା ସାହୁ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଡାଇରେକ୍ଟର ଅମରେଶ ସାହୁ ଏବଂ ଅନୁରାଗ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ । ନୂତନ ଶୋରୁମରେ ଉଚ୍ଚ ଗୁଣବତ୍ତାର ପାରମ୍ପରିକ କଟନ୍ ଧୋତି, ସାର୍ଟ ଓ ଅନ୍ୟାନ୍ୟ ପାରମ୍ପରିକ ପୋଷାକର ବିଶାଳ ସଂଗ୍ରହ ଉପଲବ୍ଧ ରହିଛି ।

ଏହା ବ୍ରହ୍ମପୁର ଓ ପାଖପାଖି ଅଞ୍ଚଳରେ ପାରମ୍ପରିକ ପୋଷାକ ପ୍ରେମୀମାନଙ୍କ ପାଇଁ ଏକ ନୂଆ ଗନ୍ତବ୍ୟ ସ୍ଥାନ ହେବ ବୋଲି ଆଶାବ୍ୟକ୍ତ କରାଯାଇଛି । କାର୍ଯ୍ୟକ୍ରମରେ ସହରର ବହୁ ସମ୍ମାନୀୟ ବ୍ୟକ୍ତି, ଅତିଥି ଓ ଗ୍ରାହକମାନେ ଉପସ୍ଥିତ ଥିଲେ ।

# ଯଶୋଦା ଫାଉଣ୍ଡେସନ ପକ୍ଷରୁ ପିଲାଙ୍କ ସ୍ନେହ ଉତ୍ସବ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ) : ଆଜିର ଶିଶୁ କାଲିର ଭବିଷ୍ୟତ । ଶିଶୁ ହସିଲେ ଦେଶ ହସିବ । କୁନି କୁନି ଶିଶୁଙ୍କ ମୁହଁରେ ହସ ଫୁଟାଇବା ନିମନ୍ତେ ଯଶୋଦା ଫାଉଣ୍ଡେସନ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ଛତ୍ରପୁର ବ୍ଲକ ଅନ୍ତର୍ଗତ ନୁଆଁପଲ୍ଲୀ ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟି ସାଗରୀକା ପଣ୍ଡାଙ୍କ ପୌରହିତ୍ୟରେ ଗ୍ରାମର ପିଲା ମାନଙ୍କୁ ନେଇ ପିଲାଙ୍କ ସ୍ନେହ ଉତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ବେଲୁନ ଫୁଙ୍କା, ସାମୁହିକ କେକ କଟିଙ୍ଗ, ନାଚ, ଗୀତ, କୁଇଜ, ମିଷ୍ଟାନ ଓ କଲମ ବଣ୍ଟନ ସହିତ ଭୋଜିଭାତର ଆସର ହୋଇଥିଲା ।

ଏଥିରେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦେବାଶିଷ ମିଶ୍ର, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି, ଓଡିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା ଓ ଯୁବ ସାମ୍ବାଦିକ ସନ୍ତୋଷ କୁମାର ସାହୁଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଏହି କାର୍ଯ୍ୟକ୍ରମ ଯୋଗଦେଇ ଶିଶୁ ମାନଙ୍କ ସହିତ ମଜା ନେଇଥିଲେ ।

ଏହା ସହିତ ଶିଶୁ ମାନଙ୍କୁ ସୁନାଗରିକ ହେବା ନିମନ୍ତେ ବିଭିନ୍ନ ପ୍ରକାର ପରାମର୍ଶ ଦେଇଥିଲେ । ଟ୍ରଷ୍ଟର ଏଭଳି କାର୍ଯ୍ୟକ୍ରମକୁ ଅତିଥି ଏବଂ ଗ୍ରାମବାସୀ ମାନେ ଭୁୟସୀ ପ୍ରଂଶସା କରିଥିଲେ । ଏଭଳି କାର୍ଯ୍ୟ ଯୋଗୁଁ ଗାଁର କୁନିକୁନି ଶିଶୁ ବିଭିନ୍ନ ଲୁକାୟତ ପ୍ରତିଭା ଖୋଜି ବାହାର କରିବା ନିମନ୍ତେ ବେଶ ସହାୟକ ହେବ ବୋଲି ମଧ୍ୟ ବୃଦ୍ଧିଜୀବୀ ମାନେ ମତ ପ୍ରକାଶ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ସାହୁ, ସୁଦେଷ୍ଣା ସାହୁ ଏବଂ ଗ୍ରାମର ବହୁ ମହିଳା ପୁରୁଷ ମାନେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଅତିଥି ଏବଂ ଯୋଗଦେଇ ଥିବା ଶିଶୁଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ।

# ବୁକିଂ ହେଉନି ଘରୋଇ ଗ୍ୟାସ, ଚିନ୍ତାରେ ଲୋକେ

ବୁଗୁଡ଼ା, (ସବ୍ୟୁ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ପଲ୍ଲୀରୁ ଦିଲ୍ଲୀ ଯାଏଁ ଗ୍ୟାସ ସଂକଟ ପରିପ୍ରେକ୍ଷୀରେ ବୁଗୁଡାରେ ଚାରିଦିନ ହେଲା ଘରୋଇ ଓ କମର୍ସିଆଲ ଗ୍ୟାସ ସଙ୍କଟ ଘନେଇଛି । ଏଠାକାର ଜଳଖିଆ ହୋଟେଲ ଓ ବଡ଼ବଡ଼ ରେଷ୍ଟୁରାଣ୍ଟକୁ କମର୍ସିଆଲ ଗ୍ୟାସ ଚାରିଦିନ ହେଲା ଯୋଗାଯାଉନାହିଁ । ଫଳରେ ସେମାନଙ୍କ ନିକଟରେ ଗଚ୍ଛିତ ଥିବା ଗ୍ୟାସ ଯେକୌଣସି ମୁହୂର୍ତ୍ତରେ ସରିଗଲେ ବ୍ୟବସାୟ ବନ୍ଦ ହେବାର ଆଶଙ୍କା କରାଯାଉଛି ।

ସେହିପରି ଘରୋଇ ଗ୍ୟାସ ବୁକିଂ ମଧ୍ୟ ସହଜରେ ହେଉନାହିଁ । ଗ୍ୟାସ ନେବାର ୨୫ ଦିନ ପରେ ପରବର୍ତ୍ତୀ ଗ୍ୟାସ ପାଇବା ପାଇଁ ବୁକିଂ କରିବା ନେଇ ବର୍ତ୍ତମାନ ସରକାର ଏବେ ଏହି ବ୍ୟବସ୍ଥା କରିଛନ୍ତି । ତେବେ ଚାରିଦିନ ହେଲା ଅଧିକାଂଶ ଗ୍ରାହକ ଗ୍ୟାସ ବୁକିଂ ପାଇଁ ପ୍ରୟାସ କରିବା ସତ୍ତ୍ୱେ ଅନଲାଇନରେ ବୁକିଂ ହେଉନାହିଁ । ଯାହାକୁ ନେଇ ଘରୋଇ ଲୋକେ ବେଶ ଚିନ୍ତାରେ ରହିଛନ୍ତି । ଅନ୍ୟପକ୍ଷରେ ଅଧିକ ଦାମରେ ଗ୍ୟାସର ଚୋରା ବେପାର ହେଉଥିବା ଅଭିଯୋଗ ଉଠୁଛି । ସାଧାରଣ ଘରୋଇ ଲୋକଟିଏ ଗ୍ୟାସ ପାଇବା ନିମନ୍ତେ ବୁକିଂ ପରେ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରୁଥିବା ବେଳେ ବର୍ତ୍ତମାନ ଗ୍ୟାସ ପ୍ରଦାନରେ ବ୍ୟାପକ ହେରାଫେରି ହେଉଛି । ଘରୋଇ ଗ୍ୟାସର ମୂଲ୍ୟ ୬୦ ଟଙ୍କା ସିଲିଣ୍ଡର ପିଛା ବୃଦ୍ଧି ପାଇବା ପରଠାରୁ ସହରରେ ଗ୍ୟାସ ଯୋଗାଣରେ ବିଳମ୍ବ ହେଉଛି । ପୂର୍ବରୁ ବୁକିଂର ୪୮ ଘଣ୍ଟା ମଧ୍ୟରେ ଗ୍ୟାସ ଆସୁଥିଲା ବେଳେ ଏବେ ଘରୋଇ ହିତାଧିକାରୀ ସହଜରେ ଗ୍ୟାସଟିଏ ପାଇପାରୁନାହିଁ । ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଆରମ୍ଭ : ୩ଦିନ ଧରି ମୟୂରଭଞ୍ଜ ଜିଲ୍ଲା ପରିକ୍ରମା କରିବ ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରେଲି) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଜି ସକାଳେ ୨ୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଉଦଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ମନୋଜ କୁମାର ଶତପଥି ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଡଃ ବିଜୟ ଅଗ୍ରୱାଲା, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଭଞ୍ଜସେନାର ଉପାଧ୍ୟକ୍ଷ ସଂଜୀବ କୁମାର ରାଉତ, ସମାଜସେବୀ ବିଶ୍ୱଜିତ ନାୟକ, ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥି, ବଳାଙ୍ଗୀ ମହୋତ୍ସବର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ବଳାଙ୍ଗୀ ସେନାର ସଂସ୍କୃତି ସୈନିକ ମାନଙ୍କୁ ଉତ୍ସାହିତ କରିଥିଲେ।

ବଳାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ଜାଗରଣ ଯାତ୍ରାରେ ୫୦ରୁ ଉର୍ଦ୍ଧ ସଂସ୍କୃତି ସୈନିକଙ୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୂରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ କରିବା ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଳସିନାଚ, ସଂକୀର୍ତ୍ତନ, ଓଡିଶୀ ଆଦି କଳାକାର ମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଏବଂ ଜ୍ୟୋତିରଥ କୁଳିଅଣା, କଳାବାଡିଆ, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଦୁଦୁ ପର୍ଯ୍ୟନ୍ତ ଯିବା ସେହିପରି ୧୪ ତାରିଖ ଦ୍ୱିତୀୟ ଦିନ ଦୁଦୁରୁ ବାହାରି ଜାମଦା, ଗଡ ରାଇରଙ୍ଗପୁର, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝରେ, ଶରତ, କପ୍ତିପଦା ହୋଇ ଉଦଳାରେ ପହଂଚିବା ୧୫ ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଲିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡ଼ା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶ୍ୱର ଗୋଲେଇରେ ପହଂଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛଉପଡିଆ ନିକଟରେ ଜାଗରଣ ଯାତ୍ରା ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଅଶୋକ ପଲେଇ, ନରେନ୍ଦ୍ର ମୋହନ ସେନାପତି, ମନୋଜ ଦଳବେହେରା, ଡଃ ଶଶୀଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଇନ୍ଦୁମତି ମହାନ୍ତି, ସୁନୀଲ କୁମାର ଜେନା, ରବିନ୍ଦ୍ର ସିଂ ପ୍ରମୁଖ ବହୁ ସଦସ୍ୟ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଜେକେବିକେ କଲେଜରେ ଔଷଧୀୟ ବୃକ୍ଷ ଲଗାଇ ଆତ୍ମନିର୍ଭରଶୀଳ ହେବା କାର୍ଯ୍ୟକ୍ରମ



କଟକ, (ସ୍ୱପ୍ର): ଜାତୀୟ କବିବୀରକିଶୋର ସରକାରୀ ମହାବିଦ୍ୟାଳୟର ସ୍ମାର୍ଟ ରୁମ୍‌ରେ ଔଷଧୀୟ ବୃକ୍ଷ ଲଗାଇ କିପରି ଆତ୍ମନିର୍ଭରଶୀଳ ହୋଇପାରିବ ସେନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ସେଣ୍ଟର ଫର୍ ଏନ୍‌ଭାଇରମେଣ୍ଟାଲ୍ ଷ୍ଟଡଜିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡଃ ପଦ୍ମଜା ପଣ୍ଡିତଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସଂପନ୍ନ ହୋଇଥିଲା । ଅଧ୍ୟକ୍ଷା ବୈଦିକ ସାହିତ୍ୟ ତଥା ଅଥର୍ବବେଦରେ ଔଷଧୀୟ ବୃକ୍ଷର ଗୁଣ ଏବଂ ଉପକାରୀତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡଃ ଦୀନବନ୍ଧୁ ମହାରଣା ଯୋଗଦେଇ ଆମ ଆଖପାଖରେ ଥିବା ଔଷଧୀୟ ବୃକ୍ଷର ଗୁଣ ଏବଂ ଉପକାରୀତା ବିଷୟରେ ଅବଗତ କରାଇ ଜଗନ୍ନାଥ ସଂସ୍କୃତିର ମୁଖ୍ୟ ଆଧର ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମଧ୍ୟ ଏହି ଆୟୁର୍ବେଦ ଔଷଧର ଗୁରୁତ୍ୱ କଥା ଉପଲବ୍ଧ କରାଇଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୃଷି ବିଭାଗର ସହାୟକ ପ୍ରାଧ୍ୟାପକ ଡଃ ସନ୍ଦୀପ ରାଉତ୍ ମଧ୍ୟ ବିଭିନ୍ନ ଔଷଧୀୟ ବୃକ୍ଷର ଚିତ୍ର ଦର୍ଶାଇବା ସହିତ ତାହାର ଗୁଣ ଏବଂ ଉପକାରିତାକୁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟତମ ଅତିଥି ବିଶ୍ୱ ନହାକାନୀ ମହାବିଦ୍ୟାଳୟର ଅଧ୍ୟାପକ ଡଃ ସଚ୍ଚିଦାନନ୍ଦ ପ୍ରଧାନ ପ୍ରକୋଷ୍ଠରେ ଥିବା ବିଭିନ୍ନ ଔଷଧୀୟ ପତ୍ର, ଫଳ, ପୁଷ୍ପ, ତୈଳ ତଥା ବୃକ୍ଷ ଆଦିର ଉପକାରୀତା ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ପ୍ରମାଣପତ୍ର ସହିତ ଔଷଧୀୟ ବୃକ୍ଷ ପ୍ରାପ୍ତ ହୋଇଥିଲେ । ଏଥିରେ ଇକୋ କ୍ଲବ୍‌ର ସମସ୍ତ ସଦସ୍ୟ ଡଃ ଅନୁପମା ବରାଳ, ଡଃ ସ୍ୱସ୍ତି ସ୍ୱାଗତିକା ସ୍ୱାଇଁ, ଡଃ ଦେବାଶିଷ ପାତ୍ର ତଥା ଡଃ ସମୀର କୁମାର ରାଉତ ପ୍ରମୁଖ ଯୋଗଦେଇ ଉତ୍ସାହର ସହ ସମସ୍ତ କାର୍ଯ୍ୟ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଔଷଧୀୟ ବୃକ୍ଷର ଗୁଣକୁ ଜାଣିବାର ସୁଯୋଗ ପାଇଥିଲେ । ପ୍ରାଧ୍ୟାପକ ଡଃ ବିଶ୍ୱରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ୩ ଡକାୟତଙ୍କୁ କାବୁ କଲା ପୋଲିସ, ଗାଡି ଓ କଟର ମେସିନ ଜବତ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ଥାନା ପୋଲିସ ଗତକାଲି ରାତିରେ ୩ଜଣ ଡକାୟତଙ୍କୁ କାବୁ କରିଥିଲା ବେଳେ ପୋଲିସ ଡାକାୟତମାନେ ବ୍ୟବହାର କରୁଥିବା ଗୋଟିଏ ଗାଡି ଓ ଏକ କଟର ମେସିନକୁ ଜବତ କରିଥିବାର ଜଣାଯାଇଛି । ନିଶ୍ଚିନ୍ତକୋଇଲି ଥାନାର ଅନତି ଦୂରରେ ଜିଗ୍ନିପୁର ଗ୍ରାମପଂଚାୟତ ମହାଜନପୁର ଗ୍ରାମ ରହିଛି । ଏହି ଗ୍ରାମଟି କଟକ ଚାନ୍ଦବାଲି ରାସ୍ତା ପାଶ୍ୱର୍ରେ ଅବସ୍ଥିତ । ଏହି ଗ୍ରାମର ସହଦେବ ସେନାପତି ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲା ବେଳେ ଗତକାଲି ରାତ୍ରରେ ତାଙ୍କ ପରିବାର ବର୍ଗ ଘରେ ଅନୁପସ୍ଥିତ ଥିଲେ । ତେବେ ତାଙ୍କର ଘରେ ଲାଗିଥିବା ସିସିଟିଭି ସହ ତାଙ୍କ ମୋବାଇଲ ସଂଯୁକ୍ତ ହୋଇଅଛି । ଗତ କାଲି ରାତ୍ରରେ ଡକାୟତମାନେ କଟର ସାହାଯ୍ୟରେ ତାଙ୍କ ଘରର ଗ୍ରୀଲ ଡାଡୁଥିବାର ଶ୍ରୀ ସେନାପତି ଦେଖିବାକୁ ପାଇଥିଲେ । ଶ୍ରୀ ସେନାପତି ତୁରନ୍ତ ଘଟଣାସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସିଙ୍କୁ ସୂଚନା ପ୍ରଦାନ କରିଥିଲେ । ଆଇଆଇସି ଅନିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚି ଡକାୟତ କରିବା ନିମନ୍ତେ ଉଦ୍ୟମ କରୁଥିବା ୩ଡକାୟତଙ୍କୁ କାବୁ କରିଥିଲେ । ପୋଲିସ ଡକାୟତଙ୍କ ଠାରୁ ୨ଟି ସୁନାମୁଦି,ଗୋଟିଏ ସୁନା ଚେନ ଓ ନଗଦ ୧୦ହଜାର ଟଙ୍କା ସମେତ ଡକାୟତମାନେ ବ୍ୟବହାର କରୁଥିବା ଏକ ବୋଲେରୋ ଗାଡି ଓ ଏକ କଟକ ମେସିନକୁ ପୋଲିସ ଜବତ କରିଥିବାର ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡିଛି ।

ତେବେ ପୋଲିସର ଉପସ୍ଥିତ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁ ଏକ ବଡ ଧରଣର ଡକାୟତି ଘଟଣାକୁ ଏଡାଇ ଦିଆଯାଇପାରିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି । ଅପରପକ୍ଷରେ ପୋଲିସ ତଦନ୍ତରେ ବ୍ୟାଘାତ ଆଶଙ୍କା ଯୋଗୁ କାବୁ ହୋଇଥିବା ଡକାୟତମାନଙ୍କ ନାମ ଗୋପନ ରଖାଯାଇଥିବାର ଜଣାଯାଇଛି । ଆଳୁଖୋଳୁ ମହାଦେବ ବାହାରିବା ଭଳି ଏହି ଘଟଣାରେ ବହୁ ଲୁକାୟିତ ଡକାୟତି ଘଟଣାର ପର୍ଦ୍ଦାଫାର୍ସ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ସୂଚନା ଥାଉକି ଗତ ଜାନୁଆରୀ ୨୧ ତାରିଖ ଦିନ ମଧ୍ୟ ଅନୁରୂପ ଭାବେ ତାଙ୍କ ଘରୁ ଚୋରି ହୋଇଥିବାର ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲା ।

# ସିଆଇଆଇ ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ହେଲେ ଅନୀଲ କୁମାର




ପାରାଦୀପ, (ଜି.ପ୍ର): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ର ଅଧ୍ୟକ୍ଷ ଶ୍ରୀ ଅନିଲ କୁମାର ସିଂହ ସରକାରୀଭାବେ କନଫେଡରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ ) ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ରାଜ୍ୟର ଔଦ୍ୟୋଗିକ ପରିଦୃଶ୍ୟକୁ ଆହୁରି ବିବିଧମୟ କରିବା ପାଇଁ ଚେଷ୍ଟା ଚାଲିଥିବା ଏହି ସମୟରେ ତାଙ୍କର ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତବ୍ୟ କରାଯାଉଛି ।

ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ । ତାଙ୍କର ଉଦ୍‌ବୋଧନରେ ଶ୍ରୀ ସିଂହ ଓଡିଶାର ଆର୍ଥିକ ଉନ୍ନତିକୁ ପ୍ରଶଂସା କରି କହିଥିଲେ ଯେ ରାଜ୍ୟ ପୂର୍ବରୁ ଧାତୁ ଓ ଖଣିଜ ଭିତ୍ତିକ ଅର୍ଥନୀତିରେ ପ୍ରସିଦ୍ଧ ଥିଲେ ମଧ୍ୟ, ବର୍ତ୍ତମାନ ଏହା ଆଇଟି, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ମ୍ୟାନୁଫାକଚରିଂ ମାଧ୍ୟମରେ ଏକ ନୂତନ ଔଦ୍ୟୋଗିକ କେନ୍ଦ୍ର ଭାବେ ଉଭୁକୁ ଆସୁଛି । ସେ କହିଥିଲେ, ପ୍ରଗତିଶୀଳ ନୀତି ଓ ସକ୍ରିୟ ଶାସନ ପ୍ରଣାଳୀର କାରଣରୁ ଓଡିଶା ନୂତନ ପିଢ଼ୀର ଶିଳ୍ପଗୁଡିକ ପାଇଁ ଏକ ପସନ୍ଦସ୍ଥଳୀ ଭାବେ ଦ୍ରୁତ ଗତିରେ ଉଦୟ ହେଉଛି ।

ଶ୍ରୀ ସିଂହ ତାଙ୍କ ଅଧ୍ୟକ୍ଷତାକାଳୀନ ସମୟରେ ଶିଳ୍ପ ଓ ସରକାର ମଧ୍ୟରେ ସମନ୍ୱୟ ବୃଦ୍ଧି, ନବୀନତାକୁ ଉତ୍ସାହିତ କରିବା ଓ କୌଶଳ ଉନ୍ନତିକୁ ମଜବୁତ କରି ରାଜ୍ୟର ଉନ୍ନତିକୁ ଆଗେଇ ନେବାରେ ଗୁରୁତ୍ୱ ଦେବେ ବୋଲି କହିଥିଲେ । ଶିଳ୍ପ ମହଲର ନେତାମାନେ ତାଙ୍କର ନେତୃତ୍ୱକୁ ସ୍ୱାଗତ କରି କହିଛନ୍ତି ଯେ ତାଙ୍କର ଦୃଷ୍ଟିଭଙ୍ଗୀ ନୀତି ଓ ଶିଳ୍ପ କାର୍ଯ୍ୟନିଷ୍ପାଦନ ମଧ୍ୟର ଅନ୍ତରକୁ କମେଇ ଓଡିଶାର ସମଗ୍ର ଉନ୍ନତିକୁ ସୁନିଶ୍ଚିତ କରିବ ।

# ଅନ୍ଧୁଲି ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ପାଳନ କମିଟି ବୈଠକ

ମହାକାଳପଡା ,(ସବ୍ୟୁ) : ମହାକାଳପଡା ବ୍ଲକ ଅନ୍ତର୍ଗତ ଅନ୍ଧୁଲି ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ ସ୍ଥାନୀୟ ଅନ୍ଧୁଲି ମଠ ଠାରେ ବିଶିଷ୍ଟ ଶିକ୍ଷାବି,ପ୍ରାବନ୍ଧିକ, କଥାକାର, ଔପନ୍ୟାସିକ ତଥା ସ୍ତମ୍ଭକାର ପ୍ରଫେସର ଡକଫର ବାସନ୍ତୀ ମହାନ୍ତିଙ୍କ ପୌରହିତ୍ୟରେ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ପୁରାତନ ଛାତ୍ରଛାତ୍ରୀ,ଶିକ୍ଷାବି ଓ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଶତବାର୍ଷିକୀ ଉତ୍ସବ ପାଳନ ସହ ଅଂଚଳରେ ଶିକ୍ଷାର ବିକାଶ ଓ ସମାଜ କଲ୍ୟାଣ ନିମନ୍ତେ ଆଲୋଚନା ହୋଇଥିଲା । ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଳା,ସାହିତ୍ୟ, ସଂଗୀତ, ନୃତ୍ୟ,ବିତର୍କ ଇତ୍ୟାଦି ପ୍ରତିଯୋଗିତା କରାଯିବା ସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାମ୍ପ ଇତ୍ୟାଦି ଆୟୋଜିତ କରାଯିବ ବୋଲି ମଧ୍ୟ ଏହି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି ।

ଏହି ଅବସରରେ ଶତବାର୍ଷିକୀ ପାଳନ କମିଟି ଗଠନ କରାଯାଇଥିଲା । ଡକ୍ଟର ବାସନ୍ତୀ ମହାନ୍ତିଙ୍କୁ କମିଟିର ଅଧ୍ୟକ୍ଷା ଭାବେ ର୍ନିବାଚିତ କରାଯାଇଥିବାବେଳେ ବିଶିଷ୍ଟ କବି ନିରାକାର ଦାସ ଓ ବରିଷ୍ଠ ପତ୍ରକାର ଅରୁଣ କାନୁନଗୋ ଉପ ସଭାପତି, କ୍ଷୀରୋଦ ବେହେରା ସଂପାଦକ, ନିରାକାର ମଥାନ ସହ ସଂପାଦକ ଓ ମଠର ମହନ୍ତ ଶ୍ରୀନିଗମାନନ୍ଦ ଦାସଙ୍କୁ କୋଷାଧକ୍ଷ ଭାବେ ର୍ନିବାଚିତ ହୋଇଛନ୍ତିଛମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ପ୍ରକାଶ ।

# ଦୁଇ ଜଣଙ୍କୁ ଉଦ୍ଧାର କରି ନିଜେ ବୁଡ଼ିଗଲେ ପୀତବାସ

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନରେ ଶ୍ରୀରାମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ପୂଜା ମଳିକ ( ୧୫) ଏବଂ ପରୀ ମଳିକ ( ୧୨) ନାମକ ଦୁଇଟି ଝିଅ ଗାଧାଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଝିଅ ଦୁଇ ଜଣଙ୍କ ଚିତ୍କାର ଶୁଣି ପାଖରେ ଥିବା ସେହି ଗ୍ରାମର ପୀତବାସ ପରିଡା ( ୬୨) ପାଣି ଭିତରକୁ ଡେଇଁ ଉଭୟଙ୍କୁ ଉଦ୍ଧର କରିବା ପାଇଁ ଉଦ୍ୟମ କରିଥିଲେ। ବହୁ ଚେଷ୍ଟା କରି ପୀତବାସ ଦୁଇ ଝିଅଙ୍କୁ ପାଣିରୁ ଠେଲି କୂଳକୁ ପଠାଇବା ପରେ ନିଜେ କିନ୍ତୁ କୂଳକୁ ଫେରି ନପାରି ପାଣିରେ ବୁଡି ଯାଇଥିଲେ।

ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି ଜାରୀ ରଖିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ ପୀତବାସଙ୍କ ପତ୍ତା ମିଳି ପାରିନାହିଁ ଅନ୍ଧାରରେ ଖୋଜିବା ସମ୍ଭବ ହେଉନାହିଁ ଆସନ୍ତା କାଲି ସକାଳେ ପୁନଶ୍ଚ ପୀତବାସ ଙ୍କୁ ଖୋଜା ଖୋଜି କରାଯିବ ବୋଲି ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଅଧିକାରୀ ଗଗନ ବିହାରୀ ମହାନ୍ତି ପ୍ରକାଶ କରିଛନ୍ତି। ଉଦ୍ଧାର ପାଇଥିବା ପୂଜା ଓ ପରୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଛି।

# ତରିକୁନ୍ଦ ଫାଣ୍ଡିରେ ଥାର୍ଡ ଡିଗ୍ରୀ ! ଏସପିଙ୍କୁ ଅଭିଯୋଗ

ଜଗତସିଂହପୁର ,(ସବ୍ୟୁ) :ସଦର ଥାନା ଅଧିନ ତରିକୁନ୍ଦ ଫାଣ୍ଡିରେ ପୋଲିସର ଥାର୍ଡ ଡିଗ୍ରୀ ଅଭିଯୋଗ ହୋଇଛିାଜଣେ ଅଭିଯୋଗକାରୀଙ୍କୁ ଫାଣ୍ଡିକୁ ଧରିଆଣି ଅମାନୁଷିକ ଭାବରେ ମାଡ଼ ମାରି ପିଟା ଫଟେଇ ଦେଇ ଥିବାର ଅଭିଯୋଗ ହୋଇଛି ।ଅଭିଯୋଗକାରୀ ଜଣକ ହେଉଛନ୍ତି ସଦର ଥାନା ନକୁଳାଙ୍ଗ ଗାଁର ରମାକାନ୍ତ ମଲ୍ଲିକ ।ଗତକାଲି ଫାଣ୍ଡିରେ ରମାକାନ୍ତଙ୍କୁ ମାଡ଼ ହୋଇଥିବା ବେଳେ ଆଜି ଏସପିଙ୍କୁ ଭେଟି ସେ ଏ ବାବଦରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁସାରେ ରମାକାନ୍ତ ୧୨ ତାରିଖ ରାତି ୯ଟା ସମୟରେ ଘର ନିକଟ ତ୍ରିନାଥ ମନ୍ଦିର ନିକଟରେ ବସିଥିଲେ । ସେହି ସମୟରେ ସେହି ବାଟ ଦେଇ ସେହି ଗ୍ରାମର ବିନୋଦ ମହାନ୍ତି ଯାଉଥିଲେ । ପୂର୍ବରୁ ରମାକାନ୍ତ ୪ ବର୍ଷ ତଳେ ୫୦ ହଜାର ଟଙ୍କା ଧାର ସୂତ୍ରରେ ଦେଇଥିଲେ ବୋଲି ଏତଲାରେ ଲେଖିଛନ୍ତି ।ମାତ୍ର ଗତକାଲି ରମାକାନ୍ତ ଘର ନିକଟରେ ବିନୋଦଙ୍କୁ ଦେଖିବାରୁ ଉକ୍ତ ଧାର ଟଙ୍କା ମାଗିଥିଲେ ।

ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ବିନୋଦ ମହାନ୍ତି ତରିକୁନ୍ଦ ଫାଣ୍ଡିରେ ଏତଲା ଦେବା ପରେ ଉକ୍ତ ଏତଲାକୁ ଭିତ୍ତି କରି ତରିକୁନ୍ଦ ଫାଣ୍ଡି ପକ୍ଷରୁ ପିସିଆର ଭ୍ୟାନ ଯାଇ ରମାକାନ୍ତଙ୍କୁ ଘରୁ ଆଣିଥିଲା ।ପରେ ପୋଲିସ ପକ୍ଷରୁ ଫାଣ୍ଡି ଭିତରେ ଆଣ୍ଠେଇବା ପାଇଁ କହିବା ସହିତ ରମାକାନ୍ତଙ୍କୁ ପ୍ଲାଷ୍ଟିକ ପାଇପରେ ମାଡ଼ ମରାଯାଇଥିବା ରମାକାନ୍ତ ଅଭିଯୋଗ କରିଛନ୍ତି । ଫଳରେ ରମାକାନ୍ତଙ୍କର ପଛ ପଟା ପଡିଯାଇଥିବା ଦେଖାଯାଇଛି ।ଏହାକୁ ନେଇ ରମାକାନ୍ତ ଏସ୍ପିଙ୍କୁ ଅଭିଯୋଗ କରିଛନ୍ତି । ଫାଣ୍ଡିରେ ଏହି ଥାର୍ଡ ଡିଗ୍ରୀ ଘଟଣାକୁ ନେଇ ତରିକୁନ୍ଦ ଫାଣ୍ଡି ଅଧିକାରୀ ଅନୀଲ ସାହୁ ପଚାରିବାରୁ ସେଭଳି କିଛି ହୋଇ ନଥିବା କହିଥିବାବେଳେ ଘଟଣାର ତଦନ୍ତ କରାଯାଉଥିବାର ଏସିପିଓ କହିଛନ୍ତି । ଅନ୍ୟ ପଟରେ ବିନୋଦ ମହାନ୍ତିଙ୍କ ପନୀ ରାଜଶ୍ରୀ ମହାନ୍ତି ଜଗତସିଂହପୁର ଥାନାରେ ରମାକାନ୍ତଙ୍କ ବିରୋଧରେ ଏତଲା କରିଛନ୍ତି । ରମାକାନ୍ତ ନିଶାଶକ୍ତ ଅବସ୍ଥାରେ ତାଙ୍କ ଘରେ ପଶି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କୁ ଟଣା ଓଟରା କରିଥିବାର ଅଭିଯୋଗ କରିଛନ୍ତି ।

# ପିଏମ କିସାନ ସମ୍ମାନନିଧିର ୨୨ ତମ କିସ୍ତି ପ୍ରଦାନ

## ଜିଲ୍ଲାର ମୋଟ ୧,୧୯,୫୪୨ ଚାଷୀ ହେଲେ ଲାଭାନ୍ୱିତ

ଜଗତସିଂହପୁର, (ସବ୍ୟୁ) : ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମ ରାଜ୍ୟର ଗୌହାଟୀ ଠାରେ ଆୟୋଜିତ ପିଏମ କିଷାନ ସମ୍ମାନ ନିଧିର ୨୨ ତମ କିସ୍ତି ପ୍ରଦାନ ସମାରୋହରେ ଦେଶର ଚାଷୀଙ୍କୁ ୬୮୪ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତିାଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ କିସାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହିଁ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଗୌହାଟୀ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ ।

# ନୀଳାଚଳ ଇସ୍ପାତ ନିଗମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବ୍ୟାସନଗର, (ସବ୍ୟୁ) : ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପକ୍ଷରୁ କମ୍ପାନୀର ମହିଳା କର୍ମଚାରୀମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇ ଆନ୍ତର୍ଜାତୀୟ ମହିଳା ଦିବସ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏନଆଇଏନଏଲ୍ ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦ୍ମପାଳଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ କେକ୍ କଟା ଉତ୍ସବରୁ ହୋଇଥିଲା । ମହିଳା କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ମଜାଦାର ପ୍ରତିଯୋଗିତା ଏବଂ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ପ୍ଲାଣ୍ଟ ପରିସରରେ ଏକ ଆନନ୍ଦମୟ ଓ ସମାବେଶୀ ପରିବେଶ ସୃଷ୍ଟି କରିଥିଲା ।

ଏହି ଅବସରରେ ଶ୍ରୀ ପଦ୍ମପାଳ ନିଜ ଅଭିଭାଷଣରେ ମହିଳା କର୍ମଚାରୀମାନଙ୍କ ନିଷ୍ଠା ଓ କର୍ମକୁଶଳତାର ଉଚ୍ଚ ପ୍ରଶଂସା କରିଥିଲେଛ କମ୍ପାନୀର କ୍ରମାଗତ ସଫଳତା ପଛରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।

# ତିନି ଚୋର ଗିରଫ

କୁଆଁପାଳ, (ସବ୍ୟୁ) : ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ମଧୁପୁର ପଂଚାୟତ ବେନୁପୁରା ଗ୍ରାମର ରତିକାନ୍ତ ଜେନାଙ୍କ ଘରୁ ଗତ ୨୩ ତାରିଖ ବିଳମ୍ବିତ ରାତିରେ କବାଟ ତାଲା ଭାଙ୍ଗି ଦୁର୍ବୃତ ମାନେ ସୁନା ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟ କରିଥିବା ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତି କରି ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଏହି ଚୋରି ଘଟଣାର ଅନୁସନ୍ଧାନ କରାଯିବା ସହ ଚୋରି ଘଟଣାରେ ଜଡିତ ପଟ୍ଟାମୁଣ୍ଡାଇ ମାଟିଆପାଳ ଗ୍ରାମର ବାବୁନି ଦାସଙ୍କ ପୁଅ ଅର୍ଜୁନ ଦାସ (୨୧),ଆଳି ଥାନା ସିଙ୍ଗିଡି ଗ୍ରାମର ସନାତନ ଦାସଙ୍କ ପୁଅ ସାଜନ ଦାସ (୨୩)କୁ ଗିରଫ କରିବା ସହିତ ୨୦ ହଜାର ଟଙ୍କା ସହ ୧୯ ଗ୍ରାମ ଓଜନର ରୂପା ଅଳଙ୍କାର , ୨ଟି ସୁନା ଚେନ୍ ,୨ଟି ସୁନା ମୁଦି ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଚୋରି ଜିନିଷ କିଣିଥିବା ବଡଚଣା ଅଂଚଳର ସୁନା ବ୍ୟବସାୟୀ ମହେନ୍ଦ୍ର ସାହୁଙ୍କୁ ମଧ୍ୟ ଗିରଫ କରାଯାଇଛି।

ଗିରଫ ଦୁଇ ଅଭିଯୁକ୍ତ ଏକ ସ୍ଥାନରେ ଡକାୟତ କରିବା ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ସାଲେପୁର ଏସଡିପିଓ ବିରଂଚି ନାରାୟଣ ପତିଙ୍କ ନିର୍ଦ୍ଦେଶ କ୍ରମେ ମାହାଙ୍ଗା ଆଇଆଇସି ଶ୍ରୀ ଦାସ ଓ ପୋଲିସ ଦଳ ଚଢାଉ କରି ଦୁର୍ବୃତଙ୍କୁ କାବୁ କରିଥିବା ନେଇ ପୋଲିସ ସୂତ୍ରରୁ ଜଣାଯାଇଛି। ଦୁର୍ବୃତ ମାନଙ୍କ ନାମରେ ଆଳି,ନିକିରାଇ,ପଟ୍ଟାମୁଣ୍ଡାଇ,ନେମାଳ ,ସାଲେପୁର ଆଦି ଥାନାରେ ୧୯ରୁ ଉର୍ଦ୍ଧ ଅପରାଧିକ ମାମଲା ରହିଥିବା ଏସଡିପିଓ ଶ୍ରୀ ପତି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ଥାନା କେସ ନଂ ୬୭/୨୬ରେ କୋର୍ଟ ଚାଲାଣ କରାଯାଇଛି।

# ବିରୂପା ନଦୀରୁ ଚୋରା ବାଲିଚାଲାଣ ଓ ବେନିୟମ ଇଟାଭାଟି



ବାଲିଚନ୍ଦ୍ରପୁର ,(ସବ୍ୟୁ) : ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ପଂଚାୟତ ଅଧିନ ନାନପୁର ପୋଲ ନିକଟରୁ ବାଲି ଚୋରା ଚାଲାଣ ହେବା ସହ ନଦୀ ପଠାରେ ବେନିୟମ ଇ ଟ । ଭ । ଟି ପୋଡ଼ାଯାଉଛି । ପ୍ରତ୍ୟେକ ରାତିରେ ଓ ଭୋରୁ ଟ୍ରାକଟର ଯୋଗେ ଏଠାରୁ ବିଭିନ୍ନ ସ୍ଥାନକୁ ବାଲି ଚୋରା ଚାଲାଣ ହେଉଛି । ଯାହା ଫଳରେ ଆଗାମୀ ଦିନରେ ଜାତୀୟ ରାଜପଥର ନାନପୁର ପୋଲଟି ଦୁର୍ବଳ ହେବାର ସମ୍ଭାବନା ଅଛି ।

ନାନପୁର ଠାରେ ନଦୀ ପଠାରେ ଅନେକ ଗୁଡ଼ିଏ ଇଟାଭାଟି ପୋଡ଼ାଯାଉଥିବା ଦେଖିବାକୁ ମିଳିଛି । ତେବେ ଇଟାଭାଟି ପୋଡ଼ି ଦ୍ୱାରା ଗରମରେ ସ୍ଥାନୀୟ ଲୋକେ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ଏମାନେ ପ୍ରଶାସନକୁ କୌଣସି ଭୟ ନକରି ନିୟମିତ ଭାବେ ଚୋରା ବାଲି ଚାଲାଣ ଓ ଇଟାଭାଟି ପୋଡୁଥିବା ଦେଖିବାକୁ ମିଳିଛି । ଏ ସବୁ କାହା ଇଙ୍ଗିତରେ କରାଯାଉଛି ତାହା ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ, ଜାତୀୟ ରାଜପଥ ବିଭାଗ, ପ୍ରଦୂଷଣ ବିଭାଗ, ରାଜ ରାସ୍ତା କଡ଼ରେ ଏ ସବୁ ଖୁଲମ ଖୁଲା ହେଉଥିବା ଦେଖି ମଧ୍ୟ ତାଙ୍କର ନିରବତା ସାଧାରଣ ଲୋକଙ୍କୁ ବିସ୍ମିତ କରିଛି ।

ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସେମାନେ ବେଫିକର ହୋଇ ଦିନ ଦ୍ୱିପ୍ରହରେ ଏ ସବୁ କାରବାର ନିୟମିତ କରିଚାଲିଛନ୍ତି । ଏଥିପାଇଁ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି ।

# ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି ଯୋଜନାରେ

## ଜିଲ୍ଲାରୁ ଉପକୃତ ହେଲେ ୧ଲକ୍ଷ ୨୬ ହଜାର

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ପିଏମ କିଷାନ ଉସିବ ଦିବସ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲାର ୧ଲକ୍ଷ ୨୬ ହଜାର ୨୫୦ ଜଣ କିଷାନ ଉପକୃତ ହୋଇଛନ୍ତି। ପ୍ରତ୍ୟେକ କିଷାନଙ୍କର ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ଆସିଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ୧୩ ହଜାର ୨୨୨, ଡେରାବିଶ ବ୍ଲକର ୧୩ ହଜାର ୮୦୪, ଗରଦପୁର ବ୍ଲକର ୧୩ ହଜାର ୧୧୨, କେନ୍ଦ୍ରାପଡା ବ୍ଲକର ୧୩ ହଜାର ୪୧୪, ମହାକାଳପଡା ବ୍ଲକର ୨୨ ହଜାର ୪୮୯, ମାର୍ଶାଘାଇ ବ୍ଲକର ୧୨ ହଜାର ୨୦୮, ପଟ୍ଟାମୁଣ୍ଡାଇ ବ୍ଲକର ୧୧ ହଜାର ୨୬୫, ରାଜକନିକା ବ୍ଲକର ୧୪୦୦୭, ରାଜନଗର ବ୍ଲକର ୧୨ ହଜାର ୭୨୯ ଜଣ ଏହିଭଳି ମୋଟ୍ ଜିଲ୍ଲାରେ ୧ଲକ୍ଷ ୨୬ ହଜାର ୨୫୦ ଜଣ ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ମୋଟ୍ ୨୫ କୋଟି ୨୫ ଲକ୍ଷ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆସିଛି। ଆୟୋଜିତ ଏହି ଜିଲ୍ଲା ସ୍ତରୀୟ ଉସିବରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲିକ, ସିଡିଭିଓ ଡାକ୍ତର ପ୍ରଭନ କବି, ଏଡିଓ ମାନସୀ ମଧୁଭାସିନୀ ପସୟର ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡାକ୍ତର ସୁସ୍ମିତା ମହାନ୍ତି, ମାର୍ଶାଘାଇ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ପ୍ରମୁଖଙ୍କ ସମେତ ଜିଲ୍ଲାର ବହୁ ଚାଷୀ ଉପସ୍ଥିତ ଥିଲେ।

# ୩୦ ବିତରକଙ୍କ ପାଖରେ ୭୨୭୫ ଘରୋଇ ଓ ୨୩୭ ବ୍ୟବସାୟିକ ସିଲିଣ୍ଡର

## କଳାବଜାରୀ ରୋକିବା ପାଇଁ ୧୧ ଫ୍ଲାଇଙ୍ଗ୍ ସ୍କ୍ୱାଡ୍

ପାରାଦୀପ ,( ଜ ପ୍ର ): ବିଶ୍ୱରେ ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ଓ ବ୍ୟବସାୟିକ ରନ୍ଧନ ଗ୍ୟାସ ଟାଙ୍କିର ପୁନଃ ଭରଣ ବନ୍ଦ ହେବା ଯୋଗୁ ଅନେକ ଜାଗାରେ ଘରୋଇ ଗ୍ୟାସ ସିଲିଣ୍ଡର କାଳେ ଅଭାବ ହେବ । ସେନେଇ କିଛି ଉପଭୋକ୍ତା ଆବଶ୍ୟକତା ନଥାଇ ମଧ୍ୟ ବୁକିଂ କରି ଦେଉଛନ୍ତି । ଫଳରେ ଗ୍ୟାସ ସିଲିଣ୍ଡର ଯୋଗାଣରେ କିଛିଟା ବିଳମ୍ବ ହେବାକୁ ନେଇ ଲୋକେ ଅଯଥା ଭୟଭୀତ ହେବାରୁ ଏବେ ଚାରିଆଡେ ଏନେଇ ଚର୍ଚ୍ଚା ଜୋର ଧରିଛି । ଜଗତସିଂହପୁର ଜିଲ୍ଲାରେ ଏନେଇ ଜିଲ୍ଲା ପ୍ରଶାସନ କୌଣସି ଭୟଭୀତ ନହେବା ପାଇଁ ଏକ ଜରୁରୀ ବୈଠକ କରି ଆହ୍ୱାନ ଦେଇଛନ୍ତି। ଜିଲ୍ଲାରେ ଗ୍ୟାସ୍ ଉପଭୋକ୍ତାଙ୍କ ସଂଖ୍ୟା ୩ଲକ୍ଷ ୪୭ହଜାର ୪୩୬ । ଜିଲ୍ଲାରେ ମୋଟ ୩୦ ଟି ଗ୍ୟାସ ବିତରକ ଅଛନ୍ତି । ଏମାନଙ୍କ ମଧ୍ୟରୁ ୨୬ଟି ବିତରକ କେନ୍ଦ୍ର ପୁରାପୁରି କାର୍ଯ୍ୟକ୍ଷମ ଥିବାବେଳେ ଆଇଓସିଏଲ ୧୭ ଟି , ବିପିସିଏଲ ୪ ଟି ଓ ଏଚପିସିଏଲ ୯ ଟି ବିତରକଙ୍କ ଦ୍ୱାରା ରନ୍ଧନ ଗ୍ୟାସ ଯୋଗାଣ କରୁଛନ୍ତି । ଜିଲ୍ଲାର ତିର୍ତ୍ତୋଲ ବ୍ଲକରେ ୪ ଟି , ରଘୁନାଥପୁର ବ୍ଲକରେ ୪ ଟି , ନାଉଗାଁ ବ୍ଲକରେ ୨ ଟି , କୁଜଙ୍ଗ ବ୍ଲକରେ ୩ ଟି , ଏରସମା ବ୍ଲକରେ ୨ ଟି , ବିରିଡି ବ୍ଲକରେ ୩ ଟି , ବାଲିକୁଦା ବ୍ଲକରେ ୩ ଟି , ଜଗତସିଂହପୁର ବ୍ଲକରେ ୩ ଟି , ପାରାଦୀପ ପୌରପାଳିକାର ୫ଟି ଓ ଜଗତସିଂହପୁର ପୌରପାଳିକାର ୧ ଟି ବିତରକଙ୍କ ପାଖରେ ଗତ ୧୨ ତାରିଖ ଗୁରୁବାର ସକାଳ ସୁଦ୍ଧା ମୋଟ ୭୨୭୫ ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ୨୩୭ ବ୍ୟବସାୟିକ ସିଲିଣ୍ଡର ମହଜୁତ ଥିଲା । କିନ୍ତୁ ଉକ୍ତ ଦିନ ସନ୍ଧ୍ୟା ବେଳକୁ ବିତରକ ମାନେ ନିଜର କ୍ଲୋଜିଂଗ କଳାବେଳକୁ କାହା ପାଖରେ ଶୂନ ତ କାହା ପାଖରେ ଅଳ୍ପ ଗ୍ୟାସ ସିଲିଣ୍ଡର ମହଜୁତ ରହିଛି । ଜିଲ୍ଲାରେ ଆଗରୁ ଦୈନିକ ଯେତିକି ଗ୍ୟାସ ସିଲିଣ୍ଡର ନିମନ୍ତେ ଉପଭୋକ୍ତା ମାନେ ବୁକିଂ କରୁଥିଲେ , ଏବେ ଏହାର ପରିମାଣ ୧୦ ଗୁଣା ବୃଦ୍ଧି ପାଇଛି । ଲୋକେ ଅନେକ ଜାଗାରେ ଲାଇନ ଦେଇ ବ୍ୟସ୍ତ ବିବ୍ରତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି । ବାଲିକୁଦା ବ୍ଲକରେ ଗତକାଲି ଗୋଟିଏ ଗ୍ୟାସ ଗାଡିକୁ ଲୋକେ ଅଟକାଇ ଆମକୁ ଗ୍ୟାସ ଦିଅ ବୋଲି କହିଥିବା ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଛି । ଆସନ୍ତା ୨୦/୨୫ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ଗ୍ୟାସ ସିଲିଣ୍ଡର ମହଜୁତ ଥିବା ଆଜି ଜିଲ୍ଲାପାଳ ବୈଠକରେ ପ୍ରକାଶ କରିଛନ୍ତି । କଳାବଜାରୀ ରୋକିବା ନିମନ୍ତେ ଜିଲ୍ଲାରେ ମୋଟ ୧୧ ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ଏଭଳି ପରିସ୍ଥିତିରେ ସାଇବର ଠକେଇ ହୋଇପାରେ , ସେଥିନିମନ୍ତେ ଜିଲ୍ଲାବାସି ସତର୍କ ରହିବାକୁ ଏସ୍ପି ଅଙ୍କିତ ବର୍ମା ପ୍ରକାଶ କରିଛନ୍ତି । ଗୁରୁବାର ଅନେକ ବିତରକ ମାନଙ୍କ ଠାରୁ ଉପଭୋକ୍ତା ଗ୍ୟାସ ସିଲିଣ୍ଡର କିଭଳି ଏତେ ମାତ୍ରାରେ ନେଇଗଲେ ନା ଉପଭୋକ୍ତାଙ୍କ ନାମରେ ଅନ୍ୟ କିଛି କାରନାମା କରାଯିବାକୁ ଯୋଜନା କରାଯାଉଛି , ତାହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ । ଗ୍ରାମାଞ୍ଚଳରେ କିଛି ଉପଭୋକ୍ତା ନିଜ ଗ୍ୟାସ ପଞ୍ଜୀକରଣ ଖାତା ନିଜ ପାଖରେ ରଖି ନଥିବା ବେଳେ ଓ ଅନେକଙ୍କର ମାସକୁ ମାସ ଗ୍ୟାସ ସିଲିଣ୍ଡର ଏତେଟା ଆବଶ୍ୟକତା ନଥିବା ବେଳେ କିଛି ଦଲାଲ ସେମାନଙ୍କ ନାମରେ ଗ୍ୟାସ ସିଲିଣ୍ଡର ଉଠାଇ କଳାବଜାରୀ କରିଥାନ୍ତି । ଜିଲ୍ଲାର ଅନେକ ଦୋକାନରେ ବ୍ୟବସାୟିକ ସିଲିଣ୍ଡର ପରିବର୍ତେ ଘରୋଇ ସିଲିଣ୍ଡର ଖୋଲାଖୋଲି ବ୍ୟବହାର ହେଉଥିବା ଆଲୋଚନା ହେଉଥିବା ବେଳେ ଏବେ ବ୍ୟବସାୟିକ ସିଲିଣ୍ଡର ପୁନଃ ଭରଣ ବନ୍ଦ ଥିବାରୁ କିଛି ଉପଭୋକ୍ତା ନିଜ ଖାତାରେ ସିଲିଣ୍ଡର ଉଠାଇ ଦୋକାନୀମାନଙ୍କୁ ବିକ୍ରି କରିବାର ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ସଜାଗ ଦୃଷ୍ଟି ରଖିଥିବା କହୁଥିବା ବେଳେ ପାରାଦୀପ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବିଗତ ଦିନମାନଙ୍କରେ ଚୋରା ଗ୍ୟାସ ସିଲିଣ୍ଡର ଜବତ ହେବା ନଜିର ରହିଛି । ଆଗାମୀ ଦିନ ମାନଙ୍କରେ ରନ୍ଧନ ଗ୍ୟାସ ବିତରଣ କିଭଳି ସୁଚାରୁ ରୂପେ ହେଇ ପାରୁଛି , ତାହା କେବଳ ଦେଖିବାକୁ ବାକି ରହିଲା ।

# ନିଶା କାରବାର: ଅଭିଯୋଗ ଆଣିଲା ବଜାର କମିଟି



ନାଉଗାଁ, (ସବ୍ୟୁ) : ନାଉଗାଁ ଥାନା ଅଧିନ ଗଙ୍ଗଦା ବଜାର ଅଞ୍ଚଳ ରେ ଅଭିଯୁକ୍ତ ଗଙ୍ଗଦା ପାଇକସାହି ଅଞ୍ଚଳର ଚରଣ ବେହେରା ନାମକ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଗଙ୍ଗଦା ବଜାର ଅଞ୍ଚଳରେ ନିଶାକାରବାର କରୁଥିବା ବେଳେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ଓ ବ୍ୟବସାୟୀମାନଙ୍କୁ ଗାଳିଗୁଲଜ କରିବା, ଧମକ ଚମକ ଘଟଣା କୁ ନେଇ ଆଜି ଗଙ୍ଗଦା ବଜାର ରେ ଏକ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେପରେ ଏହି ଘଟଣାକୁ ଆଧାର କରି ଗଙ୍ଗଦା ବଜାର ମା ଦୁର୍ଗାପୂଜା କମିଟିର ସଭାପତି ନରେଶ ସେଠି ଙ୍କ ସହିତ ଉମେଶ ବିଶ୍ୱାଳ,ସୁରେଶ ସେନାପତି, ସନ୍ତୋଷ ଦାସ ସମେତ ସତାଧିକସଭ୍ୟ ନାଉଗାଁ ଥାନର ଦ୍ୱାରସ୍ତ ହୋଇ ଅଭିଯୁକ୍ତ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନା କରାଯାଇଛି ।

# ପଙ୍ଖାରେ ଝୁଲି ଆତ୍ମହତ୍ୟା

ଦାନଗଦି,(ସବ୍ୟୁ): କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ପୋଲିସ କଲୋନୀ ନିକଟରେ ଥିବା ସାଲ ମାଝୀ ଙ୍କ ଏକ କୋଠା ଘରେ ଭଡାରେ ରହୁଥିବା ଯୁବକ ସତ୍ୟଜି ସ୍ୱାଇଁ (୨୩) ପଙ୍ଖାରେ ଝୁଲି ଗୁରୁବାର ରାତିରେ ଆତ୍ମହତ୍ୟା କରିଥିବା ଜଣାଯାଇଛି । ସୁଚନା ମୁତାବକ ମଙ୍ଗଳପୁର ଥାନା ନାରାୟଣପୁର ବାଲିପାଟଣା ଗ୍ରାମର ଚକ୍ରଧର ସ୍ୱାଇଁଙ୍କ ପୁଅ ପ୍ରାୟ ୫ବର୍ଷ ହେବ ଟାଟା ଷ୍ଟିଲ କାରଖାନାରେ କାମ କରୁଥିଲା । ଆତ୍ମହତ୍ୟା ଖବର ତାର ପରିବାର ପକ୍ଷରୁ ଲିଖିତ ଭାବେ ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଭାର ଏଏସ୍ଆଇ ଶ୍ରୀ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ । ଶବ ବ୍ୟବଚ୍ଛେଦ ପରେ ଶବ ତାର ପରିବାରକୁ ଦେବା ସହ ତଦନ୍ତ ଜାରି ରହିଛି ।

# ହରିରାଜପୁର ମେଳଣ: ଆତସବାଜିରୁ ଆରମ୍ଭ, ଫଗୁ ଖେଳରେ ଶେଷ



ଡେଲାଙ୍ଗ,(ସବ୍ୟୁ): ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ ଶୁକ୍ରବାରଦିନ ଉଦଯାପିତ ହୋଇଯାଇଛି। ଠାକୁର ମେଳଣ ଅବଅବସରର ଗୋଧୂଳି ଲଗ୍ନରେ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର ହରିହର ଭେଟ ପରମ୍ପରାକୁ ଦେଖିବା ପାଇଁ ଉକ୍ତ ମେଳ ମେଳଣ ପଡ଼ିଆରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥିଲା । ଏହି ପ୍ରସିଦ୍ଧ ମେଳଣ ଗତ ୮ ତାରିଖ ଜମାଣ ରାତିରେ ଆତାସବାଜି ପ୍ରଦର୍ଶନରୁ ଆରମ୍ଭହୋଇ ଶୁକ୍ରବାର ଗୋଧୂଳି ଲଗ୍ନରେ ଫଗୁ ଖେଳ ମଧ୍ୟରେ ଶେଷ ହୋଇଛି। ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କର ହରିବୋଲ ଓ ହୁଳହୁଳୀ ଜା ସହ ଘଣ୍ଟ, ଘଣ୍ଟା, ମହୁରୀ, ତୂରୀ ଓ ନଦୀୟା ସଂକୀର୍ତନରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଉକ୍ତ ମେଳଣରେ ବିରାଜମାନ ସମସ୍ତ ଦେବ ବିଗ୍ରହଙ୍କୁ ଗତ ୪ଦିନ ଧରି ମାଟି ପାତ୍ରରେ ଭୋଗ ଲାଗି କରାଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା ଭୋଗ ଲାଗି ଲାଗି ହେବା ପରେ ମେଳଣର ସ୍ଥାନାଧିପତି ପ୍ରଭୁ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ନିଜ ଆସ୍ଥାନରୁ ଉଠି ରତ୍ନବେଦୀ ପରିକ୍ରମା କରିବା ପରେ ଅନ୍ୟ ଠାକୁରମା ମାନେ ଦୋଳ ବିମାନ ମାନ ସହ ଖୁଣ୍ଟିରୁ ଉଠି କ୍ରମାନ୍ୱୟରେପ୍ରଭୁ ସୋମନାଥଙ୍କ ସମ୍ମୁଖକୁ ଯାଇ ଭେଟିଥିଲେ । ସେଠାରେ ଦୋଳ କାନ୍ଧେଇଥିବା ଭକ୍ତମାନେ ଠାକୁରମାନଙ୍କୁ ବିଭିନ୍ନ ଭଙ୍ଗୀରେ ସ୍ଥାନାଧିପତିଙ୍କ ସମ୍ମୁଖରେ ନଚାଇବାର ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା ପୁରୀ ଜିଲ୍ଲା ପ୍ରଶାସନ ପ ପକ୍ଷରୁ ମେଳଣରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଡେଲାଙ୍ଗର ଅଗ୍ନିଶମ ବାହିନୀ ମଧ ମୁତୟନ ହୋଇଥିଲେ ଗୋଡ଼ିପୁଟମାଟିଆପଡ଼ା ଆଞ୍ଚଳିକ ଯୁବ ପରି ପରିଷଦର ସେବା ଶିବିର, ପଶ୍ଚିମେଶର ଯୁବ ସଂଗଠନର ସୂଚନା କେନ୍ଦ୍ର, ଦୁଲ୍ଲାଦେଇ ସେବା ସଂଘ, ଡେଲାଙ୍ଗ ମିସନ ଶକ୍ତି ମହିଳା ମହାସଂଘ ଆଦି ସଙ୍ଗଠନ ସେମାନଙ୍କର ଅସ୍ଥାୟୀ ଶିବିର ଖୋଲିଥିଲେ। ଏହି ମେଳଣରେ ଛୋଟବଡ଼ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଛି । ଆଜି ମେଳଣ ଉ ଉଦଯାପିତ ହୋଇଥିଲେ ମଧ ବିଭିନ୍ନ ଘର କରଣା ଦୋକାନ, ଫାଷ୍ଟଫୁଡ଼, ଜଳଖିଆ ଦୋକାନ, ଶିଳ, ଘୋରଣା, କୁଲା, ଡାଲା, ବାଉଁଶ ଓ ବେତରେ ତିଆରି ବିଭିନ୍ନ ଘର କରଣା, ତାଳପତ୍ର ବିଞ୍ଚଣା ଦୋକାନ ଓ ମନୋହରୀ ଦୋକାନ ଗୁଡ଼ିକ ପ୍ରାୟ ୨ ସପ୍ତାହ ଧରି ଏଠାରେ ଖୋଲାରହିବ ବୋଲି ଜଣାଯାଇଛି।

# ସରକାରୀ ବିଦ୍ୟାଳୟରେ ଟ୍ୟୁସନ ଶିକ୍ଷକଙ୍କ ଦାଦାଗିରି : ଶିକ୍ଷୟିତ୍ରୀଙ୍କ ଗର୍ଭସ୍ଥ ସନ୍ତାନ ନଷ୍ଟ

ବାଲିପାଟଣା ,(ସବ୍ୟୁ): ବିଦ୍ୟାଳୟ ହେଉଛି ମନ୍ଦିର ସଦୃଶ।ଏଠାରେ ଉପଯୁକ୍ତ ଶିକ୍ଷା ମାଧମରେ କୋମଳମତି ଶିଶୁମାନଙ୍କୁ ସମାଜରେ ଜଣେ ସଫଳ ମଣିଷ ହେବାକୁ ପ୍ରୟାସ କରାଯାଇଥାଏ।ଏହି କାର୍ଯ୍ୟ ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ମୁଖ୍ୟ ଭୂମିକା ରହିଛି।ଏକ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ସରକାରଙ୍କ ତରଫରୁ ମଧ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯାଉଛି।କିନ୍ତୁ ନିଜର ପତିଆରା ବୃଦ୍ଧି ପାଇଁ ଜଣେ ଟ୍ୟୁସନ ଶିକ୍ଷକ ସେହି ବିଦ୍ୟାଳୟର ଜଣେ ଠିକା ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟରେ ଦାଦାଗିରି କରିବା ଆରମ୍ଭ କରିଦେଇଛନ୍ତି। ପ୍ରଧାନ ଶିକ୍ଷକଙ୍କ ଦୁର୍ବଳତାର ସୁଯୋଗ ନେଇ ସେମାନେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ରାତି ୯ ଟା ପର୍ଯ୍ୟନ୍ତ ଅଟକାଇ ରଖି ତାଙ୍କ ଉପରେ ବିଭିନ୍ନ ଅଭିଯୋଗ ଆଣି ସେମାନଙ୍କୁ ମାନସିକ ତଥା ଶାରୀରିକ ନିର୍ଯାତନା ଦେବା ଅଭିଯୋଗ ହୋଇଛି।ଏପରିକି ଜଣେ ଅନ୍ତସତ୍ତ୍ୱା ଶିକ୍ଷୟତ୍ରୀ ଏହି ନିର୍ଯାତନା ଦ୍ୱାରା ତାଙ୍କର ଗର୍ଭସ୍ଥ ସନ୍ତାନ ନଷ୍ଟ ହୋଇଯାଇଥିବା ସମ୍ପର୍କରେ ତାଙ୍କ ପିତା ଥାନାରେ ଏତଲା ଦେଇଛନ୍ତି।

ଘଟଣା ସମ୍ପର୍କରେ ଜଣା ପଡିଛି ଯେ ରାଜସ ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଜଣେ କାର୍ଯ୍ୟରତ ଦଳିତ ଶିକ୍ଷୟତ୍ରୀ ଗତ ବର୍ଷ ଜୁନ ମାସରେ,ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ ଯେ ବିଦ୍ୟାଳୟର ଠିକା ଶିକ୍ଷକ ତ୍ରିଲୋଚନ ନାୟକ ତାଙ୍କୁ ବାରମ୍ବାର ଖରାପ ବ୍ୟବହାର କରୁଛନ୍ତି। କିନ୍ତୁ ପ୍ରଧାନ ଶିକ୍ଷକ କୌଣସି ପଦକ୍ଷେପ ନେଇ ନଥିଲେ। ଦରଖାସ୍ତ ଦେବାପରେ ତ୍ରିଲୋଚନ ଅଧିକ ହିଂସ୍ର ହୋଇ ଅଧିକ କଦର୍ଯ୍ୟ ବ୍ୟବହାର କରି ଥିଲେ।ଏଥିରେ ତାଙ୍କୁ ସହଯୋଗ କରୁଥିଲେ ଟ୍ୟୁସନ ଶିକ୍ଷକ ତପନ ଗଜ। ନିଜକୁ ଆଲୁମିନି ସଭାପତି କହି ଟ୍ୟୁସନ କେନ୍ଦ୍ର କୁ ଛାତ୍ର ଛାତ୍ରୀ ପଠାଇବାକୁ ସେ ଶିକ୍ଷୟତ୍ରୀଙ୍କ ଉପରେ ଚାପ ପକାଉଥିଲେ। ଏପରିକି ଗତ ଡିସେମ୍ବର ୧୬ ତାରିଖ ଦିନ ବିଦ୍ୟାଳୟ ଛୁଟି ପରେ ସମସ୍ତ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଏକ ବୈଠକରେ ବସାଇ ରାତି ୯ ଟା ପର୍ଯ୍ୟନ୍ତ ଗାଳି ଗୁଲଜ କରି ଭୟଭୀତ କରାଇଥିଲେ।ଏଥିରେ ତ୍ରିଲୋଚନ ସହିତ ଟ୍ୟୁସନ ଶିକ୍ଷକ ତପନ ଗଜ ଓ ଅନ୍ୟ ଚାରିଜଣ ବାହାର ଲୋକ ଉପସ୍ଥିତ ଥିଲେ।ସେମାନଙ୍କ ବ୍ୟବହାର ଏପରି ଥିଲା ଯେ ଗର୍ଭବତୀ ଥିବା ଶିକ୍ଷୟତ୍ରୀ ଜଣଙ୍କ ସମ୍ପୂର୍ଣ ବିଚଳିତ ହୋଇପଡ଼ିଥିଲେ ଏବଂ ଜାନୁଆରୀ ୬ ତାରିଖରେ ଚକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇ ତାଙ୍କର ଗର୍ଭପାତ ହୋଇଯାଇଥିଲା। ଏହାର ପ୍ରତିବାଦରେ ଶିକ୍ଷୟତ୍ରୀଙ୍କ ପିତା ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନଙ୍କୁ ଲିଖିତ ଅବଗତ କରାଇଥିଲେ ଓ ୮ ତାରିଖରେ ରେ ବାଲିପାଟଣା ଥାନାରେ ଏତଲା ଦେଇଥିଲେ।ଯାହା ଫଳରେ ଦଣ୍ଡ ସଂହିତା ଧାରା ୧୨୬(୨), ୨୯୬, ୩୫୧(୨), ୩(୫),୩(୧)ଆର, ୩(୧)ଏସ ରେ ମାମଲା ରୁଜୁ ହୋଇଛି।ଇତିମଧ୍ୟରେ ବିଭାଗୀୟ ତଦନ୍ତ ପାଇଁ ଆଦେଶ ହୋଇ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ଚିଠି କରାଯିବା ସହ ତଦନ୍ତ କରିବାକୁ ଦୁଇଜଣ ଶିକ୍ଷା ଅଧିକାରୀ ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନେ ଘଟଣାରେ ସତ୍ୟତା ଥିବା ଓ ପ୍ରଶାସନିକ ଅବହେଳା ସମ୍ପର୍କରେ ସବିଶେଷ ତଥ୍ୟ ଦେଇଥିବା ଜଣା ପଡିଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରେ ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ପିଲା ଚୋର ସନ୍ଦେହ : ଯୁବକକୁ ଗଛରେ ବାନ୍ଧି ନିସ୍ତୁକ ମାଡ଼

ଗୋପ,(ସବ୍ୟୁ): ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଗୋପ ତହସିଲ ଛକରେ ପିଲାଚୋର ସନ୍ଦେହରେ ଜଣେ ଯୁବକକୁ ଗଛରେ ବାନ୍ଧିଲେ ନିସ୍ତୁକ ମାଡ଼ ମାରି ଚାଲିଲେ କିଛି ଅମାନୁଷିକ ଯୁବକ।କେହିଁ କିଛି ବୁଝିବା ଆଗରୁ ଗଛରେ ବାନ୍ଧି କିଏ କାଚ ବୋତଲ ରେ ତ କିଏ ଚପଲରେ କିଏ ଗୋଇଠା କିଏ ବିଧା ମାରି ଚାଲିଲେ। ଶୁକ୍ରବାର ସନ୍ଧ୍ୟାରେ ହଠାତ ଗୋପ ତହସିଲ ଛକରେ ଶୁଭିଲା ପିଲା ଚୋର। ଜଣେ ଯୁବକ ଦୌଡ଼ିବା ସମୟରେ ତା ପଛରେ ଶତାଧିକ ଯୁବକ ଗୋଡ଼ାଇ ଗୋଡ଼ାଇ ଧରିବା ପରେ ଏକ ଗଛରେ ବାନ୍ଧି ଦେଇଥିଲେ । ଯୁବକ ଗଛରେ ବନ୍ଧା ହୋଇଥିବା ବେଳେ ଜମା ହେଇଥିଲେ ଶତାଧିକ ଲୋକ ଓ ଯୁବକ ଯିଏ ପାରୁଥିଲା ପିଟି ଚାଲିଲା କେହି ବି କିଛି ବୁଝିଲେ ନାହିଁ ।ଘଟଣା ସମ୍ପର୍କରେ ଖବର ପାଇ ଗୋପ ପୋଲିସର ଏକ ଟିମ ଘଟଣା ସ୍ଥଳରେ ପହଁଚି ସମ୍ପୃକ୍ତ ଯୁବକକୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରି ଥିଲେ। ଚିକିତ୍ସା ପରେ ଜଣାପଡ଼ିଛି ଯୁବକ ଜଣକ ପଶ୍ଚିମବଙ୍ଗ ଅଞ୍ଚଳର । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେ କୌଣସି କଥା କହିବା ପରିସ୍ଥିତିରେ ନାହିଁ ବୋଲି ପୋଲିସ କହିଛି। ସେ ଜଣେ ମାନସିକ ରୋଗୀ ବୋଲି ପ୍ରାଥମିକ ତଦନ୍ତ ରୁ ଜଣାପଡ଼ିଛି। ଯେଉଁମାନେ ଏଭଳି ଘଟଣା ଘଟାଇଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

## ମଦ ଜବତ, ଅଭିଯୁକ୍ତ ଗିରଫ

ବଳଙ୍ଗା ,(ସବ୍ୟୁ): ବଳଙ୍ଗା ଥାନା ଅନ୍ତର୍ଗତ ଗୋଡ଼ିମାଳ ଛକରେ ବଳଙ୍ଗା ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶିମଦ ଜବତ କରାଯିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ଗୋଡ଼ିମାଳି ଗ୍ରାମର ସିପକ ସାହାଣୀ ବୋଲି ପୋଲିସ ସୂଚନା ଦେଇଛି। ସିପକ ଗୋଡିମାଳ ଛକରେ ଥିବା ନିଜ ଘରେ ବିପୁଳ ପରିମାଣର ମଦ ରଖି ଚୋରା କାରବାର କରୁଥିବା ନେଇ ଶୁକ୍ରବାର ପୂର୍ବାହ୍ନରେ ଥାନା ଅଧିକାରୀଣୀ ସସ୍ମିତା ସାହୁଙ୍କୁ ସୁଚନା ମିଳିଥିଲା । ସୁଚନା ଆଧାରରେ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ଉ କରି ସିପକକୁ ଗିରଫ କରି ତା ନିକଟରୁ ୪୫ ଲିଟର ଦେଶିମଦ ଜବତ କରାଯାଇଥିଲା। ଏ ସଂପର୍କରେ ଥାନାରେ ୮୫/୨୬ରେ ଏକ ଅବକାରୀ ମାମଲା ରୁଜୁ କରାଯାଇଥିଲା। ବେଳେ ଅଭିଯୁକ୍ତକୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା।

# ପ୍ରଗତିଶୀଳ ଶିକ୍ଷାଧାରା ପାଇଁ ନିରନ୍ତର ପରିବର୍ତ୍ତନ ଆବଶ୍ୟକ

ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରିପ୍ରେକ୍ଷିରେ ଶୈକ୍ଷିକ ମାନଦଣ୍ଡ, ପରିଚାଳନାଗତ ଢାଞ୍ଚା ଏବଂ ଦୀର୍ଘକାଳୀନ ପ୍ରଭାବ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକ ସାମ୍ନାକୁ ଆସିଥାଏ। ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ)ର ଭାଇସ୍ ଚାନ୍ସେଲର କୁଳଭୂଷଣ ବଲୁନି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ତାଙ୍କର ବ୍ୟାପକ ନେତୃତ୍ୱ ଓ ଅନୁଭବକୁ ଆଧାର କରି, କିପରି ଶିକ୍ଷାନୁଷ୍ଠାନଗୁଡ଼ିକ ଗୁଣବତ୍ତାରେ କୌଣସି ସାଲିସ ନ କରି ଦାୟିତ୍ୱପୂର୍ଣ୍ଣ ଭାବରେ ଶିକ୍ଷା ପ୍ରଦାନ କରିପାରିବେ, ସେଥିପାଇଁ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି। ନୀତିମୂଳକ ନେତୃତ୍ୱ, ସୁଦୃଢ଼ ପରିଚାଳନା, ଉଚ୍ଚମାନକ ଅଧ୍ୟାପନା, ଫଳାଫଳ-ଭିତ୍ତିକ ଶିକ୍ଷା ପ୍ରଣାଳୀ ଏବଂ ଗବେଷଣା-କେନ୍ଦ୍ରିତ ଶିକ୍ଷା ହେଉଛି ସ୍ଥାୟୀ ଓ ଗୁଣବତ୍ତାପୂର୍ଣ୍ଣ ବିକାଶର ମୂଳ ଭିତ୍ତି। ଯେତେବେଳେ ଶୈକ୍ଷିକ ମାନଦଣ୍ଡ ଏକ ବିଶ୍ୱବିଦ୍ୟାଳୟର ମୂଳ ଲକ୍ଷ୍ୟ ହେବ,ସେତେବେଳେ ପ୍ରକୃତ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ ଏବଂ ସମାଜ ତଥା ସ୍ଥାନୀୟ ଅଞ୍ଚଳ ଉପରେ ଦୀର୍ଘକାଳୀନ ସକାରାତ୍ମକ ପ୍ରଭାବ ପଡ଼େ।



ପ୍ରଫେସର କୁଳଭୂଷଣ ବଲୁନି
ଭିସି, ବିଜିୟୁ, ଭୁବନେଶ୍ୱର

**ପ୍ରଶ୍ନ : ଆପଣ ଉଭୟ ଆଇଆଇଏମ୍ ଏବଂ ଘରୋଇ ବିଶ୍ୱବିଦ୍ୟାଳୟର ନେତୃତ୍ୱ ନେଇଛନ୍ତି । ସରକାରୀ ଅନୁଷ୍ଠାନରୁ ମିଳିଥିବା କେଉଁ ପ୍ରମୁଖ ପ୍ରଶାସନିକ ଅଭିଜ୍ଞତାଗୁଡିକ ଭାରତରେ ଘରୋଇ ଉଚ୍ଚ ଶିକ୍ଷା ପାଇଁ ସବୁଠୁ ଅଧିକ ପ୍ରାସଙ୍ଗିକ?**

ସ୍ୱଚ୍ଛତା, ସହଭାଗିତା ଏବଂ ପ୍ରକ୍ରିୟା-ଭିତ୍ତିକ ନିଷ୍ପତ୍ତି ଗ୍ରହଣ ଦ୍ୱାରା ହିଁ ବିଶ୍ୱସନୀୟତା ସୃଷ୍ଟି ହୁଏ। ଯେବେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଗୁଡିକ ନିୟମ-ଭିତ୍ତିକ, ସ୍ୱଚ୍ଛ ଏବଂ ବ୍ୟକ୍ତିବିଶେଷଙ୍କ ପରିବର୍ତ୍ତେ କମିଟି ଦ୍ୱାରା ପରିଚାଳିତ ହୁଏ ଯେଉଁଥିରେ ସ୍ୱଚ୍ଛ ଶାସନ ଏବଂ ଦୈନନ୍ଦିନ ପ୍ରଶାସନ ସମ୍ମିଳିତ ଥାଏ, ସେବେ ସରକାରୀ ଅନୁଷ୍ଠାନଗୁଡ଼ିକ ସଫଳ ହୁଅନ୍ତି। ଘରୋଇ ବିଶ୍ୱବିଦ୍ୟାଳୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣପ୍ରସଙ୍ଗ ହେଉଛି ଶୃଙ୍ଖଳା, ସ୍ୱଚ୍ଛତା ଏବଂ ନିରନ୍ତରତା। ଶୃଙ୍ଖଳାର ଅର୍ଥ ହେଉଛି ନୀତି-ଆଧାରିତ କାର୍ଯ୍ୟଧାରା, ଯେଉଁଠି ନିଯୁକ୍ତି,

ପଦୋନ୍ନତି ଓ ପରୀକ୍ଷା ପାଇଁ ସ୍ପଷ୍ଟ ନିୟମାବଳୀ ରହିବ, ଯାହା ଫଳରେ ନିଷ୍ପତ୍ତିଗୁଡ଼ିକ ସୁସଙ୍ଗତ ଏବଂ ଯଥାର୍ଥ ହୋଇପାରିବ।ନେତୃତ୍ୱ ପରବର୍ତ୍ତନ ସତ୍ତ୍ୱେ ବୋର୍ଡ ଅଫ୍ ଗଭର୍ନର୍ସ, ଏକାଡେମିକ୍ କାଉନସିଲ୍ ଏବଂ ବୋର୍ଡ ଅଫ୍ ଷ୍ଟଡିଜ୍ ପରି ସଶକ୍ତ ବୈଧାନିକ ସଂସ୍ଥାଗୁଡ଼ିକ ପ୍ରଶାସନ, ପାଠ୍ୟକ୍ରମ ମାନଦଣ୍ଡ ଏବଂ ମୂଲ୍ୟାୟନ ଅଖଣ୍ଡତାକୁ ସୁରକ୍ଷା ଦିଅନ୍ତି। ବିକେନ୍ଦ୍ରୀକୃତ ଶୈକ୍ଷିକ ନିଷ୍ପତ୍ତି ଗ୍ରହଣ,ବିଶ୍ୱସନୀୟ ଅଭିଯୋଗ ନିବାରଣ ପ୍ରଣାଳୀ, ସକ୍ରିୟ ଛାତ୍ର ପ୍ରତିନିଧିତ୍ୱ ଏବଂ ତଥ୍ୟ-ପରିଚାଳିତ ଫଳାଫଳ ସମୀକ୍ଷା ସହିତ ଏହି ପ୍ରକ୍ରିୟା ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଶ୍ୱାସ ସୃଷ୍ଟି କରେ ଏବଂ ଶୈକ୍ଷିକ ଉତ୍କର୍ଷତାକୁ ସୁରକ୍ଷିତ ରଖେ। ସରକାରୀ ସଂସ୍ଥାଗୁଡ଼ିକର ଅଭିବୃଦ୍ଧି ସହିତ, ଶାସନ ବ୍ୟବସ୍ଥା ସହଭାଗିତାମୂଳକ ଏବଂ ସୁଦୃଢ଼ ହେବା ଆବଶ୍ୟକ, ଯାହାଫଳରେ ଗୁଣବା କୌଣସି ବ୍ୟକ୍ତିବିଶେଷଙ୍କପରିବର୍ତ୍ତେ ବ୍ୟବସ୍ଥା-ଭିତ୍ତିକ ହୋଇପାରିବ।

**ପ୍ରଶ୍ନ : ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ସହିତ ସେମାନଙ୍କର ଶୈକ୍ଷିକ ମୂଲ୍ୟବୋଧକୁ ନେଇ ଚିନ୍ତା ପ୍ରକାଶ ପାଉଛି। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଭଳି ଅନୁଷ୍ଠାନଗୁଡ଼ିକ ଶିକ୍ଷାର ମାନ ବଜାୟ ରଖିବା ସହିତ ନିଜର ବିକାଶ କିପରି କରିପାରିବେ?**

ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ଦ୍ୱାରା ଘରୋଇ ବିଶ୍ୱବିଦ୍ୟାଳୟ ଗୁଡିକ ବ୍ୟାପକ ଏବଂ ସ୍ଥାୟୀ ଭାବରେ ଆଗକୁ ବଢିପାରିବେ।ସେମାନେ ଦ୍ରୁତ ଗତିରେ ଆଗକୁ ବଢ଼ିପାରନ୍ତି, କିନ୍ତୁ ଦୃଢ଼ ରହିବା ପାଇଁ ଶିକ୍ଷାଗତ ଉତ୍କୃଷ୍ଟତା ନିଶ୍ଚିତ ଆବଶ୍ୟକ। ବିର୍ଲା ଗ୍ଲୋବାଲୟୁନିଭର୍ସିଟି (ବିଜିୟୁ)ରେ ଆମେ ନୈତିକ ମୂଲ୍ୟବୋଧ, ଦୃଢ଼ ପ୍ରଶାସନ, ଆକଳନ ଭିକ ଶିକ୍ଷାଗତ ମାନକ ଓ ପର୍ଯ୍ୟାୟକ୍ରମେ ସମ୍ପ୍ରସାରଣ ସହ କ୍ୱାଲିଟି-ଫାଷ୍ଟ ଦର୍ଶନକୁ ନେଇ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ବିର୍ଲା ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର ହେଉଛି ସ୍ୱର୍ଗତ ବସନ୍ତ କୁମାର ବିର୍ଲା ଏବଂ ସ୍ୱର୍ଗତ ଶାରଳା ବିର୍ଲାଙ୍କ ଦ୍ୱାରା ସମାଜ ପ୍ରତି ଶିକ୍ଷାକୁ ଏକ ସେବା ଭାବେ ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ସ୍ଥାପନ କରାଯାଇଥିବା ଅଣ ଲାଭଜନକ ସଂସ୍ଥା, ଯାହା ସଚ୍ଚୋଟତା ଓ ମୂଲ୍ୟବୋଧ ଆଧାରରେ ବିଜିୟୁକୁ ସୁଦୃଢ଼ କରିଛି। ସେହି ଦୂରଦୃଷ୍ଟି ଦ୍ୱାରା ମାର୍ଗଦର୍ଶିତ ହୋଇ ବୋର୍ଡ ଅଫ ଗଭର୍ନସ୍ ଅଧ୍ୟକ୍ଷା ଜୟଶ୍ରୀ ମହୋତାଙ୍କ ନେତୃତ୍ୱରେ ଆଗକୁ ବଢ଼ିବା ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ସଚ୍ଚୋଟତା, ସ୍ୱଚ୍ଛତା ଓ ସାର୍ବଜନୀନ ଲାଭକୁ ସଂସ୍ଥାଗତ ନିଷ୍ପିର ମୂଳରେ ରଖି ଉତ୍କର୍ଷ, ନବସୃଜନ ଓ ରାଷ୍ଟ୍ରନିର୍ମାଣରେ ଅଗ୍ରଗତି ଜାରି ରଖିଛି। ବିଜିୟୁରେ ଶିକ୍ଷାଦାନ କେବଳ ଶ୍ରେଣୀଗୃହ ଶିକ୍ଷାଦାନ ମଧ୍ୟରେ ସୀମିତ ନୁହେଁ ଏହା ଏକ ପରିବର୍ତନଶୀଳ ଅନୁଭୂତି, ଯାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା ଜାଗ୍ରତ କରିବା ସହ,ଅଭିଳାଷକୁ ପୋଷଣ କରେ ଏବଂ ଶ୍ରେଷ୍ଠତା ପ୍ରତିପାଦନ କରେ।ଏହି ଦର୍ଶନକୁ ଧ୍ୟାନରେ ରଖି ବିଶ୍ୱବିଦ୍ୟାଳୟଟି ପର୍ଯ୍ୟାୟକ୍ରମେ ସମ୍ପ୍ରସାରିତ ହେଉଥିବାବେଳେ କେତେକ ମୂଳ ପ୍ରାଥମିକତାକୁ ନେଇ ଶିକ୍ଷାଗତ ଉତ୍କର୍ଷତାକୁ ସୁରକ୍ଷିତ ରଖୁଛି। ସ୍ୱଚ୍ଛ ନିଯୁକ୍ତି, ନିରନ୍ତର ବିକାଶମୂଳକ ପଦକ୍ଷେପ, ଶିକ୍ଷାଦାନ ଓ ଗବେଷଣା ଫଳାଫଳ ଆଧାରିତଦୃଢ଼ ମୂଲ୍ୟାଙ୍କନ ବ୍ୟବସ୍ଥାକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗବେଷଣା ଆଧାରିତ ଶିକ୍ଷାଦାନ ଓ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସହ ଉଚ୍ଚମାନର ଅଧ୍ୟାପନାରେ ବିନିଯୋଗ କରୁଛି। ଶୈକ୍ଷିକ ପ୍ରଶାସନ, ସ୍ୱଚ୍ଛ ଓ ବିକେନ୍ଦ୍ରୀକୃତ ରହିଛି ଏବଂ ଗୋଟିଏ ଦୃଢ଼ ବୋର୍ଡ ଅଫ ଷ୍ଟଡିଜ୍ ଓ ଏକାଡେମିକ କାଉନସିଲ୍ ରହିଛି ଯାହା ନିୟମିତ ପାଠ୍ୟକ୍ରମ ସମୀକ୍ଷା ଓ ଜାତୀୟ, ଅନ୍ତର୍ଜାତୀୟ ମାନଦଣ୍ଡ ସହ ସମନ୍ୱୟକୁ ନେଇ ଶିଳ୍ପ-ଶିକ୍ଷାନୁଷ୍ଠାନ ଉପସ୍ଥାପନକୁ ସନ୍ତୁଳିତ କରୁଛି। ଗଠନମୂଳକ ନୀତି, ସିଡ୍ ଗ୍ରାଂ, ଗବେଷଣା ସହାୟତା ଏବଂ ଅନ୍ତଃବିଭାଗୀୟ ଗବେଷଣା ବିଶ୍ୱବିଦ୍ୟାଳୟରେ ଏକ ଜୀବନ୍ତ ଗବେଷଣା ଇକୋସିଷ୍ଟମ୍ ସୃଷ୍ଟି କରୁଛି ।ବିଜିୟୁ ଭବିଷ୍ୟମୁଖୀ ପାଠ୍ୟକ୍ରମ ଯଥା-ବିଜେନସ୍ ଆନାଲିଟିକ୍ସରେ ଏମବିଏ, ଫିନେଟକ୍‌ରେ ଏମବିଏ ଏବଂ କମ୍ୟୁନିକେସନମ୍ୟାନେଜମେଣ୍ଟରେ ଏମବିଏ ଏକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଯାହା କଠିନ ପାଠ୍ୟକ୍ରମ ପରିକଳ୍ପନା, ଅର୍ଥପୂର୍ଣ୍ଣ କର୍ପୋରେଟ୍‌ସଂପୃକ୍ତି ଏବଂ ଉଚ୍ଚମାନଯୁକ୍ତ ଶିକ୍ଷଣ ଓ ଫଳାଫଳ ମାଧ୍ୟମରେ ନିଯୁକ୍ତି ଯୋଗ୍ୟତା ହାସଲ କରୁଛି। ଏହାର ଏକ ପ୍ରମୁଖ ଉଦାହରଣହେଉଛି ବିଜ୍‌ନେସ୍ ଆନାଲିଟିକ୍ସରେ ଏମବିଏ ଯାହା ଭାରତରେ କେପିଏମଜି ସହିତ ମିଳିତ ଭାବରେ ପରିକଳ୍ପିତ ଏବଂ ଯାହା ଏକ ଦୃଢ଼ଶୈକ୍ଷିକ ଢାଞ୍ଚା ମଧ୍ୟରେ ଶିଳ୍ପ ଉପକରଣ, ପ୍ରକୃତ ଡାଟାସେଟ୍ ଏବଂ ପ୍ରୟୋଗ ହୋଇଥିବା ବ୍ୟବସାୟ ସମସ୍ୟାର ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରୁଛି। ସାମଗ୍ରୀକ ଭାବରେ, ବିଜିୟୁ ଏକ ଭବିଷ୍ୟତ-ଉପଯୋଗୀ ଶିକ୍ଷା ବ୍ୟବସ୍ଥା ଗଠନ କରୁଛି, ଯେଉଁଠାରେ ଶିକ୍ଷାଗତ ଦକ୍ଷତା ଏବଂ କାର୍ଯ୍ୟକାରିତା ବିକାଶ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥାଏ।

**ପ୍ରଶ୍ନ: ଫଳାଫଳ ଆଧାରିତ ଏବଂ ଅନ୍ତଃବିଭାଗୀୟ ଶିକ୍ଷା ବିଷୟରେ ବ୍ୟାପକ ଭାବେ ଆଲୋଚନା ହେଉଛି। ଭାରତୀୟ ବିଶ୍ୱବିଦ୍ୟାଳୟରେ ତାହାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ କେଉଁ ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ରହିଛି?**

ଯେତେବେଳେ ନୀତି କିମ୍ବା ପାଠ୍ୟକ୍ରମର ଭାଷା, ଶ୍ରେଣୀଗୃହର କାର୍ଯ୍ୟଧାରାରେ ପରିଣତ ହେବ ଏବଂ ସୁଦୃଢ଼ ବ୍ୟବସ୍ଥା ତଥା ସଂସ୍ଥାଗତ ରୂପରେଖ ଦ୍ୱାରା ସମର୍ଥିତ ହେବ, ସେତେବେଳେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫଳାଫଳ-ଭିତ୍ତିକ ଏବଂ ଅନ୍ତଃ-ବିଷୟକ ଶିକ୍ଷା (ଓବିଟିଏଲ୍) କାର୍ଯ୍ୟକାରୀ ହୋଇପାରିବ। ବ୍ୟବହାରିକ ଭାବରେ, ଏଥିପାଇଁ ସ୍ପଷ୍ଟ ପରିଭାଷିତ କାର୍ଯ୍ୟକ୍ରମ ଏବଂ ପାଠ୍ୟକ୍ରମର ନିଷ୍କର୍ଷ ଅନୁଯାୟୀ ଏହାର ପୁନଃନିର୍ମାଣ ଆବଶ୍ୟକ, ଯାହା ସେମିଷ୍ଟାର ଅନୁଯାୟୀ ପ୍ରସ୍ତୁତ ଏବଂ ବିଶ୍ଳେଷଣାତ୍ମକ ଦକ୍ଷତା, ସମସ୍ୟା ସମାଧାନ ତଥା ଜ୍ଞାନର ପ୍ରୟୋଗ ପରିମାପକ, ସାଧାରଣ ରୁବ୍ରିକ୍ସ ମାଧ୍ୟମରେ ଆକଳନ କରାଯାଇପାରିବ। ପ୍ରକୃତ ପରିପ୍ରେକ୍ଷୀରେ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଶିକ୍ଷାଦାନ ଶୈଳୀ, କେସ୍ ଷ୍ଟଡି, ଲ୍ୟାବ୍, କ୍ଷେତ୍ର ଅଧ୍ୟୟନ, ସିମୁଲେସନ୍, ଡିଜାଇନ୍ ଥିଙ୍କିଙ୍ଗ୍ ଏବଂ ସମସ୍ୟା-ଭିତ୍ତିକ ପ୍ରକଳ୍ପ ମାଧ୍ୟମରେ ପ୍ରୟୋଗାତ୍ମକ ଶିକ୍ଷା ଆଡ଼କୁ ପରବର୍ତ୍ତିତ ହେବା ଉଚିତ। ନିରନ୍ତର ମୂଲ୍ୟାୟନ, କୋର୍ସ କମ୍ପ୍ଲିସନ ପ୍ରୋଜେକ୍ଟ, ଗବେଷଣା ଏବଂ ଶିଳ୍ପ ପ୍ରକଳ୍ପ, ଗଠନମୂଳକ ଇର୍ଣ୍ଣସିପ୍ ଏବଂ ଓବିଟିଏଲ୍ ପରିକଳ୍ପନା, ନିରନ୍ତର ରୁବ୍ରିକ୍ ବ୍ୟବହାର, ଶୈକ୍ଷିକ ସଚ୍ଚୋଟତା ଏବଂ ଏଆଇ ଉପକରଣ ବ୍ୟବହାରରେ ଶିକ୍ଷକ ପ୍ରଶିକ୍ଷଣ ମଧ୍ୟ ମୂଲ୍ୟାୟନ ଏବଂ ଅଧ୍ୟାପକଙ୍କ କ୍ଷମତା ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱବିଦ୍ୟାଳୟଗୁଡ଼ିକ ଗୁଣବତ୍ତାକୁ ବଜାୟ ରଖିବା ଓ ପାଠ୍ୟକ୍ରମ ସମୀକ୍ଷା ପାଇଁ ପାରଦର୍ଶୀ ବ୍ୟବସ୍ଥା, ବୋର୍ଡ ଅଫ୍ ଷ୍ଟଡିଜ୍‌ରେ ଶିଳ୍ପର ଅଂଶଗ୍ରହଣ ଏବଂ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ, ପରୀକ୍ଷାଗାର, ପୁସ୍ତକାଳୟ, ମେରିଂରେ ପର୍ଯ୍ୟାପ୍ତ ନିବେଶ ଆବଶ୍ୟକ କରନ୍ତି।

**ପ୍ରଶ୍ନ : ଗବେଷଣା ଏବଂ କ୍ୟାମ୍ପସ ନିଯୁକ୍ତି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଚାପରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ଶିକ୍ଷାକୁ କିପରି ଶିଳ୍ପ ପ୍ରାସଙ୍ଗିକ ଓ ସନ୍ତୁଳିତ କରାଯାଇପାରିବ?**

ବିଶ୍ୱବିଦ୍ୟାଳୟଗୁଡ଼ିକ ଏହା ଜାଣିରଖିବା ଉଚିତ ଯେ, ନିଯୁକ୍ତି ସାମର୍ଥ୍ୟ ଏବଂ ଦୀର୍ଘକାଳୀନ ବୌଦ୍ଧିକ ବିକାଶ ପରସ୍ପରର ପରିପୂରକ।ମୂଳ ପାଠ୍ୟକ୍ରମକୁ ମୌଳିକ ବିଷୟଗୁଡ଼ିକରେ ସମନ୍ୱିତ କରିବାରେ ସନ୍ତୁଳନ ନିହିତ ରହିଛି ଯଥା- ସମସ୍ୟା ସମାଧାନ,ସମାଲୋଚନାତ୍ମକ ଚିନ୍ତାଧାରା, ଇଫେକ୍ଟିଭ୍ କମ୍ୟୁନିକେସନ, କ୍ୱାଟେଟିଭ୍ ରିଜନିଙ୍ଗ୍, ଗବେଷଣା ପଦ୍ଧତି ଏବଂ ନୈତିକ ନେତୃତ୍ୱ,ସ୍ୱଳ୍ପକାଳୀନ ଉପକରଣ ଆଧାରିତ ତାଲିମ ଯାହା ଶୀଘ୍ର ଅପ୍ରାସଙ୍ଗିକ ହୋଇଯାଏ। ତାହା ବଦଳରେ ଶିକ୍ଷାକୁ ପ୍ରାସଙ୍ଗିକ କରିବା ପାଇଁ ଶିଳ୍ପସମ୍ପୃକ୍ତିକୁ ବ୍ୟବହାର କରାଯାଏ।ବାସ୍ତବିକ ଭାବରେ ଶିଳ୍ପ ବିଶେଷଜ୍ଞମାନେ ପାଠ୍ୟକ୍ରମ, ଗଠନମୂଳକ ଇର୍ନସିପ୍ , ଲାଇଭ ପ୍ରୋଜେକ୍ଟ, କେସ୍-ଆଧାରିତ ଶିକ୍ଷଣ ଏବଂ ପ୍ରୟୋଗମୂଳକ ଗବେଷଣାରେ ଯୋଗଦାନ କରିବା ଉଚିତ୍, ଯେଉଁଥିରେ ବିଶ୍ୱବିଦ୍ୟାଳୟ ଶିକ୍ଷଣ ଫଳାଫଳ, ମୂଲ୍ୟାୟନମାନକ ଏବଂ ପାରଦର୍ଶିତା ଉପରେ ନିୟନ୍ତ୍ରଣ ରଖିବା ଉଚିତ୍ । ବିଶ୍ୱର ବାସ୍ତବ ସମସ୍ୟା ଉପରେ କାର୍ଯ୍ୟ କରୁଥିବା ଛାତ୍ରଛାତ୍ରୀମାନେ ଶୈକ୍ଷିକ ସ୍ୱାଧୀନତା ବଜାୟ ରଖିବା ସହିତ ଶିଳ୍ପ ଆହ୍ୱାନଗୁଡ଼ିକୁ ପ୍ରମାଣ-ଆଧାରିତ ବିଶ୍ଳେଷଣ କରି ସେମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିପାରିବେ। ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ଶିଳ୍ପ ଭାଗିଦାରୀ ଏହାର ପାଠ୍ୟକ୍ରମକୁ ଆକାର ଦିଏ ଏବଂ ଶିକ୍ଷଣକୁ ବୃଦ୍ଧି କରେ । ଏହି ପରିପ୍ରେକ୍ଷୀରେ ବୋର୍ଡ ଅଫ୍ ଷ୍ଟଡିଜ୍, ଏକାଡେମିକ୍ କାଉନସିଲ୍ ଶିକ୍ଷାବିତ୍ ଏବଂ କର୍ପୋରେଟ୍ ଲିଡରମାନଙ୍କୁ ଏକାଠି କରି ଏକ କଠୋରଏବଂ ଭବିଷ୍ୟକୈନ୍ଦ୍ରୀକ ଶିକ୍ଷାକୁ ସୁନିର୍ଶ୍ଚିତ କରିଥାଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ଚାକିରି ପାଇଁ ପ୍ରସ୍ତୁତ ଏବଂ ବୌଦ୍ଧିକ ଭାବରେ ଅନୁକୂଳ,ନେତୃତ୍ୱ ଓ ବିକାଶ ପାଇଁ ପ୍ରସ୍ତୁତ ସ୍ନାତକ ସୃଷ୍ଟି କରି ଉଭୟ ଚାପକୁ ସନ୍ତୁଳିତ କରନ୍ତି।

**ପ୍ରଶ୍ନ : ଗବେଷଣା ପାଣ୍ଠି କିଛି ନିର୍ଦ୍ଦିଷ୍ଟ ଅନୁଷ୍ଠାନରେ କେନ୍ଦ୍ରିତ ହେବ । ଏଭଳି ସ୍ଥିତିରେ ନୂତନ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ କିପରି ବିଶ୍ୱସନୀୟ ଗବେଷଣା ଇକୋସିଷ୍ଟମ୍ ନିର୍ମାଣ କରିପାରିବେ?**

ଗବେଷଣା ପାଣ୍ଠି କ୍ରମଶଃ କିଛି ପ୍ରତିଷ୍ଠିତ ଅନୁଷ୍ଠାନରେ କେନ୍ଦ୍ରିତ ହୋଇ ରହିଛି। ତଥାପି ନୂତନ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ସମୟକ୍ରମେ ରଣନୈତିକ ଭାବରେ କେନ୍ଦ୍ରୀଭୂତ ପ୍ରୟାସ ମାଧ୍ୟମରେ ସମୃଦ୍ଧ ଗବେଷଣା ଇକୋସିଷ୍ଟମ୍ ସୃଷ୍ଟି କରିପାରିବେ। ଯେପରିକି ଉଚ୍ଚ-ପ୍ରଭାବଶାଳୀ, ସ୍ଥାନୀୟ ଭାବରେ ପ୍ରାସଙ୍ଗିକ ଗବେଷଣା କ୍ଷେତ୍ର ଦିଗରେ କାର୍ଯ୍ୟ କରିପାରିବେ। ଏକାଧିକ ଗବେଷଣା କ୍ଷେତ୍ରରେ ଉପଲବ୍ଧ ସମ୍ବଳକୁ ସହଜ ଭାବରେ ବିସ୍ତାର କରିବା ପରିବର୍ତେ, ସେମାନେ ପ୍ରମୁଖ ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟା ସହିତ ସଂଯୁକ୍ତ ପ୍ରାଥମିକଗବେଷଣା କ୍ଷେତ୍ର ଉପରେ ଧ୍ୟାନ ଦେବା ଉଚିତ୍। ଏହାପରେ ସେମାନେ ସେହି କ୍ଷେତ୍ରଗୁଡ଼ିକରେ ଶିକ୍ଷକ କ୍ଷମତା ବୃଦ୍ଧି, ମୌଳିକ ଗବେଷଣା ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ଡକ୍ଟରାଲ୍ ପାଠ୍ୟକ୍ରମ ବିକଶିତ କରିବାରେ ଅଧିକ ନିବେଶ କରିବା ଉଚିତ୍ । ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ ଇର୍ନାଲ୍ ସିଡ୍-ବେସ୍‌ଡ ପ୍ରୋଗ୍ରାମ୍ ସ୍ଥାପନ କରିବାକୁ ପଡିବ, ସକ୍ରିୟ ଗବେଷକମାନଙ୍କ ଶିକ୍ଷାଦାନ ଭାର ହ୍ରାସ କରିବା ସହିତ ସ୍ୱଚ୍ଛ ମୂଲ୍ୟାୟନ ପ୍ରକ୍ରିୟା ବ୍ୟବହାର କରିବା ଉଚିତ, ଯାହା ପରିମାଣ ଅପେକ୍ଷା ଗୁଣବତ୍ତାକୁ ଧ୍ୟାନ ଦେବ।

## ପଣ୍ଡା ସାରଙ୍କ ବିୟୋଗ ରେ ଶୋକ

କାକଟପୁର ,(ସବ୍ୟୁ): କୁସୁପୁର ଅଞ୍ଚଳର ଜଣେ ଜଣାଶୁଣା ସରଳ, ନିଷ୍କପଟ ମିଷ୍ଟଭାଷୀ, ସମୟାନୁବର୍ତ୍ତୀ, ସୁସଂଗଠକ ତଥା ସୁନାମଧନ୍ୟ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା ପ୍ରଶାସକ ସର୍ଗତ କୈଳାସ ଚନ୍ଦ୍ର ପଣ୍ଡା ଙ୍କ ବିୟୋଗ ରେ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲୋଷ୍ଟା) ତଥା ଶିକ୍ଷକ ସମାଜ ପାଇଁ ଏକ ଅଭୁତପୂର୍ବ କ୍ଷତି ଘଟାଇଛି।ଏହି ପରୀପ୍ରେକ୍ଷୀରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ,ପୁରୀ ର ସଭାପତି ଦୈତାରି ବେହେରା ଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ଏଥିରେ ଓଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଗ୍ମ ସଂପାଦକ ସୁଦର୍ଶନ ସାଇଁ, ପ୍ରଦୀପ କୁମାର ପ୍ରଧାନ, ଅନାଥ କୁମାର ପରିଡ଼ା,ପୁରୀ ଜିଲ୍ଲା ସଂପାଦକ ସଦାଶିବ ସାହୁ, ବାଳକୃଷ୍ଣ ସେନାପତି, ସତ୍ୟରଞ୍ଜନ ମିଶ୍ର, ଅଭିମନ୍ୟୁ ନାୟକ,ସମେତ ଓଲୋଷ୍ଟା ପରିବାର ପୁରୀ ଜିଲ୍ଲା ତରଫରୁ ବହୁ ଶିକ୍ଷକ ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କର ଅମର ଆତ୍ମାର ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆତ୍ମିକ ନିବେଦନ ଜଣାଇଥିଲେ।

# ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ବୈଠକ



ଖଣ୍ଡପଡ଼ା ,(ସବ୍ୟୁ): ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ମା ଉମାଦେବୀ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।ଖଣ୍ଡପଡ଼ା ବରିଷ୍ଠ ନାଗରିକ ଫୋରମର ଉପ ସଭାପତି ବିନାୟକ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଅତିଥି ଭାବେ ନୟାଗଡ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, ଫୋରମର ସମ୍ପାଦକ ଲକ୍ଷ୍ମୀଧର ସିଂ,ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର,ଖଣ୍ଡପଡ଼ା ନଗର ଉପ ସଭାପତି ଦୁର୍ଗାମାଧବ ଦାଶ, ବିଶିଷ୍ଟ ଶିଶୁ କବି କାଶିନାଥ ଦାସ,ପଣ୍ଡିତ ମନୋଜ ଦାଶ ପ୍ରମୁଖ ଯୋଗଦେଇ ଥିଲେ।ସମସ୍ତଙ୍କ ଉପସ୍ଥିତିରେ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ,ସରକାରଙ୍କ ଆଭିମୁଖ୍ୟ ଓ ନାଗରିକ ଫୋରମର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।ସଂଘର ବରିଷ୍ଠ ସଦସ୍ୟମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏ ଅବସରରେ ନାଗରିକ ଫୋରମର ଭବିଷ୍ୟତ କାର୍ଯ୍ୟକ୍ରମ ନେଇ ସର୍ବସମ୍ମତି ପ୍ରସ୍ତାବକ୍ରମେ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ କମିଟିର ସଦସ୍ୟ ଭାବେ ବିନାୟକ ମିଶ୍ର, ଆଇନ ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା।ଏ ଅବସରରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ପୂର୍ବତନ ସରପଞ୍ଚ ଧନେଶର ମହାପାତ୍ର, ନୀଳକଣ୍ଠ ସାହୁ,ଚିନ୍ତାମଣି ରାଜ, ଗୋପୀନାଥ ସାହୁ,ଅଭୟ ପ୍ରଧାନ ପ୍ରମୁଖ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଶିକ୍ଷାବିତ ଜଗଦୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।ଖଣ୍ଡପଡ଼ା ସହର ସମେତ ବ୍ଲକ ଅଧୀନ ୨୨ ଟି ପଞ୍ଚାୟତରୁ ୨୦୦ ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ବୈଠକରେ ଯୋଗ ଦେଇଥିଲେ।

# ସରକାରୀ ଡାକ୍ତରଖାନାରୁ ଟେବୁଲ ଚୋରି : ୨ଗିରଫ

ବଳଙ୍ଗା,(ସବ୍ୟୁ): ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଲୁହା ଟେବୁଲ ଚୋରୀ କରିବା ଅଭିଯୋଗରେ ବଳଙ୍ଗା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ବଳଙ୍ଗା ଥାନା ଅନ୍ତର୍ଗତ କୋଠସାହି ଗ୍ରାମର ରାଜେଶ ପାତ୍ର ଓ ତରଜଙ୍ଗ ଗ୍ରାମର ରଞ୍ଜନ କାଣ୍ଡି ବୋଲି ପୋଲିସ ସୂଚନା ଦେଇଛି। ଗତ ମଙ୍ଗଳ ବାର ବିଳମ୍ବିତ ରାତିରେ ଅଭିଯୁକ୍ତ ମାନେ ମେଡ଼ିକାଲ ପରିସରରେ ଥିବା ପୁରୁଣା ଗୃହରେ ଥିବା ଲୁହା ଟେବୁଲକୁ ଚୋରୀ କରିନେଇଥିଲେ। ଏ ସମ୍ପର୍କରେ ସାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଫାର୍ମାସିଷ୍ଟ ସନ୍ତୋଷ କୁମାର ପଣ୍ଡାଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା ବେଳେ ଏହି ଘଟଣାରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଥିବା ନେଇ ଥାନା ଅଧିକାରୀଣି ସସ୍ମିତା ସାହୁଙ୍କୁ ସୁଚନା ମିଳିଥିଲା। ସୁଚନା ଆଧାରରେ ଗୁରୁବାର ରାତିରେ ପୋଲିସ ଟିମ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଗ୍ରାମରୁ ଗିରଫ କରି ସେମାନଙ୍କ ନିକଟରୁ ଚୋରିଟେବୁଲକୁ ଜବତ କରାଯାଇଥିଲା।

## ଭାରତୀୟ କିଷାନ ସଂଘର ଜିଲ୍ଲା ପ୍ରଭାରୀ ନିଯୁକ୍ତ

ଫୁଲନଖରା ,(ସବ୍ୟୁ): ଚାଷୀ ସଂଗଠନକୁ ଆହୁରି ମଜଭୁ କରିବା ପାଇଁ ଓଡ଼ିଶାର ସବୁ ଜିଲ୍ଲା ପାଇଁ ପ୍ରଭାରୀ ଘୋଷଣା କରାଯାଇଛି । ରାଜ୍ୟ କମିଟି ନିଷ୍ପତ୍ତି ଅନୁସାରେ ସଂଘର ସଭାପତି ଶ୍ରୀମୁଖ ପ୍ରଧାନଙ୍କୁ ବଲାଙ୍ଗୀରି ଜିଲ୍ଲା, ଜାନକୀ ବଲ୍ଲଭ ସ୍ୱାଇଁ ଜଗତସିଂହପୁର ଓ ମାଲକାନାଗିରି,ଗଗନ ପ୍ରତିହାରୀ ପୁରୀ,ଦେବୀପ୍ରସାଦ ପତି ଭଦ୍ରକ ଓ ଢେଙ୍କାନାଳ,ଅକ୍ଷୟ କୁମାର ଦାଶ ନୟାଗଡ଼,ପ୍ରଦୀପ କୁମାର ସାହୁ ଗଞ୍ଜାମ,ଶ୍ରୀ ଗୋପାଳ ନାୟକ ଗଜପତି ଓ କନ୍ଧମାଳ,ମୋହନ ନାୟକ ରାୟଗଡ଼ା,ସୁକରଞ୍ଜନ ସରକାର କୋରାପୁଟ,ରାଜେଶ କୁମାର ସାହୁ ନବରଙ୍ଗପୁର,ଶଶୀ ଭୂଷଣ ସାହୁ କଳାହାଣ୍ଡି,କେଦାର ଚନ୍ଦ୍ର ମିଶ୍ର ନୂଆପଡ଼ା,ରାଧା କୃଷ୍ଣ ମେହେର ସୋନପୁର,ହରିଶଙ୍କର ବାଗ ଭାରତୀ କେନ୍ଦ୍ରାପଡ଼ା , ଅଜୟ ନାୟକ ଖୋର୍ଦ୍ଧା ଦାୟିତ୍ୱ ମିଳିଥିବା ବେଳେ ସମସ୍ତ ପ୍ରଭାରୀ ମାନେ ଏହି ମାର୍ଚ୍ଚ ମାସରୁ ତାଙ୍କ ପ୍ରବାସ ଯୋଜନା କରି ପ୍ରତି ବ୍ଲକକୁ ଯାଇଁ ବ୍ଲକ କମିଟି ଗ୍ରାମ୍ୟ ସମିତି କରିବା ପାଇଁ ରାଜ୍ୟ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ।

# ଆକ୍ସିସି ବ୍ୟାଙ୍କ ଅସ୍ତରଙ୍ଗ ଶାଖା ଉଦ୍‌ଘାଟିତ



ଅସ୍ତରଙ୍ଗ,(ସବ୍ୟୁ):ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ମଧ ଭାଗରେ ଆକ୍ସିସ ବ୍ୟାଙ୍କ ର ଏକ ନୂତନଶାଖା ଇତିମଧ୍ୟରେ ଉଦଘାଟିତ ହୋଇ ଯାଇଅଛି। ଶାଖାକୁ ଉଦଘାଟିତ କରିଥିଲେ,ଭୁବନେଶ୍ୱର କେନ୍ଦ୍ରୀୟ ଯୋନ ର ସର୍କଲ ମୁଖ୍ୟ ଦେବେନ୍ଦ୍ରକୁମାର ସାହୁ ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ଆରତୀ ନାୟକ । ଅନ୍ୟ ମାନଙ୍କ ମଧ୍ୟରେ କ୍ଲଷ୍ଟର ମୁଖ୍ୟ ସୌମଦିତ ଚନ୍ଦ୍ର, ସଂସଦ ପ୍ରତିନିଧି ଦିବାକର ଛାଟୋଇ,ଶାଖା ମୁଖ୍ୟ ରୁପଶ୍ରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସବୁ କାର୍ଯ୍ୟକ୍ରମ କୁ ବ୍ୟାଙ୍କ ର ଅପରେସନ ମୁଖ୍ୟ ଦିବ୍ୟ ଜ୍ୟୋତି ସାହୁ, କିରାନି ସୌମରଞ୍ଜନ ଦାସ,ପ୍ରମୁଖ ପରିଚାଳନା କରିଥିଲେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୫୭)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।**
**ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୫୭ ॥**

ଯେ ସବୁ ବିଷୟରେ ( ଏପରି କି ପୁତ୍ରମିତ୍ରାଦି ବିଷୟରେ ମଧ୍ୟ) ସ୍ନେହଶୂନ୍ୟ ଏବଂ ଭଲ ପଦାର୍ଥ ପାଇଲେ ପ୍ରଶଂସା କରନ୍ତି ନାହିଁ କି ମନ୍ଦ ପଦାର୍ଥ ପାଇଲେ ନିନ୍ଦା କରନ୍ତି ନାହିଁ ( କେବଳ ଉଦାସୀନ ଭାବରେ କଥା କହନ୍ତି), ତାହାଙ୍କର ପ୍ରଜ୍ୱା ପ୍ରତିଷ୍ଠିତା ଅର୍ଥାତ୍ ସେହି ସ୍ଥିତପ୍ରଜ୍ଞ ଅଟନ୍ତି ॥ ୫୭॥

# ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଶୁଭେଚ୍ଛା

ସେ ଜନ୍ମ ହୋଇଥିଲେ ୧୯୩୧ ମସିହା ମାର୍ଚ୍ଚ ୧୪ ତାରିଖରେ ଆଜିର ଦିବସରେ–ତିଗିରିଆ ଗଡ଼ଜାତରେ– ୯୫ ବର୍ଷ ତଳେ । ଓଡ଼ିଶାର ସେ ଜଣେ ଅଦ୍ୱିତୀୟ ଭାଷାବିତ୍, ସାହିତ୍ୟ ସାଧକ ଭାବେ ପ୍ରତିଷ୍ଠିତ । ମାତ୍ର ତାଙ୍କୁ ଯେତିକି ମର୍ଯ୍ୟାଦା ମିଳିବା କଥା, ସେତିକି ମିଳି ପାରି ନାହିଁ । ସେ ସେହି 'ପଦ୍ମଶ୍ରୀ' ଉପାଧିରେ ରହିଗଲେ ସିନା, ତାଙ୍କୁ ଅନେକ କନିଷ୍ଠ ଲେଖକଙ୍କ ପରି 'ପଦ୍ମ ଭୂଷଣ', 'ପଦ୍ମ ବିଭୂଷଣ' ବି ମିଳି ପାରିନାହିଁ । ଆମେ ଓଡ଼ିଆମାନେ ସେତିକିରେ ସନ୍ତୁଷ୍ଟ । କାହାଙ୍କୁ ବଡ଼ କରିବାର କିମ୍ବା ବଡ଼ ଉପାଧି ଦେବାକୁ ସୁପାରିଶ କରିବାକୁ ଓଡ଼ିଆମାନେ ପ୍ରସ୍ତୁତ ହୋଇ ପାରୁ ନାହାନ୍ତି



ଏବଂ ଅତୀତରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଯାହାଙ୍କ ଯୋଗୁଁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟରେ ପରିଣତ ହୋଇଥିଲା, ସେ 'ପଦ୍ମଶୀ' ଉପାଧିକୁ ପ୍ରତ୍ୟାଖାନ କରିଥିଲେ । ବରଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଯେଉଁ 'ଡକ୍ଟରେଟ' ଉପାଧି ଦିଆ ଯାଇଥିଲା, ତାହାକୁ ସେ ଆଦରର ସହିତ ଗ୍ରହଣ କରିଥିଲେ । ଦୁଃଖର କଥା, ଦେବୀ ପ୍ରସନ୍ନ ପଟ୍ଟନାୟକ ଜଣେ ଓଡ଼ିଆ ଭାଷାବିତ୍ ଭାବେ କେବଳ ଭାରତରେ ନୁହେଁ, ଅର୍ନ୍ତଜାତୀୟ ସ୍ତରରେ ସେ ପ୍ରତିଷ୍ଠିତ ହୋଇଥିଲେ । ନିଜେ ସେ ଯୁକ୍ତରାଷ୍ଟ୍ର ଆମେରିକାରୁ ଭାଷା ବିଜ୍ଞାନରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ ମଧ୍ୟ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦେଇ ନଥିବା ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

ଦେବୀ ପ୍ରସନ୍ନ ପଟ୍ଟନାୟକ ଏବେ ୯୬ ବର୍ଷରେ ପଦାର୍ପଣ କଲେ । ଭୁବନେଶ୍ୱରରେ ଯେକୌଣସି ସାଂସ୍କୃତିକ ବା ସାରସ୍ୱତ ଉତ୍ସବକୁ କେହି ଅତିଥି କରି ଡାକୁ ବା ନଡାକୁ, ସେ ଆସି ପହଞ୍ଚି ଯାଇଥିବେ । ସଭାର ଆୟୋଜକମାନେ ଦର୍ଶକମାନଙ୍କ ଗହଣରେ ତାଙ୍କୁ ବସିବାର ସୁଯୋଗ ନ ଦେଇ ମଞ୍ଚ ଉପରକୁ ଡାକିବାକୁ ବାଧ୍ୟ ହୋଇଥା'ନ୍ତି ।

ସେ ଛାତ୍ର ଜୀବନରୁ ଜଣେ ମେଧାବୀ ଛାତ୍ର ଥିଲେ । ସେ ପ୍ରଥମେ କଟକର ଖ୍ରୀଷ୍ଟ କଲେଜ ଓ ପରେ ରେଭେନ୍ସା କଲେଜରେ ଓଡ଼ିଆ ଭାଷା ଓ ସାହିତ୍ୟରେ ବି.ଏ ପଢ଼ିଥିଲେ । ପରେ ଓଡ଼ିଆ ଏମ୍.ଏରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ଗୌରବ ଉତ୍କଳ ବିଶ୍ୱବିଦ୍ୟାଳୟରୁ ହାସଲ କରି ପାରିଥିଲେ । କିଛି ଦିନ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରିବା ପରେ ଶାନ୍ତି ନିକେତନ, ବିଶ୍ୱ ଭାରତୀ (ପଶ୍ଚିମବଙ୍ଗ)ରେ ଅଧ୍ୟାପନା କରିବାର ସୁଯୋଗ ଲାଭ କରିଥିଲେ । ସେହି ସମୟରେ ସେ ଫରାସୀ ଭାଷା ଅଧ୍ୟୟନ କରି ସେହି ଭାଷାରେ ଡିପ୍ଲୋମା ହାସଲ କରି ପାରିଥିଲେ ।

ଛାତ୍ର ଜୀବନରୁ ସେ ରାଜନୀତି ମଧ୍ୟ କରିଥିଲେ । ତତ୍କାଳୀନ ସୋସିଆଲିଷ୍ଟ ନେତା ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ଢେଙ୍କାନାଳ ଅଞ୍ଚଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ଖୁବ୍ ସକ୍ରିୟ ହୋଇଥିଲା । ତାଙ୍କର ନେତୃତ୍ୱରେ ସେ ସୋସିଆଲିଷ୍ଟ ସେହି ଆନ୍ଦୋଳନରେ ସାମିଲ ହୋଇଥିଲେ । ପରେ ପରେ ସେ ନବକୃଷ୍ଣ ଚୌଧୁରୀ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ସଂସ୍ପର୍ଶରେ ଆସିଥିଲେ । ରବି ରାୟ (ଲୋକସଭାର ପୂର୍ବତନ ବାଚସ୍ପତି) ଓ ଗୋବିନ୍ଦ ଦାସ (ବିଶିଷ୍ଟ ଔପନାସିକ) ପ୍ରଭୃତିଙ୍କ ସହ ଯୁବ ସୋସିଆଲିଷ୍ଟ ଭାବେ ସେ କାମ କରିବାର ସୁଯୋଗ ପାଇଥିଲେ । ସେ ତତ୍କାଳୀନ ରାଜ୍ୟ ସୋସିଆଲିଷ୍ଟ ପାର୍ଟିର କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିଲେ । ଏପରିକି ରେଙ୍ଗୁନ ଠାରେ ଅନୁଷ୍ଠିତ ଏସୀୟ ସୋସିଆଲିଷ୍ଟ ସମ୍ମେଳନରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଯାଇଥିଲେ । ସେ ମଧ୍ୟ ଭାରତର ସୋସିଆଲିଷ୍ଟ ନେତା ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ । ମାତ୍ର ପରବର୍ତ୍ତୀ କାଳରେ ସେ ସକ୍ରିୟ ରାଜନୀତି କରି ନଥିଲେ । ନ ହେଲେ ସେ ପୂର୍ବତନ ବିଧାୟକ, ସାଂସଦ ବା ପୂର୍ବତନ ମନ୍ତ୍ରୀ ଭାବେ ହୁଏତ ପରିଚିତ ହୋଇଥା'ନ୍ତେ । ୧୯୫୫ ମସିହାରେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଅକ୍ଷୟ ମହାନ୍ତି (ଏବେ ସ୍ୱର୍ଗରେ) ଙ୍କ ଭଗିନୀ ସୁଲକ୍ଷଣା ପଟ୍ଟନାୟକଙ୍କ ପାଣିଗ୍ରହଣ କରିଥିଲେ । ସେ ମଧ୍ୟ ଆକାଶବାଣୀ, କଟକ କେନ୍ଦ୍ରର ସଙ୍ଗୀତ ଶିଳ୍ପୀ । ଏ କଥା ଏ ଲେଖକଙ୍କୁ ଜଣା ନଥିଲା । ଥରେ ପ୍ରଜାତନ୍ତ୍ର ବିଷୁବ ମିଳନକୁ ଦେବୀ ପ୍ରସନ୍ନ ଅତିଥି ହୋଇ ଆସିଥିଲେ । ତାଙ୍କୁ ଭୁବନେଶ୍ୱରରୁ ପାଛୋଟି ଆଣି କଟକରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଅପେକ୍ଷା କରିଥିବା ଅକ୍ଷୟ (ଖୋକା) ଭାଇ କହିଥିଲେ ଯେ ତାଙ୍କ ବଡ଼ ଭଉଣୀଙ୍କୁ ଦେବୀ ପ୍ରସନ୍ନ ବାହା ହୋଇଥିଲେ । ସେତେବେଳେ ଦେବୀ ପ୍ରସନ୍ନ ମହୀଶୂରସ୍ଥିତ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନର (Central Institute of Indian Language)ର ନିର୍ଦ୍ଦେଶକ ଥିଲେ । ଭାରତ ସରକାରଙ୍କର ଶିକ୍ଷା ବିଭାଗରେ ସେ ମଧ୍ୟ ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ, ଯାହା ରାଜ୍ୟର ମୁଖ୍ୟ ଶାସନ ସଚିବ ପାହ୍ୟାର । ୧୯୬୯ରୁ ୧୯୮୯ ପର୍ଯ୍ୟନ୍ତ ସେ ମହୀଶୂରରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ଭାରତୀୟ ଜ୍ଞାନପୀଠ ପ୍ରଥମ ଓଡ଼ିଆ କମିଟିର ସେ ସଭାପତି ଥିଲେ ଛଅ ବର୍ଷ ପାଇଁ । ସେତେବେଳେ ତତ୍କାଳୀନ ବିଶିଷ୍ଟ ଭାରତୀୟ ବୈଜ୍ଞାନିକ ଓ ଲେଖକ ପ୍ରାଣକୃଷ୍ଣ ପରିଜା ଓ ତତ୍କାଳୀନ 'ସମାଜ' ସମ୍ପାଦକ ରାଧାନାଥ ରଥ ସେହି ଜ୍ଞାନପୀଠ କମିଟିର ସଦସ୍ୟ ରହିଥିଲେ । ଜନ୍ମଦିନରେ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଯୁଦ୍ଧକାଳୀନ ମିସାଇଲ୍, ନିଆଁ ଏବଂ ଧୂଆଁ



**ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ**

ମଧ୍ୟପ୍ରାଚ୍ୟରେ ଚାଲିଥିବା ଆଧୁନିକ ସଂଘର୍ଷଗୁଡ଼ିକରେ ବାଲିଷ୍ଟିକ୍ ମିସାଇଲ୍, କ୍ରୁଜ୍ ମିସାଇଲ୍, ଡ୍ରୋନ୍, ଇଣ୍ଟରସେପ୍ଟର ସିଷ୍ଟମ୍ ଏବଂ ସଠିକ୍–ଲକ୍ଷ୍ୟଭେଦୀ ବୋମା ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ବ୍ୟବହାର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି । ପ୍ରତ୍ୟେକ ଉତ୍କ୍ଷେପଣ ଏକ ତୀବ୍ର ଉତ୍ତାପ, ଆଘାତ ତରଙ୍ଗ ଏବଂ ଧୂଆଁର କୁଣ୍ଡଳୀ ସୃଷ୍ଟି କରେ । ଯେତେବେଳେ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଦିନ ଦିନ କିମ୍ବା ସପ୍ତାହ ସପ୍ତାହ ଧରି ବାରମ୍ବାର ବ୍ୟବହାର କରାଯାଏ, ସେତେବେଳେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ: ଏହି ମାନବ–କୃତ ବିସ୍ଫୋରଣଗୁଡ଼ିକ ଆମର ପାଣିପାଗ, ଜଳବାୟୁ କିମ୍ବା ପରିବେଶ ସ୍ୱାସ୍ଥ୍ୟ ଉପରେ କିଛି ପ୍ରଭାବ ପକାଇବାର କ୍ଷମତା ରଖନ୍ତି କି?

ପ୍ରଥମ ଦୃଷ୍ଟିରେ, ବିନାଶର ମାତ୍ରା ଦେଖିଲେ ମନେହୁଏ ଯେ ଏହା ହୁଏତ ସମ୍ଭବ । ମିସାଇଲ୍ ମାଡ଼ ଯୋଗୁଁ କୋଠାବାଡ଼ି, ତୈଳ ଡିପୋ ଏବଂ ଶିଳ୍ପାନୁଷ୍ଠାନଗୁଡ଼ିକ ଜଳିଯାଏ, ଅନ୍ୟପଟେ ପ୍ରତିରକ୍ଷାକାରୀ ଇଣ୍ଟରସେପ୍ଟରଗୁଡ଼ିକ ଆକାଶକୁ ବିସ୍ଫୋରକ ଖଣ୍ଡବିଖଣ୍ଡିତ ଅଂଶରେ ଭରି ଦିଅନ୍ତି । ତଥାପି, ବାୟୁମଣ୍ଡଳୀୟ ଶକ୍ତିର ଭୌତିକ ବିଜ୍ଞାନ ଏକ ଭିନ୍ନ ସତ୍ୟ ପ୍ରକଟ କରେ । ଯୁଦ୍ଧର ପରିବେଶଗତ କ୍ଷତ ନିଶ୍ଚିତ ଭାବେ ଗଭୀର, କିନ୍ତୁ ଏହା ବିସ୍ଫୋରଣର ସିଧାସଳଖ ଉତ୍ତାପ ଅପେକ୍ଷା ସେଥିରୁ ବାହାରୁଥିବା ଧୂଆଁ, ରାସାୟନିକ ପ୍ରଦୂଷଣ ଏବଂ ଅଗ୍ନିକାଣ୍ଡରୁ ଅଧିକ ସୃଷ୍ଟି ହୋଇଥାଏ ।

ବିସ୍ଫୋରକ ଶକ୍ତି ଏବଂ TNT ମାନକ

ଅସ୍ତ୍ରଶସ୍ତ୍ରର ପ୍ରଭାବ ବୁଝିବା ପାଇଁ ବୈଜ୍ଞାନିକମାନେ ବିସ୍ଫୋରଣର ଶକ୍ତିକୁ TNT equivalent (ଟି.ଏନ୍.ଟି ସମାନୁପାତିକ) ମାଧ୍ୟମରେ ମାପନ୍ତି । ଏହା ଟ୍ରାଇନାଇଟ୍ରୋଟୋଲୁଇନ୍ (TNT) ନାମକ ରାସାୟନିକ ପଦାର୍ଥରୁ ନିର୍ଗତ ଶକ୍ତି ଉପରେ ଆଧାରିତ ଏକ ମାନକ । ଏକ କିଲୋଗ୍ରାମ TNT ପ୍ରାୟ ୪.୧୮୪ /text megajoules ଶକ୍ତି ନିର୍ଗତ କରେ ସେହି ଅନୁସାରେ, ଏକ ଟନ୍ TNT ପ୍ରାୟ ୪.୧୮୪ /text gigajoules ଶକ୍ତି ଉତ୍ପନ୍ନ କରିଥାଏ ।

ଆଧୁନିକ ଅସ୍ତ୍ରଶସ୍ତ୍ରଗୁଡ଼ିକରେ ଭିନ୍ନ ଭିନ୍ନ ପରିମାଣର ବିସ୍ଫୋରକ ଥାଏ । ଏକ ଡ୍ରୋନ୍ ୱାରହେଡ୍ରେ ୧୦–୫୦ /text kg ବିସ୍ଫୋରକ ଥାଇପାରେ, ଯେଉଁଠାରେ ଆର୍ଟିଲାରୀ ରକେଟରେ ୨୦–୯୦ /text kg ଥାଏ ।

ବଡ଼ ଅସ୍ତ୍ରଗୁଡ଼ିକ ଅଧିକ ଭୟଙ୍କର: କ୍ରୁଜ୍ ମିସାଇଲରେ ୩୦୦–୫୦୦ /text kg ଏବଂ କେତେକ ବାଲିଷ୍ଟିକ୍ ମିସାଇଲରେ ୧,୦୦୦ /text kg ରୁ ଅଧିକ ବିସ୍ଫୋରକ ଥାଏ । ତୀବ୍ର ଯୁଦ୍ଧ ସମୟରେ ଯେତେବେଳେ ପ୍ରତିଦିନ ଏଭଳି ଦଶହରୁ ଅଧିକ ଅସ୍ତ୍ର ବ୍ୟବହୃତ ହୁଏ, ସେତେବେଳେ ମୋଟ ବିସ୍ଫୋରକ ଶକ୍ତି ପ୍ରାୟ ୬୦–୮୦ /text tons TNT ସହିତ ସମାନ ହୋଇଥାଏ । ଏହା ପ୍ରାୟ ୩ /times ୧୦^(୧୧) /text joules ଶକ୍ତି ସହ ସମାନ ।

ଏହି ସଂଖ୍ୟାଗୁଡ଼ିକ ଭୟଙ୍କର ମନେ ହେଉଥିଲେ ମଧ୍ୟ ପୃଥିବୀକୁ ଚାଳନା କରୁଥିବା ପ୍ରାକୃତିକ ଶକ୍ତି ପ୍ରବାହ ତୁଳନାରେ ଏହା ଅତି ନଗଣ୍ୟ । ପ୍ରତିଦିନ ମଧ୍ୟପ୍ରାଚ୍ୟରେ ପଡୁଥିବା ସୂର୍ଯ୍ୟ କିରଣ ପ୍ରାୟ ୧୦^(୧୯) /text joules ଶକ୍ତି ପ୍ରଦାନ କରେ–ଯାହା ଗୋଟିଏ ଦିନର ମିସାଇଲ୍ ମାଡ଼ରୁ ନିର୍ଗତ ଶକ୍ତି ତୁଳନାରେ ଲକ୍ଷ ଲକ୍ଷ ଗୁଣ ଅଧିକ । ଏପରିକି ଏକ ସାଧାରଣ ବଜ୍ରପାତ ସହ ବର୍ଷା ପ୍ରାୟ ୧୦୧୫ /text joules ଶକ୍ତି ନିର୍ଗତ କରେ, ଯାହା ଯୁଦ୍ଧ ବିସ୍ଫୋରଣ ତୁଳନାରେ ହଜାର ହଜାର ଗୁଣ ଅଧିକ । ଏହି କାରଣରୁ, ମିସାଇଲରୁ ବାହାରୁଥିବା ସିଧାସଳଖ ତାପଜ ଶକ୍ତି ଆଞ୍ଚଳିକ ପାଣିପାଗ କିମ୍ବା ବିଶ୍ୱ ଜଳବାୟୁରେ ମୌଳିକ ପରିବର୍ତ୍ତନ ଆଣିବା ପାଇଁ ଯଥେଷ୍ଟ ନୁହେଁ ।

ଉତ୍ତାପ ଏବଂ ସହରୀ ଅଗ୍ନିବର୍ଷା (Urban Firestorms)

ଯଦିଓ ଏକ ନିର୍ଦ୍ଦିଷ୍ଟ ବିସ୍ଫୋରଣ କିଛି କ୍ଷଣ ପାଇଁ ହୋଇଥାଏ, କିନ୍ତୁ ତାହା ଦ୍ୱାରା ଲାଗିଥିବା ନିଆଁ ଘଣ୍ଟା ଘଣ୍ଟା କିମ୍ବା ଦିନ ଦିନ ଧରି ଜଳିପାରେଛ ଯେତେବେଳେ ମିସାଇଲ୍ ମାଡ଼ ତୈଳ ସଂରକ୍ଷଣ କେନ୍ଦ୍ର କିମ୍ବା ଶିଳ୍ପାଞ୍ଚଳରେ ହୁଏ, ସେତେବେଳେ ଏହା ୧,୦୦୦ ଡିଗ୍ରୀ/text (C) ରୁ ଅଧିକ ତାପମାତ୍ରାର ଏକ ଅଗ୍ନିପିଣ୍ଡ ସୃଷ୍ଟି କରେ । କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଏହି ସ୍ଥାନୀୟ ନିଆଁ ମିଶି ଏକ ସହରୀ ଅଗ୍ନିବର୍ଷା ବା 'ଫାୟାରଷ୍ଟର୍ମ' ରୂପ ନେଇପାରେ । ଏଭଳି ସ୍ଥିତିରେ, ଅତ୍ୟଧିକ ଗରମ ବାୟୁ ଉପରକୁ ଉଠିବା ଫଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ଯାହା ବାହାରୁ ନୂଆ ଅମ୍ଳଜାନ ଟାଣି ଆଣି ନିଆଁକୁ ଆହୁରି ଭୟଙ୍କର କରିଦିଏ ।

> **ସାଧାରଣ ମିସାଇଲ୍ ଏବଂ ବୋମାରୁ ବାହାରୁଥିବା ଉତ୍ତାପ ପାଣିପାଗକୁ ନିୟନ୍ତ୍ରଣ କରିବା କିମ୍ବା ଜଳବାୟୁ ବଦଳାଇବା ପାଇଁ ଯଥେଷ୍ଟ ନୁହେଁ । ବାୟୁମଣ୍ଡଳ ଏକ ବିଶାଳ ଯନ୍ତ୍ର ସଦୃଶ, ଯାହା ସୌର ଶକ୍ତି ଦ୍ୱାରା ପରିଚାଳିତ ଏବଂ ଏହା ମାନବ–କୃତ ବିସ୍ଫୋରଣର କ୍ଷମତା ବାହାରେ ।**
> **ତଥାପି, ପ୍ରକୃତ ପରିବେଶଗତ ମୂଲ୍ୟ ଧୂଆଁ, ବିଷାକ୍ତ ପ୍ରବାହ, ପ୍ରଚୁର କାର୍ବନ ନିର୍ଗମନ ଏବଂ ନଷ୍ଟ ହୋଇଯାଇଥିବା ପ୍ରକୃତି ମଧ୍ୟରେ ହିଁ ରହିଛି । ମିସାଇଲ୍ ଏବଂ ନିଆଁ ଆଜି ହୁଏତ ପାଣିପାଗ ବଦଳାଇ ନପାରେ, କିନ୍ତୁ ସେମାନେ ନିଜ ପଛରେ ଏକ ବିଷାକ୍ତ ଉତ୍ତରାଧିକାର ଛାଡିଯାଆନ୍ତି, ଯାହା ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପରିବେଶ ଓ ମାନବ ସମାଜକୁ ପୀଡ଼ିତ କରି ଚାଲିବ ।**

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଡ୍ରେସଡେନ୍ ଏବଂ ହିରୋସୀମା ଭଳି ସହରରେ ଏଭଳି ଅଗ୍ନିବର୍ଷା ଦେଖିବାକୁ ମିଳିଥିଲା । ଏହା ପାଇରୋକୁମୁଲସ୍ (Pyrocumulus) ମେଘ ସୃଷ୍ଟି କରେ–ଯାହା ଧୂଆଁ ଏବଂ ଆବର୍ଜନାକୁ ବାୟୁମଣ୍ଡଳର ବହୁତ ଉପର ସ୍ତରକୁ ପଠାଇ ଦେଇଥାଏ ।

ଯଦିଓ ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ବଡ଼ ଧରଣର ଅଗ୍ନିବର୍ଷା ପ୍ରାୟ ହୁଏ ନାହିଁ, ତଥାପି ସ୍ଥାନୀୟ ସହରୀ ଅଗ୍ନିକାଣ୍ଡରୁ ନିର୍ଗତ ଉତ୍ତାପ ଏବଂ ପ୍ରଦୂଷକ ବାୟୁମଣ୍ଡଳ ପାଇଁ ଏକ ବଡ଼ ବୋଝ ସଦୃଶ ।

ଧୂଆଁ, କାର୍ବନ ଏବଂ ବାୟୁମଣ୍ଡଳୀୟ ପ୍ରଦୂଷଣ

ଯୁଦ୍ଧର ସବୁଠାରୁ ତୁରନ୍ତ ଏବଂ ଦୃଶ୍ୟମାନ ପରିବେଶଗତ ପ୍ରଭାବ ହେଉଛି ଧୂଆଁ ଏବଂ କଳା କାର୍ବନ (soot)ର ନିର୍ଗମନ । ଯେତେବେଳେ ତୈଳ ପାଇପଲାଇନ୍ ଏବଂ ବିଶୋଧନାଗାରକୁ ଲକ୍ଷ୍ୟ କରାଯାଏ, ସେଥିରୁ କଳା ଅଙ୍ଗାରକ କଣିକା ବିଶିଷ୍ଟ ଘନ କଳା ଧୂଆଁ ବାହାରିଥାଏ । ଏହି ଅତି କ୍ଷୁଦ୍ର କଣିକାଗୁଡ଼ିକ ସୂର୍ଯ୍ୟକିରଣକୁ ଶୋଷିବାରେ ଅତ୍ୟନ୍ତ ଦକ୍ଷ ଏବଂ ବାୟୁମଣ୍ଡଳର ଉଚ୍ଚ ସ୍ତରରେ ଥିବା ପବନ ଦ୍ୱାରା ଏହା ବିଦେଶ ଏବଂ ସମୁଦ୍ର ପାର ହୋଇ ବହୁ ଦୂରକୁ ଯାଇପାରେ ।

ଏହି ଧୂଆଁ ବାଦଲ କେବଳ ସୂର୍ଯ୍ୟକିରଣକୁ ରୋକି ନଥାଏ ଏହା ସାଧାରଣ ଜନତାଙ୍କ ଫୁସଫୁସରେ ମଧ୍ୟ ଜମା ହୋଇଥାଏ । ଜଳୁଥିବା ଶିଳ୍ପ ରାସାୟନିକ ପଦାର୍ଥ ଏବଂ ନିର୍ମାଣ ସାମଗ୍ରୀରୁ ନିର୍ଗତ ସୂକ୍ଷ୍ମ ପ୍ରଦୂଷଣ କଣିକା (/textPM2.5) ଏତେ ଛୋଟ ଯେ ଏହା ରକ୍ତ ପ୍ରବାହରେ ପ୍ରବେଶ କରି ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରିଥାଏ । ୧୯୯୧ ଗଲ୍ଫ ଯୁଦ୍ଧ ଏହାର ଏକ ଜ୍ୱଳନ୍ତ ଉଦାହରଣ: କୁଏତର ଶହ ଶହ ଜଳୁଥିବା ତୈଳ କୂଅ ମାସ ମାସ ଧରି ଆକାଶକୁ ଅନ୍ଧକାର କରିଦେଇଥିଲା, ଯାହା ସାରା ପର୍ସିଆନ ଗଲ୍ଫ ଅଞ୍ଚଳରେ ଏକ ପରିବେଶଗତ ସଙ୍କଟ ସୃଷ୍ଟି କରିଥିଲା ।

ପ୍ରଦୂଷିତ ବର୍ଷା ଏବଂ ବାୟୁମଣ୍ଡଳୀୟ ରସାୟନ ବିଜ୍ଞାନ

ଯୁଦ୍ଧ ଆମ ବର୍ଷାର ରାସାୟନିକ ପ୍ରକ୍ରିୟାରେ ମଧ୍ୟ ହସ୍ତକ୍ଷେପ କରେ । ବିସ୍ଫୋରଣ ଏବଂ ଅଗ୍ନିକାଣ୍ଡରୁ ପ୍ରଚୁର ପରିମାଣର ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସଲଫର୍ ଡାଇଅକ୍ସାଇଡ୍ ନିର୍ଗତ ହୁଏ । ଯେତେବେଳେ ଏହି ଗ୍ୟାସ୍ ବାୟୁମଣ୍ଡଳରେ ଥିବା ଜଳୀୟ ବାଷ୍ପ ସହିତ ମିଶେ, ସେତେବେଳେ ସେଗୁଡ଼ିକ ରାସାୟନିକ ପ୍ରତିକ୍ରିୟା କରି ଅମ୍ଳୀୟ ଯୌଗିକ ସୃଷ୍ଟି କରନ୍ତି ।

ଏହାର ପରିଣାମସ୍ୱରୂପ ପ୍ରଦୂଷିତ ବର୍ଷା ହୋଇଥାଏ, ଯେଉଁଥିରେ ନାଇଟ୍ରେଟ୍, ସଲଫେଟ୍, କାର୍ବନ ଏବଂ ଭାରୀ ଧାତୁ କଣିକା ମିଶି ରହିଥାଏ । ଯଦିଓ ପରମାଣୁ ବିସ୍ଫୋରଣ ସହ ଜଡ଼ିତ ଭୟଙ୍କର କଳା ବର୍ଷା ସାଧାରଣ ଯୁଦ୍ଧରେ ବିରଳ, କିନ୍ତୁ ଶିଳ୍ପାଞ୍ଚଳରେ ବୋମା ମାଡ଼ ହେଲେ ସ୍ଥାନୀୟ ସ୍ତରରେ ବିଷାକ୍ତ ବର୍ଷା ହେବା ସ୍ୱାଭାବିକ । ଏହି ପ୍ରଦୂଷିତ ବର୍ଷା ଫସଲ ନଷ୍ଟ କରିପାରେ, ମାଟିକୁ ବିଷାକ୍ତ କରିପାରେ ଏବଂ ଜଳ ସଂରକ୍ଷଣ କେନ୍ଦ୍ରଗୁଡ଼ିକୁ ପ୍ରଦୂଷିତ କରିପାରେ ।

ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ଏବଂ ସାମରିକ ପ୍ରଭାବ

ଏକ ପ୍ରାୟତଃ ଅଣଦେଖା କରାଯାଉଥିବା କାରଣ ହେଉଛି ସାମରିକ କାର୍ଯ୍ୟକଳାପର ବିଶାଳ କାର୍ବନ ଫୁଟ୍‌ପ୍ରିଣ୍ଟ (Carbon Footprint) । ଆଧୁନିକ ଯୁଦ୍ଧର ପରିଚାଳନା–ନୌସେନା ଜାହାଜ ଚଳାଇବା, ଯୁଦ୍ଧ ବିମାନ ଉଡ଼ାଇବା ଏବଂ ଭାରୀ ଟ୍ୟାଙ୍କ ବ୍ୟବହାର କରିବା ପାଇଁ ପ୍ରଚୁର ପରିମାଣର ଜୀବାଶ୍ମ ଜାଳେଣି ଆବଶ୍ୟକ ହୁଏ । ଏହା ସହିତ ତୈଳ ଭିତ୍ତିଭୂମିର ଜଳିବା ଏବଂ ପରବର୍ତ୍ତୀ ସମୟରେ ହେବାକୁ ଥିବା ପୁନଃନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ଶକ୍ତି, ବାୟୁମଣ୍ଡଳକୁ କାର୍ବନରେ ଭରିଦିଏ ।

ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଶ୍ୱର ସମୁଦାୟ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନରେ ସାମରିକ କାର୍ଯ୍ୟକଳାପର ଅଂଶ କିଛି ପ୍ରତିଶତ ରହିଛି । ଏହି ଅର୍ଥରେ, ଦୀର୍ଘକାଳୀନ ସଂଘର୍ଷ ପରୋକ୍ଷରେ ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରେ । ଏହା ବୋମାର ଉତ୍ତାପ ଯୋଗୁଁ ନୁହେଁ, ବରଂ ଯୁଦ୍ଧ ପାଇଁ ଆବଶ୍ୟକ ଅତ୍ୟଧିକ ଜାଳେଣି ବ୍ୟବହାର ଯୋଗୁଁ ହୋଇଥାଏ ।

ଦୀର୍ଘକାଳୀନ ପରିବେଶଗତ କ୍ଷୟକ୍ଷତି ଯୁଦ୍ଧ ବନ୍ଦ ହେବାର ବହୁ ସମୟ ପର୍ଯ୍ୟନ୍ତ ଏହାର ପରିବେଶଗତ ଆଘାତ ରହିଥାଏ ।

ଜୈବ ବିବିଧତା ଦଶନ୍ଧି ଦଶନ୍ଧି ଧରି ଯୁଦ୍ଧର ଅବଶେଷ ଦ୍ୱାରା ପ୍ରଭାବିତ ହୋଇପାରେ । ଗୋଳାବାରୁଦରୁ ବାହାରୁଥିବା ସୀସା ଏବଂ ପାରଦ ଭଳି ଭାରୀ ଧାତୁ ମାଟିରେ ଜମା ହୁଏ ଏବଂ କୃଷି ମାଧ୍ୟମରେ ଆମର ଖାଦ୍ୟ ଶୃଙ୍ଖଳାରେ ପ୍ରବେଶ କରେ । ଶୁଷ୍କ ଅଞ୍ଚଳର ଜୀବନରେଖା ଭୂତଳ ଜଳ, ତୈଳ ନିର୍ଗମନ କିମ୍ବା ନଷ୍ଟ ହୋଇଯାଇଥିବା କାରଖାନାରୁ ବାହାରୁଥିବା ରାସାୟନିକ ପଦାର୍ଥ ଦ୍ୱାରା ପ୍ରଦୂଷିତ ହୁଏ । ଏହା ବ୍ୟତୀତ, ନଫୁଟିଥିବା ଗୋଳାବାରୁଦ କାରଣରୁ ଉର୍ବର ଚାଷଜମି ବିପଜ୍ଜନକ ହୋଇ ରହିଯାଏ, ଯାହା ସ୍ଥାନୀୟ ଲୋକଙ୍କ ଜୀବିକା ଉପରେ ପ୍ରଭାବ ପକାଏ ।

ପରମାଣୁ ଯୁଦ୍ଧର ବ୍ୟତିକ୍ରମ

ଏହା ମନେ ରଖିବା ଉଚିତ ଯେ ପରମାଣୁ ଯୁଦ୍ଧ କ୍ଷେତ୍ରରେ ପରିବେଶଗତ ଗଣିତ ସମ୍ପୂର୍ଣ୍ଣ ରୂପେ ବଦଳିଯାଏ । ପରମାଣୁ ଅସ୍ତ୍ର ସାଧାରଣ ବୋମା ତୁଳନାରେ ଲକ୍ଷ ଲକ୍ଷ ଗୁଣ ଅଧିକ ଶକ୍ତି ନିର୍ଗତ କରେ । ଏହା ଦ୍ୱାରା ସୃଷ୍ଟି ହେବାକୁ ଥିବା ବିଶାଳ ଅଗ୍ନିବର୍ଷା ବାୟୁମଣ୍ଡଳକୁ ଏତେ ପରିମାଣର ଧୂଆଁ ଓ କାର୍ବନ ପଠାଇବ ଯେ ତାହା ବିଶ୍ୱବ୍ୟାପୀ ସୂର୍ଯ୍ୟକିରଣକୁ ରୋକିଦେବ ।

ଏହା ନ୍ୟୁକ୍ଲିୟର ୱିଣ୍ଟର (Nuclear Winter) କିମ୍ବା ପାରମାଣବିକ ଶୀତଳତା ସୃଷ୍ଟି କରିପାରେ, ଯାହା ଫଳରେ ବିଶ୍ୱର ତାପମାତ୍ରା ଅନେକ ଡିଗ୍ରୀ ହ୍ରାସ ପାଇବ ଏବଂ ବିଶ୍ୱ ଖାଦ୍ୟ ଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ।

ଏକ ଲୁକ୍କାୟିତ ଉତ୍ତରାଧିକାର

ବୈଜ୍ଞାନିକ ତଥ୍ୟ ଆମକୁ ଏକ ସ୍ପଷ୍ଟ ନିଷ୍କର୍ଷରେ ପହଞ୍ଚାଏ: ସାଧାରଣ ମିସାଇଲ୍ ଏବଂ ବୋମାରୁ ବାହାରୁଥିବା ଉତ୍ତାପ ପାଣିପାଗକୁ ନିୟନ୍ତ୍ରଣ କରିବା କିମ୍ବା ଜଳବାୟୁ ବଦଳାଇବା ପାଇଁ ଯଥେଷ୍ଟ ନୁହେଁ । ବାୟୁମଣ୍ଡଳ ଏକ ବିଶାଳ ଯନ୍ତ୍ର ସଦୃଶ, ଯାହା ସୌର ଶକ୍ତି ଦ୍ୱାରା ପରିଚାଳିତ ଏବଂ ଏହା ମାନବ–କୃତ ବିସ୍ଫୋରଣର କ୍ଷମତା ବାହାରେ ।

ତଥାପି, ପ୍ରକୃତ ପରିବେଶଗତ ମୂଲ୍ୟ ଧୂଆଁ, ବିଷାକ୍ତ ପ୍ରବାହ, ପ୍ରଚୁର କାର୍ବନ ନିର୍ଗମନ ଏବଂ ନଷ୍ଟ ହୋଇଯାଇଥିବା ପ୍ରକୃତି ମଧ୍ୟରେ ହିଁ ରହିଛି । ମିସାଇଲ୍ ଏବଂ ନିଆଁ ଆଜି ହୁଏତ ପାଣିପାଗ ବଦଳାଇ ନପାରେ, କିନ୍ତୁ ସେମାନେ ନିଜ ପଛରେ ଏକ ବିଷାକ୍ତ ଉତ୍ତରାଧିକାର ଛାଡିଯାଆନ୍ତି, ଯାହା ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପରିବେଶ ଓ ମାନବ ସମାଜକୁ ପୀଡ଼ିତ କରି ଚାଲିବ ।

**(ଲେଖକ ଓଡ଼ିଶାର ଜଣେ ଜଣାଶୁଣା ପାଣିପାଗ ବିଶେଷଜ୍ଞ)**
**ମୋ–୭୭୩୫୩୭୪୪୯୭**

# ଭାଷା ବିଶେଷଜ୍ଞ ଡଃ ଦେବୀପ୍ରସନ୍ନ



**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**

୧୯୩୧ ମସିହା ମାର୍ଚ୍ଚ ମାସ ୧୪ ତାରିଖରେ କଟକ ଜିଲ୍ଲାରେ ଭୂମିଷ୍ଠ ହୋଇଥିଲେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପିତା ମଧୁସୂଦନ ପଟ୍ଟନାୟକ ଏବଂ ମାତା ମୀନାମାଳି ଦେବୀଙ୍କ କୋଳମଣ୍ଡନ କରି , ସବୁଠାରୁ ଛୋଟ ଗଡଜାତ ତିଗିରିଆର ଗୋଟିଏ ସମ୍ଭ୍ରାନ୍ତ କରଣ ବେବର୍ତ୍ତା ପରିବାରରେ । ଦୁଇ ଭଉଣୀ ହେମନ୍ତ କୁମାରୀ ଦେବୀ, ଶିକ୍ଷୟିତ୍ରୀ ଏବଂ ବିନୋଦିନୀ ଦେବୀ, (ଚୁନିଅପା) ଆକାଶବାଣୀ ସ୍ୱୀକୃତିପ୍ରାପ୍ତ କଳାକାର । ପତ୍ନୀ ସୁଲକ୍ଷଣା ପଟ୍ଟନାୟକ ଆକାଶବାଣୀ, କଟକ କେନ୍ଦ୍ରରେ ସଙ୍ଗୀତ ପରିବେଷଣ କରୁଥିଲେ ଏବଂ ଶାଳକ ହେଉଛନ୍ତି ପ୍ରବାଦ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ।

ତିଗିରିଆରେ ଜନ୍ମିତ ଏହି ଯୋଗଜନ୍ମା ଅଳ୍ପ ଉଚ୍ଚା ମଣିଷଟି ଦିନେ ଭାରତ ଭଳି ଏକ ଉପମହାଦେଶର କେନ୍ଦ୍ରୀୟ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ ଏକଥା ବିଶ୍ୱାସ କରିବା କଷ୍ଟକର ହୁଏ । ବି ଏ ଓ ଏମ ଏ ରେ ମଧୁସୂଦନ ଗୋଲଡ ମେଡାଲ ଲାଭ କରିଥିଲେ । ତା ପରେ କିଛିଦିନ ରାଜନୀତି ଓ ପରେ ଶାନ୍ତି ନିକେତନରେ ଆକସ୍ମିକ ଯୋଗଦାନ , ୧୧ ବର୍ଷର ଅଧ୍ୟାପକ ଚାକିରି , ତା ପରେ ପୁନାର ଡେକାନ କଲେଜ । ଓଡ଼ିଆରେ ଏବଂ ଭାଷାବିଜ୍ଞାନରେ ଏମ ଏ , ଫ୍ରେଞ୍ଚ ଭାଷାରେ ଡିପ୍ଲୋମା, ଆମେରିକାର କର୍ଣ୍ଣେଲ ୟୁନିଭର୍ସିଟିରୁ ସବୁଠାରୁ କମ୍ ସମୟ ମଧ୍ୟରେ, କମ୍ ବୟସରେ ପି ଏଚ ଡି ଡିଗ୍ରୀ ହାସଲ କରିବାରେ ସେ ପ୍ରଥମ ଓଡିଆ ଥିଲେ । ଦୁଇଟି ୟୁନିଭର୍ସିଟିରୁ ଡି ଲିଟ୍ ଡିଗ୍ରୀ ହାସଲ ସହିତ ଅନେକ ସମ୍ମାନର ଅଧିକାରୀ ଦେବୀପ୍ରସନ୍ନ । ୧୯୮୭ ରେ ପଦ୍ମଶ୍ରୀ ପୁରସ୍କାର ସହିତ ଜବାହରଲାଲ ନେହେରୁ ଫେଲୋ ୧୯୮୩–୮୫) ଇତ୍ୟାଦି ଅନେକ ପୁରସ୍କାର ପ୍ରାପ୍ତ ସେ ।

ତିଗିରିଆ ପ୍ରାଇମେରୀ ସ୍କୁଲ (ଚାଟଶାଳୀ ପରେ), ଢେଙ୍କାନାଳ ସ୍କୁଲ, ଆଠଗଡ ସ୍କୁଲ, ଖ୍ରୀଷ୍ଟ କଲେଜ, ରେଭେନସା କଲେଜ, ଉତ୍କଳ ୟୁନିଭର୍ସିଟିରୁ (୧୯୫୩)ସିଧା ଶାନ୍ତି ନିକେତନ । ଶାନ୍ତି ନିକେତନ ତାଙ୍କୁ ଅନେକ କିଛି ଦେଇଛି ବୋଲି ସେ ସ୍ୱୀକାର କରନ୍ତି । ମହାନ ଭାଷାବିଜ୍ଞାନୀମାନଙ୍କ ସହିତ ସମ୍ପର୍କ ସେଇଠୁ ଆରମ୍ଭ । ତା ପରର ଯାତ୍ରା ବିଧିନିର୍ଦ୍ଦିଷ୍ଟ ପରି ହୋଇଥିଲା । ଧର୍ମପତ୍ନୀ ସୁଲକ୍ଷଣା ଦେବୀ ଘରର ପୁରା ଦାୟିତ୍ୱ ନେଇ ବହୁକୁଟୁମ୍ବୀ ପରିବାରକୁ ସମ୍ଭାଳି ନେଇ ତାଙ୍କର ଟ୍ରେନ ଟିକେଟ ଠାରୁ ଫ୍ଲାଇଟ ଟିକେଟ ପର୍ଯ୍ୟନ୍ତ , ଘରର ସବୁ ସମ୍ପର୍କକୁ ଯୋଡି ରଖିବାରେ ଏବଂ ଦେଶୀ ବିଦେଶୀ ବନ୍ଧୁମାନଙ୍କୁ ଆତିଥ୍ୟ ଦେବାରେ ଆଦୌ କାର୍ପଣ୍ୟ କରି ନ ଥିଲେ ।

ସେ ଆୟତ୍ତ କରିଥିବା ଅନ୍ୟ ଭାଷାଗୁଡିକ ହେଲା ଇଂରାଜୀ, ଫ୍ରେଞ୍ଚ, ରସିଆନ୍, ଆସାମୀ, ବଙ୍ଗଳା, ହିନ୍ଦୀ, ମରାଠୀ ଓ କନ୍ନଡ ।

ତାଙ୍କର ବିଭିନ୍ନ ଦେଶ ଭ୍ରମଣ – ବେଲଜିୟମ, ବର୍ମା, କାନାଡା, ଡେନମାର୍କ, ଇଜିପ୍ଟ, ଫିନଲ୍ୟାଣ୍ଡ, ଜର୍ମାନ୍, ହଂକଂ, ଇରାନ୍, ଇରାକ୍, ଇଟାଲି, ଜାପାନ୍, ଜୋର୍ଡାନ୍, ଲେଷ୍ଟୋ, ମାଲି, ନେପାଳ, ସିଙ୍ଗାପୁର, ସାଉଥ ଆଫ୍ରିକା, ଶ୍ରୀଲଙ୍କା, ସୁଦାନ୍, ସୁଇଡେନ୍, ସୁଇଜରଲାଣ୍ଡ, ସିରିଆ, ତାଇୱାନ୍, ଥାଇଲାଣ୍ଡ, ତ୍ରିନିଦାଦ୍, ଟର୍କି, ୟୁ ଆର, ୟୁ କେ, ୟୁ ଏସ ଏ, ୟୁ ଏସ ଏସ୍ ଆର ।

ଏହି ୯୫ ବର୍ଷ ଅତିକ୍ରମ କରି ୯୬ ବର୍ଷରେ ପଦାର୍ପଣ କରୁଥିବା ମଣିଷମାନେ ଦେବତୁଲ୍ୟ ହୋଇଥାଆନ୍ତି । ଯୁବସୁଲଭ ଜୀବନ ବଞ୍ଚୁଥିବା ଏବଂ ସବୁ ବାଧାବିଘ୍ନ ଅତିକ୍ରମ କରିଯାଇଥିବା ଏହି ଭାଷାଋଷିଙ୍କ ଜୀବନଗଙ୍ଗା ବହୁ ପ୍ରଜ୍ଞାଧାରାର ମିଳନରେ ସମୃଦ୍ଧ ଏବଂ ଅନେକ ଜୀବନକୁ ପ୍ଲାବିତ କରି ବହି ଚାଲିଛନ୍ତି ନିନ୍ଦା ପ୍ରଶଂସାକୁ ଖାତିର ନ କରି । ଯେଉଁ ଓଡିଆ ଭାଷା ଏକଟା ସ୍ୱତନ୍ତ୍ର ଭାଷା ନଏଁ ବୋଲି କୁହାଯାଉଥିଲା ସେହି ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବାର ପ୍ରମୁଖ ବିନ୍ଧାଣି ସେ । ପୂର୍ବାଞ୍ଚଳ ଭାଷା ଉତ୍କର୍ଷ ଗବେଷଣା କେନ୍ଦ୍ର, ଓଡ଼ିଆ ଭାଷା ସଂସ୍ଥାନ ଏବଂ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଓଡ଼ିଶାରେ ଆରମ୍ଭ କରିବାରେ ତାଙ୍କର ଅବଦାନ ସର୍ବଜନବିଦିତ ।

> **ଅଫୁରନ୍ତ ଜୀବନର ଉତ୍ସ ଏବଂ ପ୍ରବହମାନ ଚଞ୍ଚଳତାରେ ପରିପୂର୍ଣ୍ଣ ଏହି ଭାଷା ତପସ୍ୱୀ କେବଳ ଓଡିଶା କି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ନିଜର ନାମ ବିଶିଷ୍ଟ ଭାଷାବିଜ୍ଞାନୀମାନଙ୍କ ମଧ୍ୟରେ ସ୍ଥାନିତ କରିପାରିଛନ୍ତି । ତାଙ୍କର ନିରହଙ୍କାର ଶ୍ରଦ୍ଧାଶୀଳ ହସହସ ଚେହେରା , ମାର୍ଜିତ ରଚିପୂର୍ଣ୍ଣ ପୋଷାକ, ସ୍ନେହ ସରସର ସାରଲ୍ୟ ସବୁଠାରୁ ନିଆରା ।**

ଅଫୁରନ୍ତ ଜୀବନର ଉତ୍ସ ଏବଂ ପ୍ରବହମାନ ଚଞ୍ଚଳତାରେ ପରିପୂର୍ଣ୍ଣ ଏହି ଭାଷା ତପସ୍ୱୀ କେବଳ ଓଡିଶା କି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ନିଜର ନାମ ବିଶିଷ୍ଟ ଭାଷାବିଜ୍ଞାନୀମାନଙ୍କ ମଧ୍ୟରେ ସ୍ଥାନିତ କରିପାରିଛନ୍ତି । ତାଙ୍କର ନିରହଙ୍କାର ଶ୍ରଦ୍ଧାଶୀଳ ହସହସ ଚେହେରା , ମାର୍ଜିତ ରଚିପୂର୍ଣ୍ଣ ପୋଷାକ, ସ୍ନେହ ସରସର ସାରଲ୍ୟ ସବୁଠାରୁ ନିଆରା । ୯୬ ବର୍ଷର ଶତକପୂର୍ବର ବୟସରେ ପଦାର୍ପଣ କରିଥିବା ଏଇ ସଦାଚଞ୍ଚଳ ମଣିଷଟିକୁ ରୋଗ ଆକଟ କରି ପାରିନି । ଏ ଯାବତ୍ ତାଙ୍କର ସମୟାନୁବର୍ତ୍ତିତା, ତୀକ୍ଷ୍ଣତା, ସାଧୁତା, ସଙ୍କୋଚତା, ଧୈର୍ଯ୍ୟ, ସହିଷ୍ଣୁତା, ସ୍ପଷ୍ଟବାଦିତା ସମସ୍ତଙ୍କୁ ବିମୁଗ୍ଧ କରିଥାଏ ।

ସେ ଶତାୟୁରୁ ଆହୁରି ଅଧିକ ବର୍ଷ ବଞ୍ଚନ୍ତୁ ଏବଂ ଏହିପରି ଚଳଚଞ୍ଚଳ ରହି ସମସ୍ତଙ୍କୁ ପ୍ରେରଣା ଯୋଗାଉଥାନ୍ତୁ ଏହାହିଁ ଜଗନ୍ନାଥଙ୍କ ନିକଟରେ ଏବଂ ଦେବୀ ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା ।

**ଭୁବନେଶ୍ୱର ୧୬**
**ମୋ– ୮୮୯୫୨୭୪୭୯୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବିଦ୍ୟାଧରପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣାତ୍ମକ ମାନକ ପ୍ରମାଣପତ୍ର

କଟକ, (ସ୍ୱପ୍ର) : ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜ ଦ୍ୱାରା ସିଆରଆରଆଇ



ବିଦ୍ୟାଧରପୁର ଠାରେ ପରିଚାଳିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣାତ୍ମକ ମାନକ ପ୍ରମାଣପତ୍ର ପ୍ରାପ୍ତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ ହୋତା, କ୍ୱାଲିଟି କନସଲଟାଣ୍ଟ ଡା. ବିଜୟ କୁମାର ସ୍ୱାଇଁ, ଏଡ଼ିଇଉପିଏଚଓ, ଟିବି, ଡା. ଅଶୋକ କୁମାର ଦାଶ, ଏଡ଼ିଇଉପିଏଚଓ, ଅର୍ବାନ ହେଲଥ ଡା. ସତ୍ୟବ୍ରତ ମହାପାତ୍ର, ଏସପିଏମ ଅର୍ବାନ ହେଲଥ ସୁକାନ୍ତ କୁମାର ମିଶ୍ର, ଏସପିଏମ କମ୍ୟୁନିଟି ପ୍ରୋସେସ, କୃଷିକେଶ ସାହୁ, ଡ଼ିଏଏମ, ରାଜକୁମାର ଗୁପ୍ତା, ଡ଼ିପିଏମ, ଏମ ନାରାୟଣ ରାଓ, ସିପିଏମ, ନେହା ରାଜପୁତ, ଏପିଏମ, ଇଂତା ମିଶ୍ର, ୪୭ନଂ ୱାର୍ଡକର୍ପୋରେଟର ଇଂ ସୁବ୍ରତ ଘଡେଇ, ସମାଜସେବୀ ହିମାଂଶୁ ଷଡଙ୍ଗୀ, ପୂଜକମିଟିର ପ୍ରତିନିଧି ନଗେନ ମହାରଣା ଓ ଏମଓଆଇସି, ଇଉପିଏଚସି, ରମେଶ ଚନ୍ଦ୍ର ସିଂହ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ଚିକିତ୍ସା ଓ ସୁବିଧାର ମାନ ନିର୍ଦ୍ଧାରଣ ପୂର୍ବକ ତାହାକୁ ନିଶ୍ଚିନ୍ତ କରିବା ପାଇଁ ପ୍ରଥମେ ଜିଲ୍ଲା ସ୍ତରରେ, ପରେ ରାଜ୍ୟ ସ୍ତରରେ ଓ ଶେଷରେ ଜାତୀୟ ସ୍ତରର ମୂଲ୍ୟାଙ୍କନ ଦଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଏଠାରେ ଉପଲବ୍ଧ ୧୨ ପ୍ରକାରର ବିସ୍ତାରିତ ସେବା, ୬ ପ୍ରକାରର ବିଶେଷଜ୍ଞ ସେବା, ସେବା ପ୍ରଦାନକାରୀଙ୍କ ଜ୍ଞାନ ଓ ବ୍ୟବହାର ସହିତ ପରିଷ୍କାର ପରିଚ୍ଛନ୍ନତା, ଚିକିତ୍ସିତ ବ୍ୟକ୍ତି ମାନଙ୍କ ସନ୍ତୋଷର ହାର ଓ ଗୋଷ୍ଠୀ ଭିତ୍ତିକ ସ୍ୱାସ୍ଥ୍ୟ ସଚେତନତା ଆଦି କାର୍ଯ୍ୟକ୍ରମକୁ ବିଚାରକୁ ନେଇ ଏକ ସ୍ୱତନ୍ତ୍ର ଦଳ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ତ୍ୟାଗ ଓ ପୂର୍ଣ୍ଣ ସହଯୋଗ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ଏହି ସଫଳତାର ଶ୍ରେୟ ପ୍ରଦାନ ପୂର୍ବକ ସମସ୍ତ କର୍ମଚାରୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବା ସହିତ ସହଯୋଗୀ ମାନଙ୍କୁ ଉପଢୌକନ ପ୍ରଦାନ କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ପିଏଚଏମ ନିଗମ ସାହୁ ସଂଯୋଜନା କରିଥିଲେ । ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୨ ଲକ୍ଷର ବ୍ରାଉନସୁଗର ଜବତ: ଦୁଇ ଗିରଫ

କଟକ,(ସବ୍ୟୁ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଅଞ୍ଚଳର ଆକାଶ କୁମାର ନାୟକ(୩୦) ଓ ଶିଶିର ନାୟକ(୩୫) । ଏମାନଙ୍କ ପାଖରୁ ୧୧୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଶୁକ୍ରବାର ଅଭିଯୁକ୍ତ ଦ୍ୱୟ ଏକ ବାଇକରେ ନିଶାଦ୍ରବ୍ୟ ଧରି ରାଜପଥ ଆଡକୁ ଯାଉଥିଲେ । ଏହି ସୂଚନା ପାଇ ଅବକାରୀ ଟିମ ସଦର ଥାନା ଅନ୍ତର୍ଗତ ନଡିଆଗୁରୁଡି ଅଞ୍ଚଳରେ ଜଗି ରହିଥିଲା । ସେଠାରେ ଅଭିଯୁକ୍ତଙ୍କୁ ଅଟକାଇ ତଲାସି ନେବାରୁ ୧୧୮ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା । ଯାହାର ବଜାର ମୂଲ୍ୟ ପ୍ରାୟ ୧୨ ଲକ୍ଷ ୭୪ ହଜାର ଟଙ୍କା ହେବ । ଏମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି କଟକ, ଭୁବନେଶ୍ୱରରେ ବେପାର କରୁଥିବା ଜଣାପଡିଛି । ଗିରଫ ପରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ହେଲେ ଅନିଲ କୁମାର

ଭୁ ବ ନେ ଶ୍ୱ ର , ( ସ ବ୍ୟୁ ) : ଜେଏସଡବଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡର ଅଧ୍ୟକ୍ଷ ଅନିଲ କୁମାର ସିଂହ ସରକାରୀଭାବେ କନଫେଡରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ ।ତାଙ୍କର ଉଦବୋଧନରେ ଶ୍ରୀ ସିଂହ ଓଡିଶାର ଆର୍ଥିକ ଉନ୍ନତିକୁ ପ୍ରଶଂସା କରି କହିଥିଲେ ଯେ ରାଜ୍ୟ ପୂର୍ବରୁ ଧାତୁ ଓ ଖଣିଜ ଭିତ୍ତିକ ଅର୍ଥନୀତିରେ ପ୍ରସିଦ୍ଧ ଥିଲେ ମଧ୍ୟ ବର୍ତ୍ତମାନ ଏହା ଆଇଟି, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ମ୍ୟାନୁଫାକଚରିଂ ମାଧ୍ୟମରେ ଏକ ନୂତନ ଔଦ୍ୟୋଗିକ




କେନ୍ଦ୍ର ଭାବେ ଉର୍ଦ୍ଧ୍ୱକୁ ଆସୁଛି । ପ୍ରଗତିଶୀଳ ନୀତି ଓ ସକ୍ରିୟ ଶାସନ ପ୍ରଣାଳୀର କାରଣରୁ ଓଡିଶା ନୂତନ ପିଢ଼ୀର ଶିଳ୍ପଗୁଡିକ ପାଇଁ ଏକ ପସନ୍ଦସ୍ଥଳୀ ଭାବେ ଦ୍ରୁତ ଗତିରେ ଉଦୟ ହେଉଛି । ଶ୍ରୀ ସିଂହ ତାଙ୍କ ଅଧ୍ୟକ୍ଷତାକାଳୀନ ସମୟରେ ଶିଳ୍ପ ଓ ସରକାର ମଧ୍ୟରେ ସମନ୍ୱୟ ବୃଦ୍ଧି, ନବୀନତାକୁ ଉତ୍ସାହିତ କରିବା ଓ କୌଶଳ ଉନ୍ନତିକୁ ମଜବୁତ କରି ରାଜ୍ୟର ଉନ୍ନତିକୁ ଆଗେଇ ନେବାରେ ଗୁରୁତ୍ୱ ଦେବେ ବୋଲି କହିଥିଲେ ।

# ଓଡ଼ିଶା ଲଳିତ କଳା ଏକାଡ଼େମୀ ଦ୍ୱାରା
# ବିଶିଷ୍ଟ ଚିତ୍ରଶିଳ୍ପୀ ଗୋପାଳ କାନୁନଗୋଙ୍କ ଶ୍ରାଦ୍ଧୋତ୍ସବ ପାଳନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଲଳିତ କଳା ଏକାଡେମୀ(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ) ଦ୍ୱାରାରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷ ଭୁବନେଶ୍ୱର ଠାରେବିଶିଷ୍ଟ ଚିତ୍ରଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନଗୋଙ୍କ ଶ୍ରାଦ୍ଧୋତ୍ସୋବଆୟୋଜିତହୋଇଯାଇଛି ।ଏହି ଶ୍ରାଦ୍ଧୋତ୍ସବଅବସରରେ ଓଡ଼ିଶାର ବରିଷ୍ଠ ଚିତ୍ରଶିଳ୍ପୀ ସଂଘର୍ଷ ବିଷୟରେ ଅନେକ ତଥ୍ୟ ତଥା ଅନେକ ପ୍ରେରଣାଦାୟୀ କଥା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ ଚାରୁକଳା ମହାବିଦ୍ୟାଳୟର ବହୁ ଛାତ୍ର, ଛାତ୍ରୀ ଓ ଅନେକ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରି ସେହି ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ଜୀବନି, ସଂଘର୍ଷ ଓ ଚିତ୍ର କଳା କରିବାର କଳା କୌଶଳ ସମ୍ପର୍କରେ ଅନେକ



ରାମହରି ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତା ଗଜେନ୍ଦ୍ର ପ୍ରସାଦ ସାହୁ, ପୂର୍ବତନ ସଚିବ, ଓଡ଼ିଶା ଲଳିତ କଳା ଏକାଡ଼େମୀ,ଗଜେନ୍ଦ୍ର କୁମାର ପାଢୀ, ପୂର୍ବତନ ଅଧ୍ୟକ୍ଷ ସମ୍ମାନିତ ଅତିଥି ଭାବରେ ଓ ଶ୍ରୀମତୀ କବିତା ମହାନ୍ତି, ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀଯୋଗଦାନକରିଥିଲେ । ପଞ୍ଚାନନ ସାମଲ, ଅଧ୍ୟକ୍ଷ, ଧଉଳି ଚାରୁକଳା ମହାବିଦ୍ୟାଳୟ, ସୁବ୍ରତ କୁମାର ମଲ୍ଲିକ୍, ପୂର୍ବତନ ଅଧ୍ୟକ୍ଷ, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟ ମଧ୍ୟ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅତିଥିମାନେ ବିଶିଷ୍ଟ ଚିତ୍ରଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନଗୋଙ୍କ ଶ୍ରାଦ୍ଧୋତ୍ସବ ଜୀବନି ଓ ତାଙ୍କର କଳାତ୍ମକ ଜୀବନର ମୂଲ୍ୟବାନ ଉପଦେଶ ମାନ ବିଶିଷ୍ଟ ବକ୍ତା ମାନଙ୍କ ଠାରୁ ଜାଣିବାକୁ ପାଇଥିଲେ । ସ୍ୱର୍ଗତ କାନୁନଗୋଙ୍କ ରାଜ୍ୟରେ ସୃଜନମୂଳକ କାର୍ଯ୍ୟକ୍ରମମାନ କରି ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସହ ତାଙ୍କ ଜୀବନରେ ଅନେକ ସଂଗ୍ରାମ କରିଥିଲେ । ଆଗାମୀ ଦିନରେ ତାଙ୍କର ଚିତ୍ରକଳା ବିଷୟରେ ରାଜ୍ୟର କଳାପ୍ରେମୀଙ୍କୁ ଜଣାଇବା ପାଇଁ ଯୁବପିଢ଼ୀଙ୍କୁ ବକ୍ତା ମାନେ ଉତ୍ସାହିତକରିଥିଲେ ।ଏହି କାର୍ଯ୍ୟକ୍ରମକୁ ଏକାଡ଼େମୀର କାର୍ଯ୍ୟକ୍ରମକୁ ଏକାଡ଼େମୀର ସୁନୀଲ୍ କୁମାର ଡ଼ାକୁଆ ଏହି ସଭାକୁ ପରିଚାଳନା କରିବା ସହିତ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିମୁଣ୍ଡ ନଦୀ ତୁଠରେ ଶବ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ନିକଟ କୁଆଖାଇ ନଦୀ ତୁଠରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର କରିଥିଲେ । ଅଜଣା ବ୍ୟକ୍ତିଙ୍କୁ କେହି ହତ୍ୟା କରି ନଦୀରେ ପକାଇ ଦେବା ପରେ ତାହା ଭାସିଆସି ତୁଠରେ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି । ତାଙ୍କୁ କେହି ହତ୍ୟା କରି ଫୋପାଡି ଦେଇଥିବା ପୋଲିସ ସନ୍ଦେହ କରୁଥିଲେ ମଧ୍ୟ ଅପମୃତ୍ୟୁ ମାମଲା ରୁଜୁ କରି ଶବ ସଂରକ୍ଷିତ ରଖିଛି । ଜବତ ହୋଇଥିବା ଶବକୁ ଦେଖିବା ପରେ ଜଣାପଡିଛି ଯେ, ଦୁଇଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ । ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ପୋଲିସ ଅନ୍ଧୁଆରେ ପଡିଛି । ଶବ ସଂରକ୍ଷିତ ରଖାଯିବାର କାରଣ ଖବର ପାଇ କେହି ପରିବାର ଲୋକେ କାଲେ ଆସିବେ କି ? ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି କେହି ସମ୍ପର୍କୀୟ ନଆସନ୍ତି ତେବେ ସରକାରୀ ପ୍ରକ୍ରିୟା ଅନୁଯାୟୀ ଶବ ବ୍ୟବଚ୍ଛେଦ କରାଯାଇ ସଂସ୍କାର ହେବ ବୋଲି ପୋଲିସ କହିଛି ।

# ଓପିଜିସି ତରଫରୁ ଦଲଗାଁରେ ଚକ୍ଷୁ ଚିକିତ୍ସା ଶିବିର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡା ଜିଲ୍ଲାର ଦଲଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କେୟାର ନେତ୍ରମ, ଭୁବନେଶ୍ୱର ର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା । ସନ୍ତୋଷ ରୋହିଦାସ ଦଲଗାଁ ସରପଞ୍ଚ ଙ୍କ ଦ୍ୱାରା ଏହି ଶିବିର ଉଦ୍‌ଘାଟିତ ହୋଇଥିଲା ଓ ଏହି ଅବସରରେ ଓପିଜିସିର ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମ ର ମେଡିକାଲ ଟିମ ଉପସ୍ଥିତ ଥିଲେ । ଏହି ଶିବିର ସକାଳ ୯.୦୦ ଘଟିକା ରୁ ଆରମ୍ଭ ହୋଇ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ ଚାଲିଲା ଓ ଆଖପାଖ ୧୮ ଟି ଗ୍ରାମ ଯଥା ଦଲଗାଁ, ବାସୁପଲି, ବାଲିଆମୁଣ୍ଡା ବେଜିବନ୍ଧ, ଯମୁନା, ଫଲସଢ଼ିପ, ଗୁଡ଼ିଆଲି, ଡୁଡୁଲସିଂଗା, କାର୍ପବାହାଲ,



ନେଗୀପାଲି, ଖମାରଡ଼ିହି, ବନ୍ଧବାହାଲ ଆଦି ଗ୍ରାମ ଗୁଡ଼ିକରୁ ୨୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ସେଥି ମଧ୍ୟରୁ ୧୫୭ ମହିଳା ଓ ୧୩୧ ପୁରୁଷ ଓ ସମୁଦାୟ ୨୫ ୧ ଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା । ୩୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା । ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ଅମର ସିଂ, ଏହି ଶିବିରର ସଂଯୋଜନା କରିବାରେ ସାହାଯ୍ୟ କରିଥିଲେ ।

# ଜିନ୍ଦଲ ପାଣ୍ଟର ପକ୍ଷରୁ 'ଶାନ୍ତ ସିଟି, ସେଫ୍ ସିଟି' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ପାଣ୍ଟର, ଜିନ୍ଦଲ ଷ୍ଟିଲର ରିଟେଲ ବ୍ରାଣ୍ଡ ପକ୍ଷରୁ ଭୁବନେଶ୍ୱରରେ 'ଶାନ୍ତ ସିଟି, ସେଫ ସିଟି' ଅଭିଯାନର ଶୁଭାରମ୍ଭ କରାଯାଇଛି । ସହରର ୮୭% ବାସିନ୍ଦା ଟ୍ରାଫିକ୍ ଶବ୍ଦକୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ମାନୁଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି । ଏହି ଅଭିଯାନର ଲକ୍ଷ୍ୟ ହେଉଛି ସହରାଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ଶବ୍ଦ ପ୍ରଦୁଷଣ ଏବଂ ସଡ଼କ ସୁରକ୍ଷାକୁ ମୁକାବିଲା କରିବା । ଏହି ବିଷୟରେ ଗଭୀର ଅନୁଧ୍ୟାନ ପାଇଁ ଜିନ୍ଦଲ ପାଣ୍ଟର ୟୁଗଭ୍ ସହ ମିଶି ଭୁବନେଶ୍ୱରରେ ଏକ ସର୍ଭେ କରିଥିଲା, ଯାହା ଶବ୍ଦ ପ୍ରଦୁଷଣ କିଭଳି ଜନଜୀବନ ଏବଂ ଶାରୀରିକ ସୁସ୍ଥତା ଉପରେ ପ୍ରଭାବ ପକାଉଛି, ତାହାର ଏକ ଚିନ୍ତାଜନକ ଚିତ୍ର ପ୍ରଦାନ କରିଛି । ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରି ଗୌତମ ମାଲହୋତ୍ରା, ସିଇଓ, ଜିନ୍ଦଲ ଷ୍ଟିଲ କହିଛନ୍ତି, "ଭାରତୀୟ ସହର ଗୁଡ଼ିକରେ ଟ୍ରାଫିକର ଘନତ୍ୱ ବୃଦ୍ଧି ପାଇଛି, ତଥାପି ଶବ୍ଦ ପ୍ରଦୁଷଣ ସହରୀ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ ହୋଇ ରହିଥିଲେ ମଧ୍ୟ ଏହା ଉପରେ ଆଲୋଚନା ଖୁବ୍ କମ୍ ହେଉଛି । 'ଶାନ୍ତ ସିଟି, ସେଫ ସିଟି' ହେଉଛି ଏହି ଆଲୋଚନାରେ ସାଧାରଣ ଜନତାଙ୍କୁ ସାମିଲ କରିବାର ଏକ ବଡ଼ ପ୍ରୟାସ । ଭୁବନେଶ୍ୱରର ନାଗରିକମାନଙ୍କୁ ଆମେ ଏହି ଅଭ୍ୟାସଗତ ଅସ୍ୱାସ୍ଥ୍ୟକର ପରିବେଶ ବିଷୟରେ ସଚେତନ କରିବା ସହିତ ରାସ୍ତାରେ କିଭଳି ଅଧିକ ଦାୟିତ୍ୱବାନ ହୋଇପାରିବା, ତାହା ଆମେ ଜଣାଇବାକୁ ଚାହୁଁ । ଏହାର କାରଣ ଏକ ମଜବୁତ ସହର ଆମ ସମସ୍ତଙ୍କର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ହିଁ ଗଠିତ ହୋଇଥାଏ ।" ପାଖାପାଖି୭୦% ଲୋକ ବିଶ୍ୱାସ କରନ୍ତି ଯେ ଶବ୍ଦ ପ୍ରଦୂଷଣ କମିଲେ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇବ ଏବଂ ୫୮% ଲୋକ ଶାନ୍ତ ସହରକୁ ମାନସିକ ଚାପମୁକ୍ତ ଏବଂ ପଥଚାରୀଙ୍କ ପାଇଁ ନିରାପଦ ବୋଲି ମାନନ୍ତି । 'ଶାନ୍ତ ସିଟି, ସେଫ ସିଟି' ଏହି ଅଭିଯାନ ମାଧ୍ୟମରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିବା ପାଇଁ ଅଧିକ ଟ୍ରାଫିକ ଥିବା ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ, ରେଡ଼ିଓ ବିଜ୍ଞାପନ ଏବଂ ଗୋଷ୍ଠୀଗତ ଅଂଶଗ୍ରହଣ ଭଳି ଅନେକଗୁଡ଼ିଏ ପଦକ୍ଷେପ ନିଆଯିବ ।

## ହିଣ୍ଡାଲ୍‌କୋ ପକ୍ଷରୁ ଜାତୀୟ ମାନବାଧିକାର ସମ୍ମିଳନୀ

# ଅଧିକାର-ଭିତ୍ତିକ ବିକାଶ ଏବଂ ନୈତିକ ଶାସନ ପରିଚାଳନା ପାଇଁ ବିଶାରଦଙ୍କ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଏବଂ ସମାବେଶୀ ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢ଼ୀକରଣ କରିହିଣ୍ଡାଲ୍‌କୋଇଣ୍ଡଷ୍ଟ୍ରିଜଲିମିଟେଡ ଶୁକ୍ରବାର ଭୁବନେଶ୍ୱରରେ ଏକ ଜାତୀୟସ୍ତରୀୟ ମାବବାଧିକାର ସମ୍ବେଦୀକରଣ ସମ୍ମିଳନୀ ଆୟୋଜନ କରିଥିଲା । ଉକ୍ତ ସମ୍ମିଳନୀରେ ସମଗ୍ର ଦେଶରୁ ନୀତି ପ୍ରସ୍ତୁତକାରୀ, ଆଇନଜ୍ଞ, କର୍ପୋରେଟ ବ୍ୟକ୍ତିବିଶେଷ ଏବଂ ନାଗରିକ ସମାଜର ପ୍ରତିନିଧିବୃନ୍ଦ ଅଧିକାର-ଭିତ୍ତିକ ବିକାଶ ଏବଂ ନୈତିକ ଶାସନ ପରିଚାଳନା ସମ୍ପର୍କରେ ଆଲୋଚନା କରିବାକୁ ସମବେତ ହୋଇଥିଲେ । ଏହି ସମ୍ମିଳନୀ ମେ ଫେୟାର କନ୍‌ଭେନସନଠାରେ ହ୍ୟୁମାନ୍ ରାଇଟସ୍ ଫ୍ରଣ୍ଟ ସହଯୋଗୀତାରେ ଆୟୋଜିତ ହୋଇଥିଲା । ସମସ୍ତ ଶିଳ୍ପରେ ମାନବାଧିକାର ମାନକ ସମ୍ପର୍କରେ ଗଭୀର ଭାବରେ ଏକ ସମାନ ଓ ଗଭୀର ବୋଧଗମ୍ୟତା ସୃଷ୍ଟି କରିବାକୁ ବିବିଧ ଅଂଶୀଦାରମାନଙ୍କୁ ଏକତ୍ରିତ କରିବାକୁ ଏହା ଲକ୍ଷ୍ୟ ରଖିଥିଲା । ଉଦ୍‌ଘାଟନୀ ଅଧିବେଶନରେ ଡ.ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ସଦସ୍ୟ, ଜାତୀୟ ମାନବାଧିକାର ଆୟୋଗ ଜଷ୍ଟିସ ବିମଳ ପ୍ରସାଦ ଦାସ, ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ମାନବାଧିକାର କମିଶନ; ଅସିମ ଅମିତାଭ ଦାସ, ପୂର୍ବତନ ସଦସ୍ୟ, ଓଏଚ୍‌ଆରସି; ଡ.ନିବେଦିତା ନାଥ, କୁଳପତି, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି; ଏବଂ ଶ୍ରୀ ସମିକ ବସୁ, ଚିଫ୍ ହ୍ୟୁମାନ ରିସୋର୍ସେସ୍ ଅଫିସର, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଯୋଗଦେଇଥିଲେ । ଭି.ଆର.ଶଙ୍କର , ସିନିୟର ପ୍ରେସିଡେଣ୍ଟ ଓ ଚିଫ୍ ଲିଗାଲ ଅଫିସର, ହିଣ୍ଡାଲ୍‌କୋ; ଟି.ଏମ.ପ୍ରକାଶ, ପ୍ରେସିଡେଣ୍ଟ, ଏଚଆର, ହିଣ୍ଡାଲ୍‌କୋ ଏବଂ ସମ୍ମିଳନୀ ଆବାହକ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ । ମୁଖ୍ୟ




ଅଭିଭାଷଣ ପ୍ରଦାନ କରି ସମିକ ବସୁ କର୍ପୋରେଟ ପରିଚାଳନା ଏବଂ ବିକାଶ ପ୍ରୟାସସମୂହରେ ମାନବାଧିକାର ମୂଲ୍ୟବୋଧକୁ ଅନ୍ତର୍ନିହିତ କରିବାର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ । ଏହି ସମ୍ମିଳନୀରେ ତିନିଟି ମାନବାଧିକାର ପ୍ରସଙ୍ଗ ଆଧାରିତ ତିନିଟି ବିଷୟଗତ ପାନେଲ ଆଲୋଚନା ସ୍ଥାନ ପାଇଥିଲା ।

# ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ, ଦୁଇ ଗିରଫ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜଟଣୀ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଜଟଣୀ ଥାନା ଅନ୍ତର୍ଗତ କୁଦିଆରି ଓ ବୁଢ଼ାପଡ଼ା ଛକ ଅଞ୍ଚଳରେ ପୃଥକ ଚଢ଼ାଉ କରାଯାଇ ସେମାନଙ୍କ ନିକଟରୁ ୩୫ ଲିଟର ଆସ୍କା ୪୦ ମଦ ଓ ଏକ ସ୍କୁଟି ଜବତ କରାଯିବା ସହିତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ଯଥାକ୍ରମେ ପ୍ରଭାକର ବେହେରା (୩୫) ଏବଂ ଗୋବିନ୍ଦ ବେହେରା (୪୫) । ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ମୀନକେତନ ମହାଲ୍ଲିକ, ଏଏସଆଇ ସୁମତି ମହାନ୍ତି ଓ ଚିନ୍ମୟୀ ଦାଶ ପ୍ରମୁଖ ସାମିଲ ଥିଲେ ।

# ହିନ୍ଦୁ ଏକତା ମଞ୍ଚର ପ୍ରଥମ ବାର୍ଷିକୋତ୍ସବ ପାଳନ
# 'ଭାଗବତ ଟୁଙ୍ଗୀ' ପୁନରୁତ୍ଥାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ହିନ୍ଦୁ ଏକତା ମଞ୍ଚ (ଏଚ୍‌ଇଏମ୍) ପକ୍ଷରୁ ଗୁରୁବାର ଭୁବନେଶ୍ୱରର ଜୟଦେବ ଭବନ ରେ ପ୍ରଥମ ବାର୍ଷିକୋତ୍ସବ ପରିବେଶରେ ପାଳିତ ହୋଇଛି ।



ଏହି ଅବସରରେ ମହିଳାଙ୍କ ଦ୍ୱାରା ଭକ୍ତିମୟ କୀର୍ତ୍ତନ ପରିବେଷଣ ଦୀପ ପ୍ରଜ୍ୱଳନ, ପୁରସ୍କାର ବିତରଣ ଓ ଅତିଥିମାନଙ୍କ ପ୍ରେରଣାଦାୟକ ଉଦ୍‌ବୋଧନ ମାଧ୍ୟମରେ ହିନ୍ଦୁ ଏକତାର ବାର୍ତ୍ତା ପ୍ରସାର କରାଯାଇଥିଲା । ରାଜ୍ୟର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ କୋଟପାଡ଼ା ବିଧାୟକ ରୂପୁ ଭାତ୍ରା ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ଅତିଥିମାନେ ହିନ୍ଦୁ ଶାସ୍ତ୍ର, ଦର୍ଶନ ଓ ଇତିହାସର ଅଧ୍ୟୟନକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ, ଯାହା ମାଧ୍ୟମରେ ହିନ୍ଦୁ ସମାଜରେ ଗୌରବବୋଧ ଓ ସଚେତନତା ବୃଦ୍ଧି ପାଇବ । ସେଥିପାଇଁ ଓଡ଼ିଶାର ପ୍ରାଚୀନ ପରମ୍ପରା 'ଭାଗବତ ଟୁଙ୍ଗୀ' ପୁନରୁତ୍ଥାନ ଉପରେ ବିଶେଷ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରିହର କାନୁନ୍‌ଗୋ, ତିରୁମଳାଇ ବିଶ୍ୱବିଦ୍ୟାଳୟର ଉପକୁଳପତି, ସଂସ୍କୃତି ବିଶେଷଜ୍ଞ ଡା. ପ୍ରଫୁଲ୍ଲ ରଥ, ପୂର୍ବତନ ସାଂସଦ ଡା. ପ୍ରସନ୍ନ ପଟ୍ଟଶାଣୀ, ହିନ୍ଦୁ ଏକତା ମଞ୍ଚର ମୁଖ୍ୟ ପରାମର୍ଶଦାତା ଏବଂ ରାଷ୍ଟ୍ରୀୟ ପତ୍ରକାର ମହାସଂଘ (ନୂଆଦିଲ୍ଲୀ)ର ଜାତୀୟ ଅଧ୍ୟକ୍ଷ ଡା. ପବିତ୍ର ମୋହନ ସାମନ୍ତରାୟ, ସନ୍ୟାସିନୀ ଅରୁନ୍ଧତୀ ମାତା, ବାବା ବିଶ୍ୱନାଥ ଦାସ, ମହନ୍ତ କବୀନ୍ଦ୍ର ମହାରାଜ, ପୂର୍ବତନ ଏଆଇଆଇଏମଏସ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ ମହାପାତ୍ର, ଶିକ୍ଷାବିଦ୍ ଡା. ନିରଞ୍ଜନ ସାହୁ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି ହିନ୍ଦୁ ଧର୍ମ ଓ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଜେନା ସଂଗଠନ ର ଲକ୍ଷ୍ୟ ଓ ଆଭିମୁଖ୍ୟସମ୍ପର୍କରେ ନିଜର ବକ୍ତବ୍ୟ ରଖି ଥିଲେ. ସମ୍ପାଦକ ଡାକ୍ତର ପ୍ରଭାତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଆର୍ଯ୍ୟ ଦର୍ଶନ ନାମକ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା ।

# ବେଦାନ୍ତ ଝାରସୁଗୁଡାରେ ମହିଳା ବୃତ୍ତିଗତମାନେ ଶିଳ୍ପରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟର କେନ୍ଦ୍ରସ୍ଥଳରେ, ମହିଳା ବୃତ୍ତିଗତମାନେ ଆତ୍ମବିଶ୍ୱାସର ସହିତ ସେହି ଭୂମିକା ଗ୍ରହଣ କରୁଛନ୍ତି ଯାହାକି ପୂର୍ବରୁ ସେମାନଙ୍କ ପାଇଁ ସୀମା ବାହାରେ ବୋଲି ବିବେଚନା କରାଯାଉଥିଲା । ଏହା କରି, ସେମାନେ ନୂତନ ଉପାୟରେ ଭାରତର ଉତ୍ପାଦନ ଦୃଶ୍ୟପଟକୁ ପରିବର୍ତନ କରିବାରେ ସାହାଯ୍ୟ କରୁଛନ୍ତି । ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଂଟ ଶହ ଶହ ମହିଳା ବୃତ୍ତିଗତଙ୍କ ଘର, ଯେଉଁମାନେ ଜଟିଳ ବୈଷୟିକ ଭୂମିକା ପରିଚାଳନାରେ ନେତୃତ୍ୱ ନେଉଛନ୍ତି । ଏକ ସୁରକ୍ଷିତ ଏବଂ ସହାୟକ କାର୍ଯ୍ୟ ପରିବେଶ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଅନେକ ପଦକ୍ଷେପ ଦ୍ୱାରା ସମର୍ଥିତ, ମୁଖ୍ୟ ଶିଳ୍ପ କାର୍ଯ୍ୟରେ ସେମାନଙ୍କର ବୃଦ୍ଧି ପାଉଥିବା ଉପସ୍ଥିତି କମ୍ପାନୀର ଅନ୍ତର୍ଭୁକ୍ତିମୂଳକ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଦଶନ୍ଧି ଧରି, ଖଣି ଏବଂ ଧାତୁ ଶିଳ୍ପ ମଧ୍ୟରେ ମୁଖ୍ୟ କାର୍ଯ୍ୟରେ



ଭୂମିକାଗୁଡ଼ିକୁ ମୁଖ୍ୟତଃ କେବଳ ପୁରୁଷ ବୃତ୍ତିଗତମାନଙ୍କ ପାଇଁ ଉପଯୁକ୍ତ ଭାବରେ ବିବେଚନା କରାଯାଉଥିଲା, କାରଣ କାମ ଶାରୀରିକ ଭାବରେ ଦାବିଦାର କିମ୍ବା ମହିଳାମାନଙ୍କ ଦ୍ୱାରା ଗ୍ରହଣ କରିବା ପାଇଁ ଅତ୍ୟଧିକ ଜଟିଳ ବୋଲି ଭୁଲ ଧାରଣା ଥିଲା । ତଥାପି, ବେଦାନ୍ତ ଝାରସୁଗୁଡାରେ ମହିଳା ବୃତ୍ତିଗତମାନେ ବିଭିନ୍ନ ପ୍ରକାରର ଭୂମିକା ଗ୍ରହଣ କରୁଛନ୍ତି, ସେମାନଙ୍କୁ ଏକ ଶିଳ୍ପ-ବ୍ୟାପୀ ପରିବର୍ତନର ଅଗ୍ରଭାଗରେ ରଖିଛନ୍ତି ।

ବେଦାନ୍ତ ଝାରସୁଗୁଡ଼ାର ଲୋକୋମୋଟିଭ୍ ୟାର୍ଡ ଏହି ପରିବର୍ତ୍ତନର ଏକ ସ୍ପଷ୍ଟ ଉଦାହରଣ । ଏଠାରେ, ଲୋକୋମୋଟିଭ୍ କେବଳ ସାମଗ୍ରୀ ପରିବହନ ପାଇଁ ନୁହେଁ ବରଂ ସିମଲେସ୍ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଏ । ଆଲୁମିନାମା ଭଳି ଅତ୍ୟାବଶ୍ୟକୀୟ କଂଚାମାଲ ସଠିକ୍ ସମୟରେ ପ୍ଲାଂଟ ମଧ୍ୟରେ ପରିବହନ କରାଯିବା ଆବଶ୍ୟକ । ଏକ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ବର୍ତମାନ ଏହି ଶୃଙ୍ଖଳର ଏକ ଅବିଚ୍ଛେଦ୍ୟ ଅଂଶ, ସଠିକତାର ସହିତ ଇଞ୍ଜିନଗୁଡ଼ିକୁ ନେଭିଗେଟ୍ କରେ, କଠୋର ସୁରକ୍ଷା ପ୍ରୋଟୋକଲ୍ ଅନୁସରଣ କରେ, ଦଳ ମଧ୍ୟରେ ସମନ୍ୱୟ ରଖେ ଏବଂ ଭୂମିକା ଆବଶ୍ୟକ କରୁଥିବା ସତର୍କତା ସହିତ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି । ଏବେ, ଗୋଟିଏ ସମ୍ପୂର୍ଣ୍ଣ ପାତ୍ରକୁ ସମ୍ପୂର୍ଣ୍ଣ ମହିଳା ପରିଚାଳିତ କାର୍ଯ୍ୟରେ ପରିଣତ କରିବା ଝାରସୁଗୁଡ଼ାରେ ଏକ ଅର୍ଥପୂର୍ଣ୍ଣ ପରିବର୍ତନର ଚିହ୍ନ ଅଟେ । ଏହି ପରିବର୍ତ୍ତନଗୁଡ଼ିକର ଗୁରୁତ୍ୱ ଉପରେ ପ୍ରତିଫଳିତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ପ୍ରଗତି କେବଳ ପ୍ରଯୁକ୍ତିବିଦ୍ୟା ଏବଂ ସ୍କେଲ ଦ୍ୱାରା ନୁହେଁ ବରଂ ଆମର କାର୍ଯ୍ୟକୁ ଶକ୍ତି ଦେଉଥିବା ଲୋକଙ୍କ ଦ୍ୱାରା ମଧ୍ୟ ପରିଚାଳିତ ହୁଏ । ବେଦାନ୍ତ ଝାରସୁଗୁଡାରେ, ଆମେ ମହିଳା ବୃତ୍ତିଗତମାନଙ୍କ ପାଇଁ ମୁଖ୍ୟ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ସକ୍ରିୟ ଭାବରେ ରାସ୍ତା ନିର୍ମାଣ କରୁଛୁ । ଏହି ପ୍ରୟାସ ମାଧ୍ୟମରେ, ଆମେ ଆମର ବିଶ୍ୱାସକୁ ପୁନର୍ବାର ଦୋହରାଉଛୁ ଯେ ସୁଯୋଗର ପ୍ରବେଶ କେବଳ କ୍ଷମତା ଏବଂ ପ୍ରତିବଦ୍ଧତା ଦ୍ୱାରା ପରିଭାଷିତ ହେବା ଉଚିତ ।

# ମଝି ଆକାଶରେ ବିମାନ ଧକ୍କା: ୪ କ୍ରୁ ସଦସ୍ୟ ମୃତ



**ୱାଶିଂଟନ:** ଇରାନ ବିରୁଦ୍ଧରେ ଜାରି ରହିଥିବା ସାମରିକ ଅଭିଯାନ ମଧ୍ୟରେ ଆମେରିକା ଓ ଇସ୍ରାଏଲ ବଡ଼ ଧରଣର ସାମରିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ଆମେରିକା ବାୟୁସେନାର ଏକ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ଯୋଗାଣ ବିମାନ କେସି-୧୩୫ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣାରେ ବିମାନରେ ଥିବା ୬ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ଅନୁଯାୟୀ, ଏହି ଯୁଦ୍ଧରେ ଆନୁଷ୍ଠାନିକ ଭାବେ ଆମେରିକା ଏପର୍ଯ୍ୟନ୍ତ ୪ଟି ବିମାନ ହରାଇସାରିଲାଣି।ସେଣ୍ଟକମ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ଦୁଇଟି ବିମାନ ସାମିଲ ଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦେଖାଯାଉଛି ଯେ, ଦ୍ୱିତୀୟ ଆମେରିକୀୟ ଇନ୍ଧନ ଟ୍ୟାଙ୍କର୍ଟି କ୍ଷତିଗ୍ରସ୍ତ ଅବସ୍ଥାରେ ତେଲ ଅଭିଭ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ବିମାନର ପଛ ଅଂଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଇନ୍ଧନ ଭରିବା ସମୟରେ ଦୁଇଟି ଟ୍ୟାଙ୍କର୍ ବିମାନ ପରସ୍ପର ସହ ଧକ୍କା ହୋଇଥିଲେ, ଯାହାଫଳରେ ଗୋଟିଏ ବିମାନ ଖସିପଡ଼ିଥିବା ବେଳେ ଅନ୍ୟଟି କୌଣସି ପ୍ରକାରେ ଅବତରଣ କରିବାରେ ସଫଳ ହୋଇଛି।ଅନ୍ୟପଟେ ସେଣ୍ଟକମ୍ ସ୍ପଷ୍ଟ କରିଛି ଯେ, ଏହି ଦୁର୍ଘଟଣାରେ ଶତ୍ରୁପକ୍ଷର ଗୁଳିମାଡ଼ର କୌଣସି ପ୍ରମାଣ ମିଳିନାହିଁ। କିନ୍ତୁ, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିମାନର ବିନାଶ ଆମେରିକା ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଦୁର୍ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ଥଗିତ



**ନୂଆଦିଲ୍ଲୀ:** ଆମେରିକା ସହ ବାଣିଜ୍ୟ ରାଜିନାମା ନେଇ ଗତ ମାସରେ ସହମତି ହୋଇଥିଲା ମାତ୍ର ଭାରତ ବିରୋଧରେ ଆମେରିକା ଅନୁଚିତ କାରବାର ଅଭିଯୋଗରେ ତଦନ୍ତ ନିର୍ଦ୍ଦେଶ ଦେବା ଓ ଅଧିକ ଶୁଳ୍କ ଲଗାଇବା ଧମକ ଦେବା ପରେ ଉକ୍ତ ରାଜିନାମାକୁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ସମୟରେ ବାଣିଜ୍ୟ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବ ନାହିଁ। ଚଳିତ ବର୍ଷ ଫେବୃଆରିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଭାରତ ରଣନୀତି ବଦଳାଇ କୋହଳ ମନୋଭାବ ପୋଷଣ କରିଥିଲେ।

ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ। ରୁଷ ତେଲ କିଣୁଥିବାରୁ ଭାରତ ଉପରେ ଲଗାଯାଇଥିବା ୨୫ ପ୍ରତିଶତ ଜରିମାନା ଶୁଳ୍କକୁ ମଧ୍ୟ ପ୍ରତ୍ୟାହାର କରିଥିଲେ। ତେଣୁ ଚଳିତ ମାସରେ ଆମେରିକା ସହ ଏକ ଅନ୍ତରୀଣ ଚୁକ୍ତି ଓ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଆଶା ରଖିଥିଲା। କିନ୍ତୁ ଭାରତ ବିରୋଧରେ ଆମେରିକା ତଦନ୍ତ ଆରମ୍ଭ କରିବା ପରେ ସରକାର ଚୁକ୍ତିକୁ ନେଇ ନିଜ ମନ ବଦଳାଇଛନ୍ତି। ରାଜିନାମା ସ୍ୱାକ୍ଷରକୁ କିଛି ମାସ ଟାଳିଦେଇଛନ୍ତି।

ଗତ ମାସରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଲୋଚନା ଦିଗହରା ହୋଇଥିଲା। ସେହି ଘଟଣା ପରଠାରୁ ଦୁଇ ଦେଶ ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇନାହିଁ। ଅବଶ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଦୃଷ୍ଟିରୁ ରୁଷରୁ ତେଲ କିଣିବା ଲାଗି ଆମେରିକା ଭାରତକୁ ୩୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛି। ଭାରତର ଜଣେ ଅଧିକାରୀଙ୍କ କହିବାନୁସାରେ ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ କରିବା ପରେ ଯେଉଁସବୁ ରାଜିନାମା ଅଟକି ରହିଛି ତାହାକୁ ପୂର୍ଣ୍ଣ କରିବାକୁ ଏକ ଚାପ କୌଶଳ ଭାବେ ଆମେରିକା ତଦନ୍ତ ଆରମ୍ଭ କରିଛି। ତେଣୁ ସ୍ଥିତି କେଉଁ ଆଡ଼କୁ ଗତି କରୁଛି ତାହା ଉପରେ ଭାରତ ଏବେ ନଜର ରଖିବ। ଅନ୍ୟପକ୍ଷରେ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର କହିଛନ୍ତି ଯେ ଟ୍ରମ୍ପଙ୍କ ପାଖରେ ଶୁଳ୍କ ଲାଗୁ କରିବାର ଅନେକ ଉପକରଣ ରହିଛି। ସେଥିରୁ ଗୋଟିଏ ହେଉଛି ଏକ ନିୟମର ଧାରା ୩୦୧। ଯେଉଁ ଦେଶମାନଙ୍କ ସହ ଆମେ ଚୁକ୍ତି କରିଛୁ ତାହାକୁ ସେମାନେ ସମ୍ମାନ ଦେବେ ବୋଲି ଆମେ ଆଶା କରୁଛୁ। ଭାରତ ଚୁକ୍ତିକୁ ସମ୍ମାନ ଦେବ। କାରଣ ତାହା ଉଭୟ ପକ୍ଷ ପାଇଁ ଏକ ବିଜୟ ଭଳି ବୋଲି ସେ କହିଛନ୍ତି।

## ମୋବାଇଲ୍ ନେଟ୍‌ୱାର୍କ: ଓଡ଼ିଶାକୁ ୨,୨୨୯ କୋଟି ଆବଣ୍ଟନ

**ନୂଆଦିଲ୍ଲୀ:** କେନ୍ଦ୍ର ସଞ୍ଚାର ଓ ଉତ୍ତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ରାଜ୍ୟ ସଭାକୁ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ମୋବାଇଲ୍ ସଂଯୋଗ ବିସ୍ତାର ପାଇଁ ଓଡିଶାର ଟେଲିକମ୍ ଅପରେଟରମାନଙ୍କୁ ପ୍ରଦାନ କରାଯାଇଥିବା ସହାୟତା ବିଷୟରେ ସୂଚନା ଦେଇଛନ୍ତି। ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ, କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଡିଜିଟାଲ୍ ଭାରତ ନିଧି (ଡିବିଏନ୍) ଦେଶର ଅନୁନ୍ନତ ଗ୍ରାମାଞ୍ଚଳ, ଦୁର୍ଗମ ଏବଂ ସହରାଞ୍ଚଳରେ ଟେଲିକମ୍ ସେବାର ପ୍ରବେଶ ତଥା ବିତରଣକୁ ପ୍ରୋତ୍ସାହିତ କରି ସାର୍ବଜନୀନ ସେବାକୁ ସମର୍ଥନ କରିବା ପାଇଁ ଜନାଦେଶ ରହିଛି।୨୮ ଫେବୃଆରୀ, ୨୦୨୬ ସୁଦ୍ଧା, ଦେଶବ୍ୟାପୀ ଅନୁନ୍ନତ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳର ୪୬,୩୩୧ ଗ୍ରାମକୁ ସଂଯୋଗ ପ୍ରଦାନ କରିବା ପାଇଁ ୧୨ ଟି ଡିବିଏନ୍-ଆର୍ଥିକ ସହାୟତା ସହିତ ମୋବାଇଲ୍ ଟାୱାର ପ୍ରକଳ୍ପ ଅଧୀନରେ ମୋଟ ୩୪,୬୮୦ ଟି ମୋବାଇଲ୍ ଟାୱାର ଯୋଜନା କରାଯାଇଛି। ଏଥିମଧ୍ୟରୁ, ୭,୧୫୭ ଗ୍ରାମକୁ କଭର କରିବା ପାଇଁ ଓଡ଼ିଶା ରାଜ୍ୟର ୫,୧୮୨ଟି ମୋବାଇଲ୍ ଟାୱାର ଯୋଜନା କରାଯାଇଛି।କେନ୍ଦ୍ରମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ ଏହି ଯୋଜନାରେ ଓଡ଼ିଶାର ୧୩ଟି ଜିଲ୍ଲାରେ ୪,୪୭୦ଟି ମୋବାଇଲ୍ ଟାୱାର ଅନ୍ତର୍ଭୁକ୍ତ, ଯେଉଁଗୁଡ଼ିକର ଅଞ୍ଚଳ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅନୁଯାୟୀ ଅଧିସୂଚିତ।ସେ ଏହା ମଧ୍ୟ କହିଛନ୍ତି ଯେ ୨୮ ଫେବୃଆରୀ, ୨୦୨୬ ସୁଦ୍ଧା, ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ମୋବାଇଲ୍ ସେବା ଯୋଗାଇବା ପାଇଁ ଡିଜିଟାଲ୍ ଭାରତ ନିଧିରୁ ଟେଲିକମ୍ ଅପରେଟରମାନଙ୍କୁ ୨,୨୨୯.୩୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରାଯାଇଛି। ଏଥିରେ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅନୁଯାୟୀ ଅଧିସୂଚିତ ଜିଲ୍ଲାଗୁଡ଼ିକ ପାଇଁ ୧,୮୫୯.୯୫ କୋଟି ଟଙ୍କା ଅନ୍ତର୍ଭୁକ୍ତ।

# ଜୟଶଙ୍କରଙ୍କ ସହିତ କଥାହେଲେ ଇରାନ ବିଦେଶ ମନ୍ତ୍ରୀ



**ତେହେରାନ:** ଇରାନର ବିଦେଶ ମନ୍ତ୍ରୀ ଅବାସ ଅରାଘଚି ତାଙ୍କ ଭାରତ ପ୍ରତିପକ୍ଷ ସୁବ୍ରମଣ୍ୟମ ଜୟଶଙ୍କରଙ୍କ ସହିତ ଟେଲିଫୋନ ମାଧ୍ୟମରେ କଥା ହୋଇଛନ୍ତି। ଅରାଘଚି ପଶ୍ଚିମ ଏସିଆ ସଙ୍କଟ ଦୂର ଏବଂ ବ୍ୟାପକ ଭୂରାଜନୈତିକ ବିକାଶ ଉପରେ ଆଲୋଚନା କରିବା, ବିଶ୍ୱ ସ୍ଥିରତାକୁ ସମର୍ଥନ କରିବା ପାଇଁ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ଇରାନର ଏକ ବିବୃତି ଅନୁଯାୟୀ, ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଦେଖାଦେଇଥିବା ଆଞ୍ଚଳିକ ତଥା ବୈଶିକ ଅସ୍ଥିରତା ସମ୍ପର୍କରେ ଦୁଇ ନେତା କଥା ହୋଇଛନ୍ତି।ଇରାନ ତା'ର ସାର୍ବଭୌମତା ପାଇଁ ଲଢ଼ିବାର ଅଧିକାର ଅଛି ବୋଲି ଅରାଘଚି କହିଛନ୍ତି। ଇରାନ ଉପରେ ଫେବ୍ରୁଆରି ୨୮ ଆକ୍ରମଣ ପରେ ଚତୁର୍ଥ ଥର ପାଇଁ ଅରାଘଚି ଭାରତର ବିଦେଶ ମନ୍ତ୍ରୀ ଜୟଶଙ୍କରଙ୍କ ସହିତ କଥା ହୋଇଛନ୍ତି। ଇରାନ ଆମେରିକା-ଇସ୍ରାଏଲ ଆକ୍ରମଣକୁ ସାମରିକ ଆକ୍ରମଣ ବୋଲି ଅଭିହିତ କରି ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସଂଗଠନଗୁଡ଼ିକୁ ଏହାକୁ ନିନ୍ଦା କରିବାକୁ ସେ ଆହ୍ୱାନ କରିଥିଲେ ଏବଂ ବିଶ୍ୱ ସ୍ଥିରତାକୁ ସମର୍ଥନ କରିବାରେ ବ୍ରିକ୍ସର ଗୁରୁତ୍ୱ ଉପରେ ଅରାଘଚି ଆଲୋକପାତ କରିଥିଲେ। ଜୟଶଙ୍କର ତାଙ୍କ ପକ୍ଷରୁ କହିଛନ୍ତି ଯେ, ଭାରତ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗକୁ ବିସ୍ତାର କରିବାକୁ ପ୍ରସ୍ତୁତ ଏବଂ ଏହି କ୍ଷେତ୍ରରେ ସ୍ଥାୟୀ ସ୍ଥିରତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ତେହେରାନ ପକ୍ଷରୁ କୁହାଯାଇଛି। ଗୁରୁବାର ରାତିରେ ଦୁଇ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଏହି କଥାକୁ ଜୟଶଙ୍କର ମଧ୍ୟ ସ୍ୱୀକାର କରିଛନ୍ତି। ଏହାପୂର୍ବରୁ ମାର୍ଚ୍ଚ ୧୦ ତାରିଖରେ ଦୁଇ ନେତା କଥାବାର୍ତ୍ତା ହୋଇଥିଲେ।

## ସିଇସିଙ୍କୁ ହଟାଇବାକୁ ବିରୋଧଙ୍କ ନୋଟିସ



**ନୂଆଦିଲ୍ଲୀ:** ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟେଇବା ପାଇଁ ବିରୋଧୀ ସାଂସଦମାନେ ସଂସଦର ଉଭୟ ଗୃହରେ ନୋଟିସ ଦେଇଛନ୍ତି। ଲୋକସଭାର ୧୩୦ ସାଂସଦ ଓ ରାଜ୍ୟସଭାର ୬୩ ସାଂସଦ ଏହି ନୋଟିସରେ ଦସ୍ତଖତ କରିଛନ୍ତି। ଏଥିରେ ଇଣ୍ଡି ମେଣ୍ଟର ସମସ୍ତ ସଦସ୍ୟ ଦଳ ସାମିଲ ହୋଇଛନ୍ତି। ଆମ୍ ଆଦମୀ ପାର୍ଟି (ଆପ୍) ଏହି ମେଣ୍ଟରେ ନଥିଲେ ମଧ୍ୟ ନୋଟିସକୁ ସମର୍ଥନ କରିଛି। କେତେକ ସ୍ୱାଧୀନ ସାଂସଦ ଏହି ନୋଟିସରେ ଦସ୍ତଖତ କରିଥିବାବେଳେ ଆଉ କେତେକ ଏଥିରେ ସାମିଲ ହେବେ ବୋଲି କହିଛନ୍ତି। ସିଇସିଙ୍କୁ ତାଙ୍କ ପଦରୁ ହଟେଇବାକୁ ମହାଭିଯୋଗ ଆଣିବାରେ ଏହା ପ୍ରଥମ ଘଟଣା। ପଦରେ ରହି ଦଳୀୟ ତଥା ଭେଦଭାବ ପୂର୍ଣ୍ଣ କାର୍ଯ୍ୟକଳାପରେ ଜଡ଼ିତ ରହିଥିବା, ନିର୍ବାଚନୀ ଦୁର୍ନୀତିର ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରିବା ପରି ଅଭିଯୋଗ ରହିଛି। ବିରୋଧୀ ଅଭିଯୋଗ କରିଛନ୍ତି ଯେ, ସିଇସି ସ୍ୱତନ୍ତ୍ର ଭୋଟର ତାଲିକା ଅଭିଯାନ ମାଧ୍ୟମରେ ଶାସକ ବିଜେପିକୁ ସୁହାଇବା ଭଳି କାମ କରୁଛନ୍ତି।

# ଇରାନର "ଅପରେସନ୍ ଟ୍ରୁ ପ୍ରମିଜ୍-୪"



ୱାଶିଂଟନ/ତେହେରାନ: ପଶ୍ଚିମ ଏସିଆରେ ଯୁଦ୍ଧ ଏବେ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ ସଦସ୍ୟ ଦେଶଗୁଡ଼ିକୁ ସୂଚନା ଦେଇଛନ୍ତି ଯେ, ଇରାନ ଖୁବଶୀଘ୍ର ଆତ୍ମସମର୍ପଣ କରିବାକୁ ଯାଉଛି। ଏକ୍ସିଓସ ରିପୋର୍ଟ ଅନୁଯାୟୀ, ଏକ ଫୋନ କଲ୍ ଜରିଆରେ ଟ୍ରମ୍ପ ନିଜର ଆତ୍ମବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ଇରାନର ସାମରିକ ଶକ୍ତି ପ୍ରାୟତଃ ଶେଷ ହୋଇଯାଇଛି।ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ "ଟ୍ରୁଥ୍ ସୋସିଆଲ"ରେ ଏକ ପୋଷ୍ଟ କରି ଟ୍ରମ୍ପ ଇରାନକୁ କଠୋର ଚେତାବନୀ ଦେଇଛନ୍ତି। ସେ ଲେଖିଛନ୍ତି, "ଆମେ ଇରାନର ଶାସନକୁ ସାମରିକ ଓ ଆର୍ଥିକ ସବୁ ସ୍ତରରେ ଧ୍ୱଂସ କରିଦେଇଛୁ। ସେମାନଙ୍କ ନୌସେନା ଓ ବାୟୁସେନା ଏବେ ଅସ୍ତିତ୍ୱହୀନ। ସେମାନଙ୍କ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ନଷ୍ଟ ହୋଇଯାଇଛି।" ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ସେ ଦୀର୍ଘ ୪୭ ବର୍ଷର ଆତଙ୍କବାଦୀ କାର୍ଯ୍ୟକଳାପର ଅନ୍ତ ଘଟାଉଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## 'ଆଡୋବ୍'ର ସିଇଓ ଶାନ୍ତନୁଙ୍କ ଇସ୍ତଫା

**ନୂଆଦିଲ୍ଲୀ:** ଆମେରିକୀୟ ସଫ୍ଟୱେର କମ୍ପାନି ଆଡୋବର ସିଇଓ ପଦରୁ ପ୍ରବାସୀ ଭାରତୀୟ ଶାନ୍ତନୁ ନାରାୟଣ ଇସ୍ତଫା ଦେଇଛନ୍ତି। ଦୀର୍ଘ ୧୮ ବର୍ଷ ପରେ ସେ ଉକ୍ତ କମ୍ପାନି ଛାଡ଼ିଛନ୍ତି। ଶାନ୍ତନୁ ଇସ୍ତଫା ଦେଇଥିଲେ ମଧ୍ୟ ତାଙ୍କ ଉତ୍ତରାଧିକାରୀ ସନ୍ଧାନ ନ ହେବା ପର୍ଯ୍ୟନ୍ତ ସେ କାମ କରିବେ। ତାଙ୍କ ଉତ୍ତରାଧିକାରୀ ଖୋଜିବା ପାଇଁ କମ୍ପାନି ଏକ ସ୍ୱତନ୍ତ୍ର କମିଟି ଗଠନ କରିଛି। ଆମେରିକା ପ୍ରଯୁକ୍ତି ଦୁନିଆରେ ଯେଉଁ କେତେ ଜଣ ଭାରତୀୟ ନିଜକୁ ପ୍ରତିଷ୍ଠିତ କରିବା ସହ ଭାରତ ପାଇଁ ସୁନାମ ଆଣିଥିଲେ, ସେମାନଙ୍କ ମଧ୍ୟରୁ ଶାନ୍ତନୁ ହେଉଛନ୍ତି ଅନ୍ୟତମ।

## ଇରାନର ସର୍ବୋଚ୍ଚ ନେତାଙ୍କ ପାଇଁ ଜୀବନ ବୀମା ନାହିଁ

**ତେଲ ଅଭିଭ:** ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତବା ଖେମିନିଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଇରାନକୁ ଆତଙ୍କବାଦର ପୃଷ୍ଠପୋଷକ କହିବା ସହିତ ନୂଆ ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ପାଇଁ ତାଙ୍କ ପାଖରେ କୌଣସି ଜୀବନ ବୀମା ନାହିଁ ବୋଲି କହିଛନ୍ତି। ଆମେରିକା ଓ ଇସ୍ରାଏଲ ଇରାନ ଉପରେ ସେମାନଙ୍କ ତୀବ୍ର ଆକ୍ରମଣ ଜାରି ରଖିବେ ବୋଲି ନେତାନ୍ୟାହୁ ଚେତାଇ ଦେଇଛନ୍ତି। ଗୁରୁବାର ନେତାନ୍ୟାହୁ କହିଛନ୍ତି ଆମେରିକ ଓ ଇସ୍ରାଏଲ ଯୁଦ୍ଧ ଭଲ ଅଗ୍ରଗତି କରୁଛି। ଏହାପରେ ସେମାନେ ଇସ୍ରାଏଲ ବିରୋଧୀ ଆତଙ୍କବାଦୀ ଗୋଷ୍ଠୀଙ୍କ ମୁଖ୍ୟଙ୍କୁ ଟାର୍ଗେଟ କରିବେ ବୋଲି କହିଛନ୍ତି। ଇସ୍ରାଏଲ ଓ ଆମେରିକା ଇରାନର ଆଇଆରଜିସି ଓ ଅର୍ଦ୍ଧସାମରିକ ବାହିନୀ ବାସିଜ୍ ଉପରେ ଏହି ଯୁଦ୍ଧରେ ଶକ୍ତ ପ୍ରହାର କରିଛି ବୋଲି ନେତାନ୍ୟାହୁ କହିଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରି ୨୮ରେ ଆମେରିକା 'ଅପରେସନ ଏପିକ୍ ଫ୍ୟୁରି' ଓ ଇସ୍ରାଏଲ 'ଅପରେସନ ରୋରିଂ ଲାୟନ' ଆରମ୍ଭ କରିଥିଲେ। ଏଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା।

## ରଷିକେଶରେ ଆରଭିଏନଏଲ୍ ପ୍ରକଳ୍ପ ଦେଖିଲେ ଓଡ଼ିଶା ମିଡିଆ ଟିମ୍



**ଡେରାଡୁନ:** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉତ୍ତରାଖଣ୍ଡ ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ରଷିକେଶ ସ୍ଥିତ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନଏଲ୍) ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି । ଆରଭିଏନଏଲର ଡିଜିଏମ୍ (ସିଭିଲ୍) ଓମ୍ ପ୍ରକାଶ ମାଲଗୁଡୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ବହୁ ପ୍ରତିକ୍ଷିତ ରଷିକେଶ-କର୍ଣ୍ଣପ୍ରୟାଗ ରେଳ ଲାଇନ୍ ପ୍ରକଳ୍ପର ଗୁରୁତ୍ୱ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ସେ ସୂଚନା ଦେଇଥିଲେ ଯେ, ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ୧୨୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ପଥ ଉତ୍ତରାଖଣ୍ଡର ୫ଟି ଜିଲ୍ଲା ଯଥା ଡେରାଡୁନ, ଟିହରୀ, ପୌଡ଼ି, ରୁଦ୍ରପ୍ରୟାଗ ଏବଂ ଚାମୋଲିକୁ ସଂଯୋଗ କରିବଛ ହିମାଳୟ ଅଞ୍ଚଳରେ ଏହି ପ୍ରକଳ୍ପଟିକୁ ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଙ୍ଗ ଇଞ୍ଜିନିୟରିଂ କାର୍ଯ୍ୟ ଭାବେ ବିଚାର କରାଯାଉଛି । ପରିଦର୍ଶନ ଅବସରରେ ପ୍ରତିନିଧି ଦଳ ପ୍ରସ୍ତାବିତ ଶିବପୁରୀ ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ସୁଡ଼ଙ୍ଗ ମଧ୍ୟକୁ ଯାଇ କାର୍ଯ୍ୟର ସ୍ଥିତି ପରଖିଥିଲେ । ହିମାଳୟର କଠିନ ପଥର କାଟି କିଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ରେଳପଥ ନିର୍ମାଣ କରାଯାଉଛି, ସେ ବିଷୟରେ ସାମ୍ବାଦିକମାନେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ଏହା ପୂର୍ବରୁ ଗଣମାଧ୍ୟମ ପ୍ରତିନିଧି ଦଳ ଟେହରିରେ ଟିଏଚଡିସି ଇଣ୍ଡିଆ ଲିମିଟେଡ୍ ପରିଦର୍ଶନ କରିଥିଲେ । ଟେହରିର ଟିଏଚଡିସି ମୁଖ୍ୟ ମହାପ୍ରବନ୍ଧକ ଏମ୍.କେ. ସିଂହ ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ ଏବଂ ଭାରତର ଜଳବିଦ୍ୟୁତ୍ କ୍ଷେତ୍ରରେ ଟେହରି ଜଳବିଦ୍ୟୁତ୍ କମ୍ପ୍ଲେକ୍ସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଏହି ପ୍ରତିନିଧି ଦଳକୁ ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ଜେନା ଓ ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ପରିଚାଳନା କରୁଛନ୍ତି । ପରିଦର୍ଶନ ସମୟରେ ପିଆଇବି ଡେରାଡୁନର ସହକାରୀ ନିର୍ଦ୍ଦେଶକ ସଞ୍ଜୀବ ସୁନ୍ଦ୍ରିୟାଲ ମଧ୍ୟ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ଅଧିକ ବେଗରେ କାର୍ଯ୍ୟକ୍ଷମ ହୋଇଛି ନୂଆ ରେଳଟ୍ରାକ୍

**ନୂଆଦିଲ୍ଲୀ:** ଓଡ଼ିଶାରେ ରେଳବାଇ ବ୍ୟାପକ ଭାବରେ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ହାତକୁ ନେଇଛି। ଗତକିଛିବର୍ଷମଧ୍ୟରେ ବଜେଟ୍ ଆବଣ୍ଟନ ଯଥେଷ୍ଟ ବୃଦ୍ଧି ପାଇଛି। ଓଡ଼ିଶାରେ ସମ୍ପୂର୍ଣ୍ଣ/ଆଂଶିକ ଭାବରେ ଭିତ୍ତିଭୂମି ପ୍ରକଳ୍ପ ଏବଂ ସୁରକ୍ଷା କାର୍ଯ୍ୟ ପାଇଁ ବଜେଟ୍ ଆବଣ୍ଟନ ହୋଇଛି। ୦୧.୦୪.୨୦୨୫ ସୁଦ୍ଧା, ଓଡ଼ିଶାରେ ସମ୍ପୂର୍ଣ୍ଣ/ଆଂଶିକ ଭାବରେ ୬୭,୪୯୬ କୋଟି ଟଙ୍କାର ମୋଟ ୪୦୧୦ କିଲୋମିଟର ଲମ୍ବ ବିଶିଷ୍ଟ ୪୯ଟି ପ୍ରକଳ୍ପ (୧୯ ନୂତନ ଲାଇନ ଏବଂ ୩୦ ଦୋହରୀକରଣ) ମଞ୍ଜୁର ହୋଇଛି। ଏଥିମଧ୍ୟରୁ ୧,୪୨୯ କିଲୋମିଟର ଲମ୍ବ ରେଳଲାଇନକାର୍ଯ୍ୟକ୍ଷମ ହୋଇଛି ଏବଂ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୮,୦୪୩ କୋଟି ଟଙ୍କାଖର୍ଚ୍ଚ ହୋଇଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗିର (୩୦୧ କିଲୋମିଟର) ନୂତନ ଲାଇନ: ପ୍ରକଳ୍ପର ସଦ୍ୟତମ ମୂଲ୍ୟ ୫,୦୮୯ କୋଟିଟଙ୍କା। ଏହି ପ୍ରକଳ୍ପ ପାଇଁ ମାର୍ଚ୍ଚ, ୨୦୨୫ ସୁଦ୍ଧା ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୧୯୩୮ କୋଟି ଟଙ୍କା ମଧ୍ୟ ଯୋଗାଇ ଦିଆଯାଇଛି।

# ସୁପ୍ରିମକୋର୍ଟରେ "ଏଆଇ" ଯୁଗ : ହଟିବ ମାନବ ହସ୍ତକ୍ଷେପ




ନୂଆଦିଲ୍ଲୀ: ନ୍ୟାୟିକ ପ୍ରଶାସନରେ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ କୋର୍ଟ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ନୂତନ ଏଆଇ-ପରିଚାଳିତ ସଫ୍ଟୱେର୍ ଏଣିକି ମାମଲାଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ସହ ବିଭିନ୍ନ ବେଞ୍ଚକୁ ମାମଲା ଆବଣ୍ଟନ କରିବ।ଏକ ଆଭ୍ୟନ୍ତରୀଣ ତଦନ୍ତରୁ ରେଜିଷ୍ଟ୍ରି ମଧ୍ୟରେ ଥିବା ବ୍ୟବସ୍ଥାଗତ ବିଫଳତା ସାମ୍ନାକୁ ଆସିବା ପରେ ଏହି ସଂସ୍କାର ଅଣାଯାଇଛି। ପୁରୁଣା ବୈଷୟିକ ଭିତ୍ତିଭୂମି ଏବଂ ଦୀର୍ଘ ଦିନ ଧରି ଗୋଟିଏ ପଦବୀରେ ରହିଥିବା ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ମାମଲା ଆବଣ୍ଟନରେ ଅନିୟମିତତା ଦେଖାଦେଇଥିଲା। ଏହି "ରୋଷ୍ଟର" କ୍ଷମତା ସିଜେଆଇଙ୍କ କାର୍ଯ୍ୟାଳୟକୁ ସମାଲୋଚନାର ପରିସରକୁ ଆଣୁଥିବାରୁ, ଏବେ ଏଆଇ ବ୍ୟବହାର ଦ୍ୱାରା ମାନବ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯିବ। ରେଜିଷ୍ଟ୍ରିରେ ବର୍ଷ ବର୍ଷ ଧରି ଚାଲିଥିବା ଅଦକ୍ଷତା ଓ ରକ୍ଷଣଶୀଳତାକୁ ଶେଷ କରିବା ପାଇଁ ଅଧିକାରୀମାନଙ୍କର ଆନ୍ତଃବିଭାଗୀୟ ବଦଳି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ପରେ ଏହି ମାସ ଶେଷ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ବଦଳି ପ୍ରକ୍ରିୟା ଶେଷ ହେବ ବୋଲି ଆଶା କରାଯାଉଛି।ଇରଫାନ ସୋଲାଙ୍କିଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି ସମୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏକ ବଡ଼ ଧରଣର ପ୍ରଶାସନିକ ତ୍ରୁଟି ଲକ୍ଷ୍ୟ କରିଥିଲେ। ଉକ୍ତ ଆବେଦନରେ ଉତ୍ତର ପ୍ରଦେଶ ଗ୍ୟାଙ୍ଗଷ୍ଟର ଆଇନକୁ ଭାରତୀୟ ଦଣ୍ଡ ସଂହିତା, ୨୦୨୩ର ଧାରା ୧୧୧ ସହ ସଂଘର୍ଷ କରୁଥିବା ଦର୍ଶାଇ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଘଟଣା ପରେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟବସ୍ଥାର ସମୂଳ ପରିବର୍ତ୍ତନ ପାଇଁ ଅଣ୍ଟା ଭିଡ଼ିଛନ୍ତି।

## ଭାରତରେ ଶିକ୍ଷାଗତ ସହଯୋଗ ପାଇଁ ବିଏମଇର ଯୋଜନା



**ବୁଦାପେଷ୍ଟ:** ୟୁରୋପର ଅନ୍ୟତମ ପ୍ରତିଷ୍ଠିତ ବୈଷୟିକ ବିଶ୍ୱବିଦ୍ୟାଳୟ ବୁଦପେଷ୍ଟ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ଇକୋନୋମିକ୍ସ (ବିଏମଇ) ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ଶିକ୍ଷା ଗ୍ରହଣ କରୁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନିଜର ପହଞ୍ଚକୁ ମଜବୁତ କରିଛି । ନିଜର ଭାରତ-କେନ୍ଦ୍ରିତ ପହଞ୍ଚ ମାଧ୍ୟମରେ ବିଏମଇ ବିଶେଷ କରି ପୂର୍ବ ଓ ଦକ୍ଷିଣ ଭାରତରେ ଶିକ୍ଷା କାଉନ୍ସିଲର ଓ ଇନ୍‌ଷ୍ଟିଚ୍ୟୁସନାଲ ପାର୍ଟନରଙ୍କ ସହ ସହଭାଗିତାକୁ ସୁଦୃଢ଼ କରିବାକୁ ଯୋଜନା ରଖିଛି । ବିଏମଇର ଇଂରାଜୀ-ଭାଷାର ପ୍ରୋଗ୍ରାମ ଏବଂ ଆନ୍ତର୍ଜାତୀୟ ଆବେଦନକାରୀଙ୍କ ପାଇଁ ନାମଲେଖା ସମ୍ପର୍କରେ ଅଧିକ ସୂଚନାଓ୍ୱେବସାଇଟରେ ଉପଲବ୍ଧ ରହିଛି । ବିଏମଇ ଏହାର ଦୃଢ଼ ଶିକ୍ଷା ମାନଦଣ୍ଡ, ଗବେଷଣା ମହତ୍ୱ ଏବଂ ଇଞ୍ଜିନିୟରିଂ ଓ ପ୍ରାୟୋଗିକ ବିଜ୍ଞାନ ପ୍ରତି ଦୀର୍ଘସ୍ଥାୟୀ ଯୋଗଦାନ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଟେ । ଏହି ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ପାଠ୍ୟକ୍ରମରେ ପ୍ରମୁଖ ଆନ୍ତର୍ଜାତୀୟ ଓ୍ୟୁରୋପୀୟ ର୍ୟାଙ୍କିଙ୍ଗ ହାସଲ କରିଛି । ଭାରତ ସହ ବର୍ଦ୍ଧିତ ସମ୍ପୃକ୍ତି ସମ୍ପର୍କରେ ୟୁନିଭର୍ସିଟିର ପ୍ରବକ୍ତା ତଥା ବୈଦେଶିକ ପ୍ରସଙ୍ଗ ପାଇଁ ଭାଇସ-ରେକଟର, ଆନ୍ଦ୍ରାସ ନେମେସ୍ଲାକି କହିଛନ୍ତି, ଭାରତରେ ବହୁସଂଖ୍ୟକ ଉଚ୍ଚାଭିଳାଷୀ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ରହିଛନ୍ତି । ଛାତ୍ରଛାତ୍ରୀମାନେ ଏକ ଆନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ୟୁରୋପୀୟ କ୍ୱାଲିଫିକେଶନ, ପ୍ରାକଟିକାଲ ପ୍ରୋଜେକ୍ଟ-ଆଧାରିତ ଶିକ୍ଷା ଓ ଏକ କ୍ୟାମ୍ପସ କମ୍ୟୁନିଟି ମଧ୍ୟରେ ଇଂଟରନ୍ୟାଶନାଲ ଏକ୍ସପୋଜର ପାଇପାରିବେ, ଯେଉଁଠାରେ ୩୦ରୁ ଅଧିକ ଦେଶର ଛାତ୍ରଛାତ୍ରୀ ସାମିଲ ଅଛନ୍ତି ।

# ରୋହିତ-କୋହଲିଙ୍କ ପାଇଁ ବ୍ୟଗ୍ର ବିଦେଶୀ ବୋର୍ଡ

## ବଢ଼ିବ ଦିନିକିଆ ମ୍ୟାଚ ସଂଖ୍ୟା



ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଟି-୨୦ ବିଶ୍ୱକପ୍ ଜିତିବା ପରେ ଏବେ ଭାରତୀୟ ଦଳ ୩ ମାସ ବିଶ୍ରାମ ପରେ ଅନ୍ତର୍ଜାତୀୟ ମୁକାବିଲା ଖେଳିବ। ଅନ୍ୟଦେଶର ବୋର୍ଡ ଅନ୍ତର୍ଜାତୀୟ ନେଇ ବ୍ୟଗ୍ର ଅଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଯୋଗୁଁହିଁ ଅନ୍ୟ ଦେଶର ବୋର୍ଡ ଶୃଙ୍ଖଳା ଆୟୋଜନ ପାଇଁ ତତ୍ପରତା ଦେଖାଇଛନ୍ତି। ଅଧିକରୁ ଅଧିକ ଦିନିକିଆ ଶୃଙ୍ଖଳା ଆୟୋଜନ କରିବା ପାଇଁ ଜୋର ଦେଖାଉଛନ୍ତି। ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ଖବର ଅନୁସାରେ ଟିମ୍ ଇଣ୍ଡିଆର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତେ ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ପରି ଦେଶ ଦିନିକିଆ ଶୃଙ୍ଖଳା ଖେଳିବା ପାଇଁ ଆଗ୍ରହୀ ଅଛନ୍ତି। ଏପରିକି ପୂର୍ବ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ପାଇଁ ମଧ୍ୟ ରାଜି ଅଛନ୍ତି। ନ୍ୟୁଜିଲାଣ୍ଡରେ ପ୍ରଥମେ ୩ଟି ମ୍ୟାଚ ଖେଳାଯିବାକୁଥିବା ବେଳେ ଏବେ ଏହି ଦିନିକିଆ ଶୃଙ୍ଖଳାକୁ ୫ ମ୍ୟାଚ ବିଶିଷ୍ଟ କରାଯାଇଛି। ଟେଷ୍ଟ ଏବଂ ଟି-୨୦ରୁ ବିରାଟ ଓ ରୋହିତ ଅବସର ନେଇଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ ପୂର୍ବରୁ ଅଧିକରୁ ଅଧିକ ଦିନିକିଆ ସିରିଜ୍ ଆୟୋଜନ କରିବାକୁ ଚାହୁଁଛନ୍ତି ଅନ୍ୟ ଦେଶଗୁଡିକ। ରୋହିତ ଓ କୋହଲିଙ୍କ ଉପସ୍ଥିତି ଷ୍ଟାଡିୟମ ପୂର୍ଣ୍ଣ କରିବା ସହ ପ୍ରଶଂସକଙ୍କୁ କ୍ରିକେଟ ସହ ଯୋଡି ରଖିଛି ବୋଲି ଅନ୍ୟ ବୋର୍ଡ ଗୁଡିକର ବିଶ୍ୱାସ ରହିଛି। ବିସିସିଆଇ ମଧ୍ୟ ମିଳିଥିବା ପ୍ରସ୍ତାବ ଗୁଡିକ ଉପରେ ଆଗ୍ରହ ପ୍ରକାଶ କରୁଥିବା ଜଣାପଡିଛି। ଏହା ମଧ୍ୟରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ ପୂର୍ବରୁ ଅଧିକରୁ ଅଧିକ ମ୍ୟାଚ ଖେଳିବାକୁ ପାଇବ। ଯାହା ଟିମ୍ ଇଣ୍ଡିଆ ଫାଇଦା ରଖିବ ବୋଲି ଆଶା କରାଯାଉଛି। ଆଫଗାନିସ୍ତାନ, ଆୟର୍ଲାଣ୍ଡ ପରେ ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାକୁ ୫କୁ ବୃଦ୍ଧି କରିବାକୁ ଚାହୁଁଛି। ଶ୍ରୀଲଙ୍କା ବୋର୍ଡ ମଧ୍ୟ ଏନେଇ ବିସିସିଆଇ ସହ ଆଲୋଚନା କରିଛି।

# ଟିଲୋ କପ୍: ଫାଇନାଲରେ ନିମପୁର ଓଡ଼ିଶା




ଭୁବନେଶ୍ୱର,୧୩।୩(ସବ୍ୟୁ): ବନ୍ତ ଅଞ୍ଚଳର ହନୁମାନ ଜୀୟୁ ଷ୍ଟାଡିୟମରେ ଚାଲିଥିବା ଟିଲୋ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ନିମପୁର ଓଡ଼ିଶା ଦଳ ଜମାଣିଆ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ନିମପୁର ଓଡ଼ିଶା ୨୨ ରନ୍ ବ୍ୟବଧାନରେ ନେକ୍ସେଜ ହାଇଦ୍ରାବାଦକୁ ଧରାଶାୟୀ କରିଥିଲା। ପ୍ରଥମେ ବ୍ୟାଟିଂ କରି ନିମପୁର ଓଡ଼ିଶା ଦଳ ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୧ ରନ କରିଥିଲା। ରାଜେଶ ଧୂପର ୪୭ ରନ୍, ସୌମ୍ୟ ଲେଙ୍କା ୩୬ ରନ ଓ ରାମଚନ୍ଦ୍ର ବେହେରା ୨୧ ରନ୍ କରିଥିଲେ। ହାଇଦ୍ରାବାଦର ନମନ ମଞ୍ଜୁର ସର୍ବାଧିକ ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ହାଇଦ୍ରାବାଦ ଦଳ ୧୪୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ରାମ ଚନ୍ଦ୍ର ବେହେରାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟାର ବିଭୂ ପ୍ରସାଦ ମିଶ୍ର ଏବଂ ଅଶୋକ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସିଏଜି ଦିଲ୍ଲୀ ଏବଂ ଏ ଆଣ୍ଡ ଏସ୍ କୋଲକାତା ମଧ୍ୟରେ ଖେଳାଯିବ। ରବିବାର ଫାଇନାଲ ମ୍ୟାଚ ଆୟୋଜିତ ହେବ।

# ଆଇପିଏଲରୁ ହର୍ଷିତ ରାଣା ବାଦ



ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ ୧୯ ତମ ସଂସ୍କରଣ ପୂର୍ବରୁ କୋଲକାତା ନାଇଟ ରାଇଡର୍ସକୁ ଶକ୍ତ ଝଟକା ଲାଗିଛି। ଦଳର ତାରକା ଅଲରାଉଣ୍ଡ ହର୍ସିତ ରାଣା ଆହତ ସମସ୍ୟା କାରଣରୁ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛନ୍ତି।

ଟି-୨୦ ବିଶ୍ୱକପ ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ ବେଳେ ରାଣା ଆହତ ହୋଇଥିଲେ। ସେବେ ଠାରୁ ସେ କ୍ରିକେଟ୍ ପଡିଆରୁ ଦୂରରେ ଅଛନ୍ତି। ରିପୋର୍ଟ ଅନୁଯାୟୀ କେକେଆର ଏପର୍ଯ୍ୟନ୍ତ ହର୍ସିତଙ୍କ ବଦଳ ଖେଳାଳି କିଏ ହେବ। ସେ ନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନେଇ ପାରିନାହିଁ। ଶୁକ୍ରବାର କେକେଆର ଜିମ୍ବାୱେ ଦ୍ରୁତ ବୋଲର ବ୍ଲେସିଂ ମୁଜରବାନୀଙ୍କୁ ଦଳରେ ସାମିଲ କରିଥିବା ଘୋଷଣା କରିଛି। ୬ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ଡାହାଣ ହାତୀ ଦ୍ରୁତ ବୋଲର ଜିମ୍ବାୱେର ଜଣେ ପ୍ରମୁଖ ବୋଲର ଭାବେ ଉଭା ହୋଇଛନ୍ତି। ନିଜର ଉଚ୍ଚତା ଯୋଗୁଁ ପିଚରୁ ଅଧିକ ବାଉନ୍ସ ସହ ଇନିଂସର ଗୁରୁତ୍ୱପୂର୍ଣ୍ଣ ସମୟରେ ୱିକେଟ୍ ନେବାରେ ସେ ମାହିର।

ଟି-୨୦ କ୍ରିକେଟରେ ମୁଜରବାନୀଙ୍କର ଭଲ ଅଭିଜ୍ଞତା ରହିଛି। ସେ ୮୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୯୦ରୁ ଅଧିକ ୱିକେଟ୍ ଅକ୍ତିଆର କରିଛନ୍ତି। ଏହି ଫର୍ମାଟରେ ସେ ୮ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରି ଶ୍ରେଷ୍ଠ ସଫଳତା ପାଇଥିଲେ। ଆଗାମୀ ୧୭ ତାରିଖରେ ମୁଜରବାନୀ କୋଲକାତା ପହଞ୍ଚି ଦଳ ସହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ୧୫ରୁ କିଟରେ ଜାତୀୟ ଭଲିବଲ ଚାମ୍ପିଅନସିପ

ଭୁବନେଶ୍ୱର,୧୩।୩(ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ୨୬ତମ ଜାତୀୟ ୟୁଥ ଭଲିବଲ ଚାମ୍ପିଅନସିପ (ପୁରୁଷ ଓ ମହିଳା) ଆୟୋଜିତ ହେବାକୁଯାଉଛି। ପ୍ରଥମ କରି ଭାରତବର୍ଷରେ ଏହି ଟୁର୍ଣ୍ଣାମେଣ୍ଟ ୬ଟି ଇନଡୋର କୋଟରେ ଖେଳାଯିବ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବହୁମୁଖୀ ଇନଡୋର ଷ୍ଟାଡିୟମରେ ସୁବିଧା ସୁଯୋଗ ରହିଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଭଲିବଲ ଆସୋସିଏସନ୍ ମିଳିତ ଭାବେ ଆୟୋଜନ କରିଛନ୍ତି। ନିକଟରେ କିଟରେ ଫିବ ଭଲିବଲ ବିଚ ପ୍ରୋ-ଟୁର ଚ୍ୟାଲେଞ୍ଜ ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇଥିଲା। ତେଣୁ କିଟ୍ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଢ଼େର ଉପରେ ରହିଛି।

ଏହି ପ୍ରତିଯୋଗିତାର ପୁରୁଷ ଓ ମହିଳା ବର୍ଗରେ ୩୦ଟି ରାଜ୍ୟ ଓ ଦୁଇଟି ଅନୁଷ୍ଠାନର ଦଳ ଅଂଶଗ୍ରହଣ କରିବେ। ପାଖା ପାଖି ୧୨ ଶହ ଖେଳାଳି, ଅଫିସିଆଲ ଓ କର୍ମକର୍ତ୍ତା ସାରା ଦେଶରୁ କିଟରେ ଏକତ୍ରିତ ହେବେ। ଉଦଘାଟନୀ ଉତ୍ସବରେ ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସମସ୍ତ ଭଲିବଲ ସଂଘର ସଭାପତି ଓ ସମ୍ପାଦକ ମଧ୍ୟ ଉଦଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ମୁକ୍ତେଶ୍ୱର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଭୁବନେଶ୍ୱର,୧୩।୩(ସବ୍ୟୁ): ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡିଆରେ ଶୁକ୍ରବାର ଠାରୁ ଅଲଓଡ଼ିଶା ମୁକ୍ତେଶ୍ୱର ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ କିଶୋର ସ୍ପୋର୍ଟିଂ ୪୮ ରନ୍ ବ୍ୟବଧାନରେ କଟକର ନିମପୁର ସ୍ପୋର୍ଟିଂକୁ ପରାଜିତ କରିଛି। ବିଶ୍ୱଭୂଷଣ ବିହାରୀ ୭୫ ବଲରୁ ୧୦୩ ରନ୍ ସାଙ୍ଗକୁ ୨ ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ସ୍ପୋର୍ଟିଂ ୩୯.୩ ଓଭରରେ ୨୮୧ ରନ୍ କରି ଅଲଆଉଟ୍ ହୋଇଥିଲା। ଜବାବରେ ନିମପୁର ସ୍ପୋର୍ଟିଂ ୩୫.୧ ଓଭରରେ ୨୩୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ବିଧିବଦ୍ଧ ଭାବେ ଆରମ୍ଭ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଖିମଜୀ ଜୁଏଲାର୍ସଙ୍କ ପରିଚାଳନା ନିର୍ଦ୍ଦେଶକ ନିତେଶ ଖିମଜୀଙ୍କ ସହ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ପ୍ରଧାନ, ଅମରେଶ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ପ୍ରତାପ ଜେନା, ଏକାମ୍ର ବିଧାୟକ ବାବୁ ସିଂ, ଗୁରୁଜିତ ଚୌହାନ, ଗୌର ପ୍ରସାଦ ନନ୍ଦ, ସଞ୍ଜୀବ ହଂସ, ସରଣଜୀତ ସିଂ, ପ୍ରଦୋଷ ମହାନ୍ତି, ଅଜିତ କୁମାର ବିଶ୍ୱାଳ, ଆଞ୍ଜେଲ ରୋମୀ ମିଶ୍ର, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଦ୍ୱିତୀୟ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ ଟାଉନ କ୍ଲବ୍ ଏବଂ ପୁରୀ ପାଓନିୟର ମଧ୍ୟରେ ଖେଳାଯିବ।

# ବିଳାସ ରାଉତରାୟ ଫୁଟବଲ ଚାମ୍ପିଅନସିପ :ପ୍ରତାପ କ୍ଲବ ଚାମ୍ପିଅନ



ଭୁବନେଶ୍ୱର,୧୩।୩(ସବ୍ୟୁ): ଦଶମ ଅଲଓଡ଼ିଶା ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଚାମ୍ପିଅନସିପ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକର ପ୍ରତାପ ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଛି। ଅନୁଷ୍ଠିତ ଫାଇନାଲରେ ପ୍ରତାପ କ୍ଲବ୍ ୭-୬ ଟାଇବ୍ରେକର ଗୋଲରେ ଫ୍ରେଣ୍ଡସ ପାରାଡାଇଜ କ୍ଲବକୁ ପରାସ୍ତ କରିଥିଲା।

ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ପ୍ରତାପ କ୍ଲବ୍ ଓ ୟୁନାଇଟେଡ କ୍ଲବ ପରସ୍ପରକୁ ଭେଟିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚଟି ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ତେଣୁ ଟାଇବ୍ରେକର ଜରିଆରେ ପ୍ରତାପ କ୍ଲବ ୪-୩ ଗୋଲରେ ଯାଜପୁରର ୟୁନାଇଟେଡ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଗଣ୍ଡରପୁର ୟୁନାଇଟେଡ କ୍ଲବ ଏବଂ ଜଟଣୀ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ଫ୍ରେଣ୍ଡସ ପାରାଡାଇଜ ଜଟଣୀ ୨-୧ ଗୋଲରେ ଗଣ୍ଡରପୁର ୟୁନାଇଟେଡ କ୍ଲବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ମ୍ୟାଚରେ ରୋଚକ ଲଢ଼େଇ ଦେଖିବାକୁ ମିଳିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତାପ କ୍ଲବ ଓ ଫ୍ରେଣ୍ଡସ ପାରାଡାଇଜ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ତେଣୁ ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଟାଇବ୍ରେକରେ ପ୍ରତାପ କ୍ଲବ ୭-୬ ଗୋଲରେ ଜଟଣୀକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୦,୦୦୦ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ମହାପାତ୍ର, ବିଳାସ ରାଉତରାଏ, ଫାଉଣ୍ଡେସନର ଅଧ୍ୟକ୍ଷ ବସନ୍ତ ରାଉତରାୟ ଉପସ୍ଥିତ ଥିଲେ।

# ରାତ୍ରି କାଳୀନ କ୍ରିକେଟ: ଆନନ୍ଦପୁର ଚାମ୍ପିଅନ

ଆଠମଲ୍ଲିକ,୧୩।୩(ନିପ୍ର) ଆଠମଲ୍ଲିକ ଉପଖଣ୍ଡ ୯ ନମ୍ବର ୱାର୍ଡ ରାମେଶ୍ୱର ପାଟଣା ସାହି ପଡ଼ିଆ ରେ ଅନୁଷ୍ଠିତ ହୋଇଥିବା ମା ରୁଦ୍ର ଭବାନୀ କ୍ଲବ ଆନୁକୂଲ୍ୟରେ ରାତ୍ରି କାଳୀନ ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସ ରେ ଫାଇନାଲ ମ୍ୟାଚ ଆନନ୍ଦପୁର ଏବଂ ତାଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆନନ୍ଦ ପୁର ଚାମ୍ପିଅନ ହୋଇଥିବା ବେଳେ ତାଜ କ୍ଲବ ରନର୍ସ ଅପ ହୋଇଥିଲା । ଅମପେୟାର ଭାବରେ ଜଗା ଏବଂ କାନ୍‌ହା ଖେଳ କୁ ପରିଚାଳନା କରିଥିବା ବେଳେ କମଳ ବାହୁକ ଧାରା ବିବରଣୀ ଏବଂ ଗୋବିନ୍ଦ ପାଣ୍ଡେ ସ୍କୋର ର ଦାୟିତ୍ୱ ତୁଲାଇଥିଲେ । ଏହି ଉଦଯାପନୀ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ପ୍ରସନ୍ନ ଟେଟେ, ସମ୍ମାନିତ ଅତିଥି ଭାବେ ସହକାରୀ ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠୀ, ଯୁବ ଉଦ୍ୟୋଗୀ ଅମ୍ଳାନଜ୍ୟୋତି ମିଶ୍ର, ସ୍ୱେଚ୍ଛାସେବୀ କୃଷ୍ଣ ଚନ୍ଦ୍ର ଭୋକ୍ତା, ଶିକ୍ଷାବିତ ବିଭୁ ରଞ୍ଜନ ସାହୁ, ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର ଉପସ୍ଥିତ ରହି ଉଭୟ ଦଳ ର ଖେଳାଳି ମାନଙ୍କ ସହ କର ମର୍ଦ୍ଦନ କରିବା ସହିତ ଉଭୟ ଦଳ ର ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଚାମ୍ପିଅନ ହୋଇଥିବା ଆନନ୍ଦ ପୁର ରନର୍ସ ଅପ ହୋଇଥିବା ତାଜ କ୍ଲବ କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଏବଂ ଆର୍ଥିକ ରାଶି ପ୍ରଦାନ କରା ଯାଇଥିଲା । ମା ରୁଦ୍ର ଭବାନୀ କ୍ଲବ ର ସଭାପତି ବିଶାଲ କୁମାର ସାହୁ, ସମ୍ପାଦକ ଯୁଧିଷ୍ଠିର ମହାକୁଡ଼, କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ଭୋକ୍ତା, ମେମ୍ବର ରଞ୍ଜିତ ରଣା, ଶକ୍ତି ବେହେରା, ସିପୁନ କଉଡ଼ି, ଗୋବିନ୍ଦ ପାଣ୍ଡେ, ସିଲୁ ଦେହୁରୀ, ସୁଧାଂଶୁ ଶେଖର ଭୋକ୍ତା, ରମନ ପ୍ରଧାନ, ଶୁଭ୍ରାଂଶୁ ଶେଖର ସାହୁ, କରନ ପାଣ୍ଡେ, ରିତେଶ ପାଣ୍ଡେ ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା ରେ ସହଯୋଗ କରିଥିଲେ।

# ୩୦୦ ଛକା କ୍ଲବରେ ସାମିଲ ହେବେ ବିରାଟ

ବେଙ୍ଗାଲୁରୁ,୧୩।୩(ଏଜେନ୍ସି): ଆଇପିଏଲର ୧୯ତମ ସଂସ୍କରଣ ମାର୍ଚ୍ଚ ୨୮ରୁ ଆରମ୍ଭ ହେବାକୁଯାଉଛି। ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ। ଆଇପିଏଲର ଏହି ସଂସ୍କରଣରେ ଆରସିବିର ଷ୍ଟାର ବ୍ୟାଟର ବିରାଟ କୋହଲି ଆଉ ୯ଟି ଛକା ମାରିଲେ ନିଜ ନାଁରେ ନୂଆ କୀର୍ତ୍ତିମାନ ଯୋଡିବେ। କୋହଲି ଏବେ ୨୫୯ ମ୍ୟାଚ ଖେଳି ୨୯୧ ଛକା ମାରିଛନ୍ତି। ଆଉ ୯ଟି ଛକା ହେଲେ ସେ ୩୦୦ କ୍ଲବରେ ସାମିଲ ହେବେ। କେବଳ ରୋହିତ ଶର୍ମା ତାଙ୍କ ଆଗରେ ରହିଛନ୍ତି। ସେ ୩୦୨ ଛକା ମାରିଛନ୍ତି। ଆଇପିଏଲରେ ସର୍ବାଧିକ ଛକା ମାରିବା ରେକର୍ଡ କ୍ରିସ ଗେଲଙ୍କ ନାଁରେ ରହିଛି। ସେ ମୋଟ୍ ଉପରେ ୩୫୭ ଛକା ମାରିଛନ୍ତି। ସେହିଭଳି ଚୌକା ମାରିବା ରେକର୍ଡ କୋହଲିଙ୍କ ନାଁରେ ରହିଛି। କୋହଲି ମୋଟ୍ ୭୭୧ ଚୌକା ମାରିଛନ୍ତି। ଗତ ସଂସ୍କରଣରେ କୋହଲି ୬୫୭ ରନ୍ ସଂଗ୍ରହ କରିଥିଲେ। ତାଙ୍କ ବ୍ୟାଟରୁ ୮ ଅର୍ଦ୍ଧଶତକ ବାହାରିଥିଲା। ଏଥିରେ ୧୯ଛକା ଓ ୬୬ ଚୌକା ଥିଲା। ଏବେ ସେ ଭଲ ଫର୍ମରେ ଥିବାରୁ ୨୦୨୬ ସଂସ୍କରଣରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଆଇସିସି ବିଶ୍ୱକପ

## ୧୫ ଶହ କୋଟିରୁ ଊର୍ଦ୍ଧ୍ୱ ଆୟ

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପରେ ଆଇସିସି ଏବଂ ଏହା ସହିତ ଜଡିତ ବ୍ରାଣ୍ଡମାନେ ଫାଇଦାରେ ରହିଛନ୍ତି। ରିପୋର୍ଟ ମୁତାବକ ବିଶ୍ୱକପରେ ବିଜ୍ଞାପନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୧୫୦୦ରୁ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ ହୋଇଛି। ଭାରତ ଓ ପାକିସ୍ତାନ ମ୍ୟାଚରେ ସର୍ବାଧିକ ଆୟ ହୋଇଛି। ମ୍ୟାଚ ଗୁଡିକରେ ବିଜ୍ଞାପନ ଦର ୧୦ ସେକେଣ୍ଡକୁ ୭.୫ ଲକ୍ଷ ଟଙ୍କା ଥିବା ବେଳେ ଭାରତ-ପାକିସ୍ତାନ ମ୍ୟାଚ, ସେମିଫାଇନାଲ ଓ ଫାଇନାଲରେ ଏହାର ମୂଲ୍ୟ ୧୬ ଲକ୍ଷ ପର୍ଯ୍ୟନ୍ତ ଯାଇଥିଲା। ଏପରିକି ଭାରତ-ପାକିସ୍ତାନ ମ୍ୟାଚ ବି ବିଜ୍ଞାପନ ସ୍ଲଟ ୨୫ ଲକ୍ଷ ଟଙ୍କା ଛୁଇଁ ଥିଲା। ଡିପି ୱାର୍ଲ୍ଡ ଓ ଏମିରେଟ୍ସ ଆରସିସି ଆଇସିସିର ପ୍ରମୁଖ ସ୍ପୋନସରର କମ୍ପାନୀ ଥିଲେ। ଏହି କମ୍ପାନୀ ଗୁଡିକ ୭୫ କୋଟି ଟଙ୍କା ଲେଖାଏଁ ସୃଷ୍ଟି କରିଥିଲେ। ଫାଇନାଲରେ ଭାରତ ୯୬ ରନ ବ୍ୟବଧାନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ସଞ୍ଜୁ ସାମସନ ୮୯ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଭାରତ ୨୫୫ ରନ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୫୯ ରନର ଅଲଆଉଟ୍ ହୋଇଥିଲା। ଟି-୨୦ ବିଶ୍ୱକପ ଆୟ ସମ୍ପର୍କରେ ଆଇସିସି ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ।

# ବାପାଙ୍କ ଦୁଇପଦ କଥାରେ ଅଭିଶେକଙ୍କ ବ୍ୟାଟ ଗର୍ଜିଲା



ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଟି-୨୦ ବିଶ୍ୱକପ ସରିଯାଇଛି। ଭାରତ ମଧ୍ୟ ଚାମ୍ପିଅନ ହୋଇସାରିଛି। ଫାଇନାଲରେ ନ୍ୟୁଜିଲାଣ୍ଡକୁ ଟିମ୍ ଇଣ୍ଡିଆ ପରାସ୍ତ କରିଥିଲା। ଏହି ମ୍ୟାଚରେ ଚମତ୍କାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଅଭିଶେକ ଶର୍ମାଙ୍କ ପ୍ରଦର୍ଶନକୁ ନେଇ ବଡ଼ ଖୁଲାସା ହୋଇଛି। ସମଗ୍ର ଟୁର୍ଣ୍ଣାମେଣ୍ଟରେ ତାଙ୍କ ବ୍ୟାଟ ନିରବ ରହିଥିଲା। ଫାଇନାଲରେ ସେ ଖେଳିଥିଲେ ଆତ୍ମବିଶ୍ୱାସ ଭରା ବିସ୍ଫୋରକ ଇନିଂସ। ଯାହା ଟିମ୍ ଇଣ୍ଡିଆକୁ ଭଲ ଆରମ୍ଭ ଦେବାରେ ସକ୍ଷମ ହୋଇଥିଲା।

ଅଭିଶେକ ଶର୍ମା ବାରମ୍ବାର ବିଫଳ ହେବା ପରେ ନିରାଶ ହୋଇଯାଇଥିଲେ। ଫାଇନାଲରେ ଖେଳିବେ କି ନାହିଁ ସେ ନେଇ ସନ୍ଦେହ ଥିଲା। ତଥାପି କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଅଭିଶେକଙ୍କୁ ଭରଷା କରିଥିଲେ।

ଟି-୨୦ ବିଶ୍ୱକପ ଅଭିଶେକଙ୍କ ସହଜ ନଥିଲା। କିନ୍ତୁ ବାପାଙ୍କ କିଛି ପଦ କଥା ହିଁ ଫାଇନାଲରେ ମୋଡ଼ ବଦଳାଇ ଦେଇଥିଲା। ନିଜେ ଅଭିଶେକଙ୍କ ବାପା ରାଜ କୁମାର ଶର୍ମା ଗଣମାଧ୍ୟମରେ ପ୍ରକାଶ ପାଇଛନ୍ତି। ରାଜ ଶର୍ମା କହିଛନ୍ତି ଅଭିଶେକ ନେଟ୍ ଅଭ୍ୟାସ ବେଳେ କିଛି ସମୟ ଆଲୋଚନା କରିଥିଲେ। ଆରମ୍ଭରୁ ସେମାନେ ବେଶି ସମୟ କଥା ହେବାରୁ ସମୟ ପାଉନଥିଲେ। କିନ୍ତୁ ଫାଇନାଲ ପୂର୍ବରୁ ବ୍ୟସ୍ତ ହୁଅ ନାହିଁ, ଖରାପ ସମୟ ଶୀଘ୍ର ଚାଲିଯିବ ବୋଲି ଅଭିଶେକଙ୍କୁ କହିଥିଲେ। ସବୁ ଖେଳାଳିଙ୍କ ଜୀବନରେ ଏମିତି ସମୟ ଆସିଥାଏ କିନ୍ତୁ ସବୁ ଦିନ ପାଇଁ ଖରାପ ସମୟ ରହେ ନାହିଁ। ଏତିକି କଥା ଅଭିଶେକଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଥିଲା। ଅଭିଶେକ ଟି-୨୦ କ୍ରିକେଟରେ ନଂ.୧ ବ୍ୟାଟର । ଟି-୨୦ ବିଶ୍ୱକପରେ ସେ ଆରମ୍ଭରୁ ଲଗାତାର ୩ଥର ବିନା ସ୍କୋରରେ ଆଉଟ୍ ହୋଇଥିଲେ। ଏହାପରେ ଜିମ୍ବାୱେ ବିପକ୍ଷରେ ତାଙ୍କ ବ୍ୟାଟରୁ କିଛି ରନ ବାହାରି ଥିଲା। ହେଲେ ସେମିରେ ଇଂଲଣ୍ଡ ବିପକ୍ଷରେ ପୁଣି ନିରାଶ କରିଥିଲେ। କିନ୍ତୁ ଫାଇନାଲରେ ସେ ସବୁ ପଛ କଥା ଏବେ ଅଲୋଡା ରେକର୍ଡକୁ ଭୁଲି ବ୍ୟାଟିଂ କରିବା ସହ ଅର୍ଦ୍ଧଶତକ ହାସଲ କରିଥିଲେ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି